Website: sanchar.live
mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 172 ଭାଗ ୩୪ | ସଂଖ୍ୟା ୧୭୨

ସଂଚାର
THE SANCHAR

Saturday 12 September 2026 | Page 8 Rs. 5.00
ଭୁବନେଶ୍ୱର ଶନିବାର, ୧୨ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

सत्यमेव जयते
GOVERNMENT OF INDIA

*"Our goal will be to redefine BRICS as Building Resilience and Innovation for Cooperation and Sustainability. Just as we brought inclusivity to our G-20 Presidency and placed the concerns of the Global South at the forefront of the agenda, similarly, during our Presidency of BRICS, we will advance this forum with a people-centric approach and the spirit of 'Humanity First.'"*

*- Shri Narendra Modi, Prime Minister*



# Shaping an Inclusive Future

BRICS
INDIA 2026

BUILDING FOR RESILIENCE, INNOVATION, COOPERATION AND SUSTAINABILITY

## BRICS SUMMIT

12 - 13 September 2026 New Delhi, India

As BRICS completes twenty years, India's Chairship marks a defining moment. It is uniting emerging and developing economies to build resilient, innovative, sustainable and inclusive societies.

## HIGHLIGHTS

400+ Meetings | 30+ Cities in India | 20+ Ministerials | 10,000+ Participants

www.brics2026.gov.in BRICS2026India brics2026 BricsIndia2026 BRICS India

CBC 14129/13/0023/2627

# ମହାପ୍ରଭୁଙ୍କ ଜମି ହାତେଇଛନ୍ତି ଆଇନମନ୍ତ୍ରୀଙ୍କ ପରିବାର: କଂଗ୍ରେସ

## ନିର୍ଦ୍ଦୋଷ ପ୍ରମାଣିତ କରିବାକୁ ସତ୍ୟପାଠ ପାଇଁ ଆହ୍ୱାନ



**ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ):** ଓଡ଼ିଶାର ବିଭିନ୍ନ ଜିଲ୍ଲାରେ, ଓଡ଼ିଶା ବାହାରେ, ଏପରିକି ବିଦେଶରେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶହ ଶହ କୋଟି ଟଙ୍କା ମୂଲ୍ୟର ଜମି ରହିଛି। ତେବେ ସେଗୁଡ଼ିକ ମଧ୍ୟରୁ ଅନେକ ପ୍ରଭାବଶାଳୀ ଲୋକଙ୍କ ଦ୍ୱାରା ଜବରଦଖଲରେ ରହିଛି। ସେସବୁ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଦୂରେ ଥାଉ, ନିଜେ ଖୋଦ୍ ଆଇନମନ୍ତ୍ରୀଙ୍କ ପରିବାର ଜବରଦଖଲରେ ଲିପ୍ତ ଅଛନ୍ତି ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଅଭିଯୋଗ କରିଛି।

ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡ. ପଞ୍ଚାନନ କାନୁନଗୋ କହିଛନ୍ତି ଯେ ଯାହା ହାତରେ ଚାବିକାଠି, ସେ ସବୁ ପ୍ରକାର ସନ୍ଦେହରୁ ଊର୍ଦ୍ଧ୍ୱରେ ରହିବା ଉଚିତ। ଆଇନମନ୍ତ୍ରୀ ମହାପ୍ରଭୁଙ୍କ ମୂଲ୍ୟବାନ ଜମି ହାତେଇଥିବା ଅଭିଯୋଗ ଆସିଥିବାରୁ ସେ ଅବିଳମ୍ବେ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରନ୍ତୁ। ସେ ମହାପ୍ରଭୁଙ୍କ ଜମି ହାତେଇନାହାନ୍ତି ବୋଲି ସତ୍ୟପାଠ କରିପାରିବେ କି? ଏହାଛଡ଼ା ମହାପ୍ରଭୁଙ୍କ କେତେ ଜମି କେଉଁଠି ଅଛି, ସେନେଇ ସରକାର ଏକ ଶ୍ୱେତପତ୍ର ଜାରି କରିପାରିବେ କି? ଏହା କରିବା ତ ଦୂରର କଥା, ସରକାର ମହାପ୍ରଭୁଙ୍କ ବିଷୟରେ କୌଣସି କଥା ସାର୍ବଜନୀନ କରିବାକୁ ଚାହାନ୍ତି ନାହିଁ। ରତ୍ନଭଣ୍ଡାର ଗଣତିମଣତି ରିପୋର୍ଟ ସାର୍ବଜନୀନନ ନ କରିବାକୁ ସରକାରଙ୍କ ନିଷ୍ପତ୍ତି ପଛରେ କି ଉଦ୍ଦେଶ୍ୟ ଅଛି ବୋଲି ଡ. କାନୁନଗୋ ପ୍ରଶ୍ନ କରିଛନ୍ତି। ଅନ୍ୟତମ ମୁଖପାତ୍ର ଲଲାଟେନ୍ଦୁ ଦାସ କହିଛନ୍ତି ଯେ ମହାପ୍ରଭୁଙ୍କ ୧୦୦ଟି ଖଣିର ନିଲାମ ତିନି ବର୍ଷ ଧରି ବନ୍ଦ ହେବା ଯୋଗୁଁ ଶ୍ରୀଜଗନ୍ନାଥଙ୍କ ପ୍ରାୟ ୧୦୦ କୋଟି ରାଜସ୍ୱ ହାନି ହୋଇଛି। କେବଳ ମିଥ୍ୟା ପ୍ରଚାର ମାଧ୍ୟମରେ ମହାପ୍ରଭୁଙ୍କ ସମ୍ପତ୍ତିର ରକ୍ଷଣାବେକ୍ଷଣ ହେଉଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ମହାପ୍ରଭୁଙ୍କ ବହୁ ମୂଲ୍ୟବାନ ସମ୍ପତ୍ତିକୁ ରାଜ୍ୟ ସରକାର ଓ ଶ୍ରୀ ମନ୍ଦିର ପ୍ରଶାସନର ଜାଣତରେ ପ୍ଲଟିଂ ସ୍କିମ କରି ବିକ୍ରି ଚାଲିଛି।

# ବାଲିଯାତ୍ରା ସ୍ମରଣିକା ପାଇଁ ଲେଖା ଆହ୍ୱାନ

**କଟକ, ୧୧।୯ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଐତିହାସିକ ବାଲିଯାତ୍ରା, କଟକ ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ବାଲିଯାତ୍ରା ସମ୍ବନ୍ଧୀୟ ଲେଖା ସଂଗ୍ରହ ଓ ସଂକଳନ କରାଯାଇ ଏକ ସ୍ମରଣିକା ପ୍ରକାଶ କରାଯିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ମରଣିକା ପ୍ରକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। କଟକ ଓ ବାଲିଯାତ୍ରାର ଇତିହାସ, ପରମ୍ପରା, ଐତିହ୍ୟ, ସାଂସ୍କୃତିକ ଓ ନୌବାଣିଜ୍ୟିକ ପରମ୍ପରା ଆଦି ସମ୍ପର୍କିତ ନିର୍ଦ୍ଦିଷ୍ଟ ମାନର ଲେଖା ଏହି ସ୍ମରଣିକାରେ ସ୍ଥାନ ପାଇବ। ଏଥିପାଇଁ ଓଡ଼ିଆ ଓ ଇଂରାଜୀ ଭାଷାରେ ଲେଖା ଆହ୍ୱାନ କରାଯାଉଛି। ଲେଖକ ଓ ଲେଖିକାମାନେ ନିଜର ଲେଖା ଅକ୍ଟୋବର ୧୦ ତାରିଖ ସୁଦ୍ଧା କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ଦାଖଲ କରିପାରିବେ।

# ସେବା ସଂକଳ୍ପ ଅଭିଯାନ ପାଇଁ ପଞ୍ଚାୟତିରାଜ ବିଭାଗର ପ୍ରସ୍ତୁତି

## ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବା ଉପରେ ଗୁରୁତ୍ୱ




**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** 'ସେବା ସଂକଳ୍ପ' ଅଭିଯାନର ପ୍ରସ୍ତୁତି ନେଇ ଆଜି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମୀକ୍ଷା କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସରକାରୀ ଯୋଜନା ଓ ସେବାର ସୁଫଳ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ 'ସେବା ସେତୁ', 'ଏକ ପେଡ୍ ମା' କେ ନାମ' ଅଧୀନରେ ମେଗା ଚାରା ରୋପଣ ଏବଂ 'ସ୍ୱଚ୍ଛତା ହି ସେବା ୨୦୨୬' ପାଇଁ ପ୍ରସ୍ତୁତି ସମୀକ୍ଷା କରାଯିବା ସହ ତୃଣମୂଳ ସ୍ତରରେ ବିଭାଗୀୟ ସମନ୍ୱୟ ଓ ଜନଭାଗିଦାରୀ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଅଭିଯାନ ଅଧୀନରେ ହେବାକୁ ଥିବା କାର୍ଯ୍ୟକ୍ରମଗୁଡ଼ିକୁ ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରରେ ସୁଚାରୁ ଭାବେ ରୂପାୟଣ ପାଇଁ ସମନ୍ୱିତ ଯୋଜନା, କ୍ଷେତ୍ରସ୍ତରୀୟ ପ୍ରସ୍ତୁତି ଓ ଲୋକଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। ମନ୍ତ୍ରୀ ଶ୍ରୀ ନାଏକ ଅଧିକାରୀମାନଙ୍କୁ ପ୍ରସ୍ତାବିତ 'ସେବା ସେତୁ' କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ ସେବା ସହ ଯୋଡ଼ିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ବ୍ଲକ୍‌ୱାରୀ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଓ ହିତାଧିକାରୀ ଡାଟା-ବ୍ୟାଙ୍କ ପ୍ରସ୍ତୁତ କରିବାକୁ ସେ କହିଥିଲେ। ଏହା ମାଧ୍ୟମରେ ଶିବିର ଓ କାର୍ଯ୍ୟକ୍ରମରେ ଯୋଗ୍ୟ ଲୋକଙ୍କୁ ଚିହ୍ନଟ କରି ସମ୍ପୃକ୍ତ ଯୋଜନାରେ ସାମିଲ କରାଯାଇପାରିବ।

'ଏକ ପେଡ୍ ମା' କେ ନାମ' ଅଧୀନରେ ମେଗା ଚାରା ରୋପଣ ପାଇଁ ମଧ୍ୟ ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା। ଏଥିପାଇଁ ଆବଶ୍ୟକ ଚାରା ଉପଲବ୍ଧତା ଓ ତୃଣମୂଳ ସ୍ତରରେ ଚାରା ରୋପଣ କାର୍ଯ୍ୟକ୍ରମ ପାଇଁ ଆଗୁଆ ପ୍ରସ୍ତୁତି କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଥିଲା। ସେହିପରି ଆସନ୍ତା ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା 'ସ୍ୱଚ୍ଛତା ହି ସେବା ୨୦୨୬' ପାଇଁ ପ୍ରସ୍ତୁତି ମଧ୍ୟ ସମୀକ୍ଷା କରାଯାଇଥିଲା।

ଗ୍ରାମାଞ୍ଚଳର ସାର୍ବଜନୀନ ସ୍ଥାନଗୁଡ଼ିକରେ ସଫେଇ କାର୍ଯ୍ୟକ୍ରମ କରିବା ସହ ଗ୍ରାମ ପଞ୍ଚାୟତ, ସ୍ଥାନୀୟ ସଂଗଠନ ଓ ସାଧାରଣ ଲୋକଙ୍କୁ ସକ୍ରିୟ ଭାବେ ସାମିଲ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଥିଲା। ଅଭିଯାନ ସମୟରେ ୨୫ଟି ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ ନେଇ ମଧ୍ୟ ଆଲୋଚନା ହୋଇଥିଲା।

# ବିଏମସି କାର୍ଯ୍ୟାଳୟ ସମ୍ମୁଖରେ 'ଆମେ ଭୁବନେଶ୍ୱରିଆ'ର ଧାରଣା




## ସାମାନ୍ୟ ବିଚ୍ୟୁତିରେ ସିଲିଂ ଓ ଭଙ୍ଗା ବନ୍ଦ କରି ୬ ମାସ ସମୟ ଦିଆଯାଉ

## ଏସିଏସ୍ ଉଷା ପାଢ଼ୀଙ୍କ ଆଶ୍ୱାସନାକୁ ବିଏମସିର ଅଣଦେଖା

**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟ ସମ୍ମୁଖରେ ଆଜି ସକାଳ ୧୦ଟାରୁ ପ୍ରାୟ ୨୦୦ ଜଣ ଭୁବନେଶ୍ୱରିଆ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ। ସାମାନ୍ୟ ଓ ନ୍ୟୂନତମ ବିଚ୍ୟୁତି ଉପରେ ଜବରଦସ୍ତି ସିଲ୍, ଭଙ୍ଗା ଓ ବିଦ୍ୟୁତ୍-ଜଳ ବିଚ୍ଛିନ୍ନ ତୁରନ୍ତ ବନ୍ଦ କରିବା ସହ କାଗଜପତ୍ର ଦାଖଲ ପାଇଁ ୬ ମାସ ସମୟ ଦେବାକୁ ସେମାନେ ଦାବି କରିଛନ୍ତି। ଧାରଣାରେ ବାପୁଜୀ ନଗର, ସହିଦ ନଗର, ସୌଭାଗ୍ୟ ନଗର, ପୁରୁଣା ସହର, ପାଟିଆ, ଗାଡ଼କଣ, ଭିଏସ୍‌ଏସ୍ ନଗର, ଆଚାର୍ଯ୍ୟ ବିହାର, ମଧୁସୂଦନ ନଗର, ନୟାପଲ୍ଲୀ, ଖାରବେଳ ନଗର ସମେତ ସହରର ବିଭିନ୍ନ ଅଞ୍ଚଳର ବାସିନ୍ଦା ଯୋଗଦେଇଥିଲେ। 'ଆମେ ଭୁବନେଶ୍ୱରିଆ'ର ଆବାହକ ଓ ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଧାରଣାରେ ବିଜେଡି ଭୁବନେଶ୍ୱର ସଭାପତି ଓ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାନସଭା ଆସନର ବିଧାୟକ ଅନନ୍ତ ନାରାୟଣ ଜେନା, ମନ୍ମଥ ରାଉତରାୟ, ଆମ୍ ଆଦମୀ ପାର୍ଟି ନେତା ସନ୍ଦୀପ ଦାସ, ସହିଦ ନଗର କର୍ପୋରେଟର ନନ୍ଦିଆ ବେହେରା, ପୂର୍ବତନ କର୍ପୋରେଟର ସୁଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୯ରେ 'ଆମେ ଭୁବନେଶ୍ୱରିଆ'ର ଏକ ପ୍ରତିନିଧିମଣ୍ଡଳ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ଉଷା ପାଢ଼ୀଙ୍କୁ ସାକ୍ଷାତ କରିଥିଲେ। ସେତେବେଳେ ଏସିଏସ୍ ଆଶ୍ୱାସନା ଦେଇଥିଲେ ଯେ ସାମାନ୍ୟ ବା ନ୍ୟୂନତମ ବିଚ୍ୟୁତି ତଥା ପ୍ରକୃତ ମିଶ୍ରିତ-ବ୍ୟବହାର ଆବାସିକ ପ୍ରାଙ୍ଗଣ ଉପରେ କୌଣସି ଜବରଦସ୍ତି କାର୍ଯ୍ୟାନୁଷ୍ଠାନ ହେବ ନାହିଁ ଏବଂ ନାଗରିକଙ୍କୁ ଉପଯୁକ୍ତ ସମୟ ଦିଆଯିବ। କିନ୍ତୁ ସେହି ଆଶ୍ୱାସନା ସତ୍ତ୍ୱେ ବିଏମସିର କ୍ଷେତ୍ରସ୍ତରୀୟ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ସିଲ୍, ଭଙ୍ଗା ଓ ବିଦ୍ୟୁତ୍-ଜଳ ବିଚ୍ଛିନ୍ନର ଧମକରେ ସାଧାରଣ ଘରମାଲିକ ଓ କ୍ଷୁଦ୍ର ବ୍ୟବସାୟୀମାନେ ଆତଙ୍କିତ ହୋଇଛନ୍ତି। ଯେଉଁମାନଙ୍କ ପାଖରେ କାଗଜପତ୍ର ଅଛି, ଯେଉଁମାନେ ବାଣିଜ୍ୟିକ ଟିକସ ଦେଉଛନ୍ତି କିମ୍ବା ଜିଏ ଫ୍ରିହୋଲଡ ସହ ବାଣିଜ୍ୟିକ ଅନୁମତି ରଖିଛନ୍ତି, ସେମାନେ ମଧ୍ୟ ଏହି ଧମକର ଶିକାର ହେଉଛନ୍ତି। ବିଏମସିର କାରଣ ଦର୍ଶାଅ ମାଧ୍ୟମରେ ପ୍ରାୟ ୪,୬୨୩ଟି ପ୍ରାଙ୍ଗଣକୁ ନୋଟିସ୍ ଦିଆଯାଇଥିଲା। ମୂଳ ସ୍ୱଳ୍ପ ସମୟସୀମା ଶେଷ ହୋଇସାରିଛି। ତଥାପି ଜମିମାଲିକଙ୍କୁ କାଗଜପତ୍ର କିମ୍ବା ସମୟ-ଆବେଦନ ଦାଖଲ ପାଇଁ ଉପଯୁକ୍ତ ସୁଯୋଗ ଦିଆଯାଇନାହିଁ। ବ୍ୟକ୍ତିଗତ ଶୁଣାଣି ବିନା ଏପରି ଅନୁମୋଦିତ ବ୍ୟବହାର ପାଇଁ ବାଣିଜ୍ୟିକ ଗୃହନକ୍ସା ଦାବି କରିବା ନ୍ୟାୟସଙ୍ଗତ ନୁହେଁ। ଏନେଇ ବିଏମ୍‌ସିକୁ ତିନି ଦଫା ଦାବିପତ୍ର ଦିଆଯାଇଛି।

# ସଂହିତା ସ୍ୱାଇଁଙ୍କୁ ଦୟାନିଧି ପ୍ରତିଭା ସମ୍ମାନ



**କଟକ, ୧୧।୯ (ସଂଚାର ବ୍ୟୁରୋ):** ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ତରଫରୁ ନୂଆବଜାର ଗୋଶାଳା ନିବାସୀ ମିହିର ଚନ୍ଦ୍ର ସ୍ୱାଇଁ ଓ କଳ୍ପନା ସ୍ୱାଇଁଙ୍କ କନ୍ୟା ଡଃ ସଂହିତା ସ୍ୱାଇଁଙ୍କୁ ନିଜର ଉଚ୍ଚକୋଟୀର ଗବେଷଣା ପାଇଁ ପିଏଚ୍‌ଡି କୃତିତ୍ୱ ହାସଲ କରିବା ଅବସରରେ 'ଦୟାନିଧି ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ରସାୟନ ବିଭାଗରେ ଗବେଷଣାରତ ଡଃ ସଂହିତାଙ୍କ ଗବେଷଣାର ମୁଖ୍ୟ ଆକର୍ଷଣ ହେଉଛି ସ୍ୱଳ୍ପ ଖର୍ଚ୍ଚରେ ପ୍ରସ୍ତୁତ ଔଷଧ ସମ୍ବନ୍ଧୀୟ ଅଣୁ ଗୁଡ଼ିକର ଦ୍ରୁତ, ସମ୍ବେଦନଶୀଳ ଓ ସଠିକ୍ ଚିହ୍ନଟ ପାଇଁ ଏକ ନୂତନ ପ୍ରଣାଳୀ। ଭବିଷ୍ୟତରେ ଏହି ପ୍ରଯୁକ୍ତି ସ୍ୱାସ୍ଥ୍ୟସେବା, ପରିବେଶ ନିରୀକ୍ଷଣ କ୍ଷେତ୍ରରେ ଉପଯୋଗୀ ହୋଇପାରିବ ବୋଲି ଆଶା କରାଯାଉଛି। ଏହି ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର ଦେବତା ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ଦୀପା ଦାଶ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, କାର୍ଯ୍ୟକ୍ରମର ପରିଚାଳକ ମିର୍ଜା ସରାଫତ ବେଗଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସଂହିତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

# କର୍ମଚାରୀଙ୍କ ଧର୍ମଘଟ ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ବ୍ୟାଙ୍କ ସେବା ବନ୍ଦ




**କେନ୍ଦ୍ରାପଡ଼ା, ୧୧।୯ (ସଂଚାର ବ୍ୟୁରୋ):** ସାରା ଦେଶରେ ଆଜି ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ଡାକରା ଯୋଗୁଁ କେନ୍ଦ୍ରାପଡା ଜିଲ୍ଲାରେ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ରୂପେ ଠପ ହୋଇଯାଇଛି । ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିଅନ୍ସ (ୟୁ.ଏଫ୍.ବି.ୟୁ.)ର ଧର୍ମଘଟ ଡାକରାରେ କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖା ସମ୍ମୁଖରେ ଆଜି ପୂର୍ବାହ୍ନରେ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କର୍ମଚାରୀମାନଙ୍କ ପକ୍ଷରୁ ବିଭିନ୍ନ ଦାବି ପୂରଣ ନିମନ୍ତେ ଧାରଣା ଦିଆଯିବା ସହ ପିକେଟିଂ କରାଯାଇଥିଲା । ଷ୍ଟେଟବ୍ୟାଙ୍କ କର୍ମଚାରୀ ସଙ୍ଘ ସଂଗଠନ ସମ୍ପାଦକ ଚିରଞ୍ଜୀବ ଜେନା, ଆଳିକ ସମ୍ପାଦକ ରମେଶ ଚନ୍ଦ୍ର ମାଝୀ, ଷ୍ଟେଟବ୍ୟାଙ୍କ ପେନସନର୍ସ ସଙ୍ଘ ଓଡିଶା ସର୍କଲର ଆଳିକ ସମ୍ପାଦକ ଗଣେଶ୍ୱର ମେକାପ, ଷ୍ଟେଟବ୍ୟାଙ୍କ କର୍ମଚାରୀ ସଙ୍ଘ ପୂର୍ବତନ ସଭାପତି ସ୍ୱାଧୀନ କୁମାର ଦାଶ, ରଞ୍ଜନ କୁମାର ଦାସ, ସୁକାନ୍ତ ମିଶ୍ର, ଉଲ୍ଲାସ ମହାନ୍ତି, ସାଗରଶେଖର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଧଳ, ରୀନାରାଣୀ ପଟ୍ଟନାୟକ, ସୌମ୍ୟ ସାମନ୍ତରାୟ, ତୁଷାର ମହାପାତ୍ର ଓ ବିଧାନ ମହାପାତ୍ର ପ୍ରମୁଖ ଶତାଧିକ କର୍ମଚାରୀ ଧାରଣାରେ ବସିଥିଲେ । ପରେ ଏକ ରାଲିରେ ଯାଇ ସହରର ସମସ୍ତ ବ୍ୟାଙ୍କ ସମ୍ମୁଖରେ ଧାରଣା ଦିଆଯିବା ସହ ପିକେଟିଂ କରାଯାଇ ଦ୍ୱିପାକ୍ଷିକ କଥାବାର୍ତ୍ତା ଜରିଆରେ ତୁରନ୍ତ ଦାବି ପୂରଣ ନିମନ୍ତେ ଦୃଢ଼ ଦାବି କରାଯାଇଥିଲା ।

# ସପ୍ତପୁରି ଅମାବାସ୍ୟାରେ ବଳଦେବଜୀଉଙ୍କ ପାଖରେ ଲାଗି ହେଲା ସାତପୁରି



**କେନ୍ଦ୍ରାପଡ଼ା, ୧୧।୯(ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରରେ ସପ୍ତପୁରୀ ଅମାବାସ୍ୟା ପାଳନ ହୋଇଛି। ଆଜି ପବିତ୍ର ସପ୍ତପୁରି ଅମାବାସ୍ୟା ହୋଇଥିବାରୁ ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ପାଖରେ ସାତପୁରୀ ଭୋଗ ଲାଗି କରାଯାଇଥିଲା । ଏହା ସହ ଅମାବାସ୍ୟାର ସମସ୍ତ ରୀତି ନୀତି ପାଳନ କରାଯାଇଛି। ଏହି ଭୋଗର ବିଶେଷତ୍ୱ ହେଉଛି ଗୁଡ଼ିଆ ବ୍ରାହ୍ମଣ ପାଳି ଘରେ ଚର୍ଚ୍ଚେଇତ ଏବଂ ବଡ଼ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗହମ ଅଟା, ମଇଦା, ଖସା, ଛେନା, ନଡିଆ, ଗୁଡ଼ ଏବଂ ଦେଶୀ ଘିଅରେ ଗୁଡିଆ ବ୍ରାହ୍ମଣଙ୍କ ଦ୍ୱାରା ପ୍ରସ୍ତୁତ ହୋଇ ବଡ ସାଇତି ସେବକଙ୍କ ଦ୍ୱାରା ରୌପ୍ୟ ପାତ୍ରରେ ଶ୍ରୀଜୀଉଙ୍କ ଛାମୁରେ ପରସା ଜାଇ ପୂଜା ପଣ୍ଡାଙ୍କ ଦ୍ୱାରା ନୈବେଦ୍ୟ ଅର୍ପଣ କରାଯାଏ। ଭୋଗ ସମ୍ପନ୍ନ ପରେ ପାର୍ଶ୍ୱ ଦେବାଦେବୀଙ୍କ ପାଖରେ ଭୋଗ କରାଯାଇ ଥାଏ। ପରେ ସେବାରେ ନିୟୋଜିତ ସମସ୍ତ ସେବକ ଭକ୍ତଙ୍କୁ ବଣ୍ଟନ କରାଯାଇଥାଏ । ମହାପ୍ରଭୁଙ୍କ ସମସ୍ତ ଜାନି ଯାତ୍ରା ବହୁ ନିଷ୍ଠାପର ସହ ପାଳନ କରାଯାଏ।

# ଭୂତ ଆଶଙ୍କାରେ ବିଦ୍ୟାଳୟ ଆସୁନାହାନ୍ତି ଛାତ୍ରଛାତ୍ରୀ

## ଛାତ୍ରୀମାନେ କରୁଛନ୍ତି ଅସ୍ୱାଭାବିକ ଆଚରଣ

## ମେଡିକାଲ୍ ଟିମ୍‌ର ଅନୁଧ୍ୟାନ



**ମହାକାଳପଡ଼ା,୧୧।୯(ସଂଚାର ବ୍ୟୁରୋ):** ତିନିଦିନ ହେବ କେତେଜଣ ଛାତ୍ରୀ ଅସ୍ୱାଭାବିକ ଆଚରଣ କରୁଛନ୍ତି। ହାତମୁଠା କରି ତଳେ ପଡିଯାଉଛନ୍ତି। ମୁଣ୍ଡ, ଛାତି ଓ ପେଟରେ ଯନ୍ତ୍ରଣା ହେବା କହିବା ସହିତ ଚିତ୍କାର କରୁଛନ୍ତି। ଯାହା ଫଳରେ ସମଗ୍ର ଅଞ୍ଚଳରେ ଅଭିଭାବକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଛି। ବିଦ୍ୟାଳୟରେ ଛାତ୍ରୀଙ୍କୁ ଭୂତ ଲାଗୁଥିବା ଆଶଙ୍କା କରି ଅଭିଭାବକ ମାନେ ଗୁଣି ଗାରେଡ଼ି ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଇବା ସହିତ ମେଡିକାଲ୍ ଚିକିତ୍ସା କରାଉଛନ୍ତି।

ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଗଜେଶ୍ୱର ବିଦ୍ୟାପୀଠରେ। କେତେଜଣ ଛାତ୍ରୀଙ୍କୁ ଭୂତ ଲାଗୁଛି ବୋଲି ଆଲୋଚନା ହେଉଛି। ଏହି ବିଦ୍ୟାଳୟରେ ନିକଟବର୍ତ୍ତୀ ଅମିରାବାଦ, ବାଙ୍କିଛନ୍ଦା, ମେର୍ଦ୍ଦା, ଓଳିହା ଗ୍ରାମର ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ୭ଜଣ ଛାତ୍ରୀ ଗତ ଦୁଇ ଦିନ ମଧ୍ୟରେ ବିଦ୍ୟାଳୟରେ ତଳେ ପଡ଼ି ଯାଇ ବାଉଳି ଚାଉଳି ହୋଇ ଚିତ୍କାର କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିଭାବକ ମାନଙ୍କୁ ତୁରନ୍ତ ଫୋନ୍ କରି ଜଣାଇବା ପରେ ସେମାନଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ କୁ ନିଆଯାଇଥିଲା। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇ ଘରକୁ ଗୁରୁବାର ଫେରିଛନ୍ତି। ଶୁକ୍ରବାର ମଧ୍ୟ ଜଣେ ଛାତ୍ରୀ ହଠାତ୍ ପଡ଼ିଯାଇଥିବା ଜଣାପଡିଛି।

ଅପରପକ୍ଷରେ ଏହି ଘଟଣା ପରେ ବିଦ୍ୟାଳୟର ସାଥୀ ଛାତ୍ରୀମାନଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଆଜି ଏକ ମେଡିକାଲ ଟିମ୍ ଏହି ବିଦ୍ୟାଳୟକୁ ପରିଦର୍ଶନ କରି ଅନ୍ୟ ପିଲାଙ୍କ ରକ୍ତଚାପ, ରକ୍ତକଣିକା ପରୀକ୍ଷା କରିବା ସହିତ ମାନସିକ ସ୍ୱାସ୍ଥ୍ୟ ଅନୁଧ୍ୟାନ କରି ଆବଶ୍ୟକୀୟ ଔଷଧ ପ୍ରଦାନ କରାଯାଇଛି। ଏନେଇ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାର ପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ନିରଞ୍ଜନ କରଙ୍କୁ ପଚାରିବାରୁ ଏହି ବୟସରେ ପିଲାମାନଙ୍କର ମାନସିକ ଅବସ୍ଥାରେ ଏମିତି ଦେଖାଦିଏ, ଯାହାକୁ ଦେଖି ଅନ୍ୟ ପିଲାମାନେ ମଧ୍ୟ ମାନସିକ ଭାବେ ପ୍ରଭାବିତ ହୋଇ ଅସୁସ୍ଥ ଅନୁଭବ କରନ୍ତି। ଗୁଜବରୁ ଦୂରେଇ ରହିବା ସହ ପିଲାଙ୍କୁ ମାନସିକ ସାହସ ଯୋଗାଇବା ପାଇଁ ସେ କହିଛନ୍ତି।

# ବନ୍ୟଜନ୍ତୁ ଦ୍ୱାରା କ୍ଷୟକ୍ଷତି ହେଉଥିବା ଚାଷର ସୁରକ୍ଷା ପାଇଁ କୁଲଡିହା ରେଞ୍ଜରଙ୍କୁ ଦାବିପତ୍ର ପ୍ରଦାନ



**ନୀଳଗିରି,୧୧।୯(ସଂଚାର ବ୍ୟୁରୋ):** କୁଲଡିହା ଅଭୟାରଣ୍ୟ ପାଖାପାଖି ଅଞ୍ଚଳର ଚାଷ ଜମି ଗୁଡିକୁ ହାତୀ ଓ ବିଭିନ୍ନ ବନ୍ୟ ଜନ୍ତୁ ଦ୍ୱାରା କ୍ଷୟକ୍ଷତି ହେଉଛି । ନିଜର ଚାଷ ଜମି କୁ ସୁରକ୍ଷା ପାଇଁ ଲୋକମାନେ ବନ୍ୟ ଜନ୍ତୁ ମାନଙ୍କୁ ବିଭିନ୍ନ ଉପାୟରେ ଘଉଡୁ ଛନ୍ତି । ଯେଉଁ ମାନେ ବିଶେଷ କରି ହାତୀ ମାନଙ୍କୁ ଘଉଡ଼ି ବାକୁ ଯାଉଛନ୍ତି, ସେମାନଙ୍କ ମଧ୍ୟରୁ ବହୁ ଲୋକ କୁଲଡିହା ରେଞ୍ଜରଙ୍କ ଦ୍ୱାରା ମୋକଦ୍ଦମା ରେ ପଡୁଛନ୍ତି । ଯାହାକି ଲୋକ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଏହାକୁ ପ୍ରତିବାଦ କରି ଆଜି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ କାଣ୍ଡଗରଡିହି କମିଟି ତରଫରୁ କୁଲଡିହା ରେଞ୍ଜର ସୌମ୍ୟ ରଞ୍ଜନ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଚାଷ ଜମିର ସୁରକ୍ଷା ପାଇଁ ବନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର କିଛି ସାଥୀ ମାନଙ୍କୁ ନେଇ ଗୋଟିଏ କମିଟି ଗଠନ କରାଯାଇଛି। ଯେତେ ବେଳେ ହାତୀ ଚାଷ ଜମି କୁ ଆସିବ ସେ ସମୟରେ ଉକ୍ତ କମିଟି ତରଫରୁ କୁଲଡିହା ରେଞ୍ଜର ଙ୍କୁ ଅବଗତ କରାଯିବ । ତାପରେ କୁଲଡିହା ରେଞ୍ଜର ଙ୍କ ଅଫିସ ତରଫରୁ ହାତୀ ଘଉଡ଼ିବା ପାଇଁ ପଦକ୍ଷେପ ନିଆଯିବ। ପଡ଼ି ଥିବା ଜମିକୁ ଯଦି ହାତୀ ନଷ୍ଟ କରେ ସେ ମାନଙ୍କୁ କ୍ଷତି ପୂରଣ ଦେବା ପାଇଁ ରେଞ୍ଜର ପ୍ରତିଶ୍ରୁତି ଦେଇଛନ୍ତି । ଯଦି ଉକ୍ତ କାର୍ଯ୍ୟ କୁଲଡିହା ରେଞ୍ଜର ନ କରନ୍ତି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ରେଞ୍ଜର ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଫେରାର, ଥାନାରେ ଏତଲା

**ଆଳି,୧୧।୯(ସଂଚାର ବ୍ୟୁରୋ):** ଆଳି ବ୍ଲକ ମାନପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରରେ ଶୁକ୍ରବାର ଦିନ ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ୧୨:୩୦ ସମୟରେ ନାବାଳିକା ଛାତ୍ରୀ ତାଙ୍କ ଶ୍ରେଣୀରେ ପଢୁ ଥିବା ବେଳେ କଳସପୁର ସୋନୁ ବାରିକ ନାମକ ଯୁବକ ସ୍କୁଲ ଶ୍ରେଣୀ ମଧ୍ୟରେ ପଶି ଛାତ୍ରୀଙ୍କ ସମ୍ପର୍କୀୟ ପରିଚୟ ଦେଇ ଛାତ୍ରୀଙ୍କୁ ଅନୁଚିତ ଭାବେ ଅସଦାଚରଣ କରି ଛୁ ମାରିଛନ୍ତି। ଏ ନେଇ ଛାତ୍ରୀ ଜଣଙ୍କ ପ୍ରଧାନଶିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ଛାତ୍ରୀଙ୍କ ଅଭିଯୋଗ ଅନୁସାରେ ପ୍ରଧାନ ଶିକ୍ଷକ ଥାନାରେ ଅଭିଯୋଗ କରିଛନ୍ତି। ଏଠି ପ୍ରଶ୍ନ ଉଠେ ସ୍କୁଲ ହତା ଭିତରେ ଅଜଣା ଯୁବକ ଅଘଟଣ ଘଟାଇଲା ଶିକ୍ଷକମାନେ କରୁଥିଲେ କଣ ? ଅନ୍ୟ ପଟେ ସ୍କୁଲର ଦାଇତ୍ୱ ଉପରେ ଉଠିଛି ପ୍ରଶ୍ନ।

# ଚୋରା ମଦ ଜବତ, ୯ ଗିରଫ



**କେନ୍ଦ୍ରାପଡ଼ା,୧୧।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, କୁଦାନଗରୀ, ମହାକାଳପଡ଼ା ଓ ଜମ୍ବୁ ସାମୁଦ୍ରିକ ଅବକାରୀ ଥାନା ଅଧିନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ନହଙ୍ଗ ଗ୍ରାମର ନରେଶ କୁମାର ସାହୁ(୪୯)ଙ୍କ ନିକଟରୁ ୧୮ ଲିଟର ଚୋରା ବିଦେଶୀ ମଦ, ତରାଣ୍ଡ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗେରୁ(୫୦)ଙ୍କ ନିକଟରୁ ୩୨ ଲିଟର ଚୋରା ବିଦେଶୀ ମଦ ଏବଂ ନୀଳିକଣା ଗ୍ରାମର ବିଚିତ୍ର ସାମଲ(୨୯)ଙ୍କ ନିକଟରୁ ୩୬ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା । ସେହିପରି ପ୍ରଭାକରପୁର ଗ୍ରାମର ସୁବାସିନୀ ଖିଲର(୨୪)ଙ୍କ ନିକଟରୁ ୨୫ ଲିଟର ଚୋରା ଦେଶୀ ରନ୍ଧା ମଦ, ଦୀପ୍ତି ଖିଲର(୨୪)ଙ୍କ ନିକଟରୁ ୫୫୦ ଲିଟର ଗୁଡ଼ପୋଚ ଏବଂ ସେହି ଗ୍ରାମର ରବି ଖିଲର(୪୫)ଙ୍କ ନିକଟରୁ ୩୫୦ ଲିଟର ଗୁଡ଼ପୋଚ, ସନ୍ୟାସପୁର ଗ୍ରାମର ପ୍ରମୋଦ ବେହେରା(୪୦)ଙ୍କ ନିକଟରୁ ୨୮ ଲିଟର ଚୋରା ବିଦେଶୀ ମଦ, କରିଲୋପାଟଣା ଗ୍ରାମର ପ୍ରମୋଦ ବେହେରା(୫୭)ଙ୍କ ନିକଟରୁ ୨୩ ଲିଟର ଚୋରା ବିଦେଶୀ ମଦ ଓ ନଚ୍ଛିପଡା ଗ୍ରାମର ଚଗଲା ଦାସ(୪୭)ଙ୍କ ନିକଟରୁ ୨୭ ଲିଟର ଚୋରା ବିଦେଶୀ ମଦ କରାଯାଇଥିଲା । ଉକ୍ତ ଚଢ଼ାଉରେ ସମୁଦାୟ ୧୦୮୯ ଲିଟର ଚୋରା ବିଦେଶୀ, ଦେଶୀ ରନ୍ଧା ମଦ ଓ ଗୁଡ଼ପୋଚ ମଦ ଜବତ କରାଯାଇଛି । ଏହି ଘଟଣା ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି ।

# ନାଗା ସାଧୁ ବେଶରେ ଆସି ଘର ଦୋଷ କାଟିବା ନାଁରେ ସୁନା ଓ ଟଙ୍କା ଲୁଟ୍

## ୪ ଦୁର୍ବୃତ୍ତ ଫେରାର



**ନବରଙ୍ଗପୁର,ଉମରକୋଟ, ୧୧।୯ (ସଂଚାର ବ୍ୟୁରୋ):** ନାଗା ସାଧୁ ବେଶରେ ଆସି ଘର ଦୋଷ କାଟିଦେବା କହି ସୁନା ଓ ଟଙ୍କା ଲୁଟ୍। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବଡ଼କୁମାରୀ ଗାଁର ହରିପଦ ମଣ୍ଡଳଙ୍କ ଘରେ ଘଟିଛି ଏଭଳି ଘଟଣା । ୪ ଜଣ ଦୁର୍ବୃତ୍ତ ନାଗା ସାଧୁ ଭେଷରେ ଆସି ଘର ଭିତରକୁ ପଶିବା ସହ ଘରେ ଦୋଷ ଥିବା କହିଥିଲେ। ପରେ ପୂଜାପାଠ ନାଁରେ ସୁନା ଓ ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ଖବର ପାଇ ଉମରକୋଟ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଆଜି ସକାଳ ପ୍ରାୟ ୯ଟା ସମୟରେ ଏକ ନାଲି ରଙ୍ଗର କାରରେ ୪ ଜଣ ବ୍ୟକ୍ତି ନାଗା ସାଧୁ ଭେଷରେ ବଡ଼କୁମାରୀ ଗାଁର ହରିପଦ ମଣ୍ଡଳଙ୍କ ଘରେ ପହଞ୍ଚିଥିଲେ । ପ୍ରଥମେ ପାଣି ମାଗିବା ପରେ ଘର ଭିତରକୁ ପଶିଥିଲେ। ଘରେ ବହୁତ ଦୋଷ ଲାଗିଛି ଏବଂ ଏଥିପାଇଁ ପରିବାରରେ ଅଶାନ୍ତି ଲାଗିରହୁଛି ବୋଲି କହିଥିଲେ । ଏହାର ସମାଧାନ ପାଇଁ ଗୋଟିଏ ମୁଠା ଅରୁଆ ଚାଉଳ ଓ ଗୋଟିଏ ଡାଳ ମାଗିଥିଲେ। ପରେ ଘରେ ଥିବା ସୁନା ଅଳଙ୍କାର ଡାଳ ଭିତରେ ପକାଇବା ସହ ୨୧ ହଜାର ଟଙ୍କା ଦକ୍ଷିଣା ଦେବାକୁ କହିଥିଲେ। ଏହାପରେ ଘର ଚାରିପଟେ ପାଣି ଛିଞ୍ଚିଲେ ଘରର ସମସ୍ତ ଦୋଷ ଦୂର ହୋଇଯିବ ବୋଲି କହିଥିଲେ। ପ୍ରଥମେ ହରିପଦଙ୍କ ପକ୍ଷରୁ ଏକ ନାକଫୁଲ ଦିଆଯାଇଥିଲା। ହେଲେ ଏତିକି ସୁନାରେ କିଛି ହେବ ନାହିଁ କହି ଆହୁରି ସୁନା ଦେବାକୁ କହିଥିଲେ ଦୁର୍ବୃତ୍ତମାନେ । ଏପରିକି ହରିପଦଙ୍କ ହାତରେ ଥିବା ସୁନା ମୁଦି ମଧ୍ୟ ମାଗିଥିଲେ । ଏହାପରେ ତାଙ୍କ ସ୍ତ୍ରୀଙ୍କ ବେକରେ ଥିବା ସୁନା ଚେନ୍ ଓ କାନର ଅଳଙ୍କାର ଦେବାକୁ ମଧ୍ୟ ବାଧ୍ୟ କରିଥିଲେ। ଏହି ସମୟରେ ହରିପଦ ୧୫୦୦ ଟଙ୍କା ଦେଇଥିଲେ। ତେବେ ଦୁର୍ବୃତ୍ତଙ୍କ ଗତିବିଧିକୁ ନେଇ ହରିପଦଙ୍କ ସ୍ତ୍ରୀଙ୍କ ସନ୍ଦେହ ହୋଇଥିଲା। ସେ ବାହାରକୁ ଯାଇ ପାଟି କରିବାରୁ ୪ ଜଣ ନାଗା ସାଧୁ ଭେଷଧାରୀ ଦୁର୍ବୃତ୍ତ ସେଠାରୁ ତୁରନ୍ତ ଫେରାର ହୋଇଥିଲେ ।

ଗ୍ରାମବାସୀ ସେମାନଙ୍କୁ ଧରିବାକୁ ପିଛା କରିଥିଲେ ମଧ୍ୟ ନାଲି ରଙ୍ଗର କାରରେ ଦ୍ରୁତ ଗତିରେ ଚାଲିଯାଇଥିଲେ ଦୁର୍ବୃତ୍ତ । ଘଟଣା ସମ୍ପର୍କରେ ଖବର ପାଇ ଉମରକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଫେରାର ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଛାନଭିନ୍ ଜାରି ରହିଛି।

# ଜେଆରଏଫ୍‌ରେ ସମୀକ୍ଷାଙ୍କ ସଫଳତା

## ସର୍ବଭାରତୀୟସ୍ତରରେ ରଖିଲେ ୫୨ତମ ସ୍ଥାନ



**ମହାକାଳପଡ଼ା,୧୧।୯(ସଂଚାର ବ୍ୟୁରୋ):** ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଅଧ୍ୟବସାୟ ଥିଲେ ଗ୍ରାମାଞ୍ଚଳରୁ ମଧ୍ୟ ଜାତୀୟ ସ୍ତରରେ ସଫଳତା ହାସଲ କରିହୁଏ। ଏହାକୁ ପ୍ରମାଣିତ କରିଛନ୍ତି ମହାକାଳପଡ଼ା ବ୍ଲକ ପେଟଛଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୋଚିଲା ଗ୍ରାମର ସୁଶିଲ କୁମାର ସ୍ୱାଇଁ ଓ ସୁପ୍ରଭା ନାୟକଙ୍କ ବଡ଼ ଝିଅ ସମୀକ୍ଷା ସ୍ୱାଇଁ।ସମୀକ୍ଷା ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ପରିଷଦର କନିଷ୍ଠ ଗବେଷଣା ଅଧ୍ୟେତା ଓ ଜାତୀୟ ଯୋଗ୍ୟତା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୫୨ତମ ସ୍ଥାନ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ପ୍ରାୟ ୭୦ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ମାତ୍ର ୩,୩୦୮ ଜଣ ଜେଆରଏଫ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

ଏହି ସଫଳତା ପରେ ସମୀକ୍ଷା ଦେଶର ଯେକୌଣସି ବିଶ୍ୱବିଦ୍ୟାଳୟ କିମ୍ବା ଆଇଆଇଟି ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଗବେଷଣା କରିବାର ସୁଯୋଗ ପାଇବେ। ଭବିଷ୍ୟତରେ ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ି ବୈଜ୍ଞାନିକ କିମ୍ବା ଅଧ୍ୟାପିକା ଭାବେ କ୍ୟାରିୟର ଗଢ଼ିବାର ଲକ୍ଷ୍ୟ ରଖିଛନ୍ତି ସେ। ସମୀକ୍ଷାଙ୍କ ଏହି ସଫଳତା ପାଇଁ ଭଗବାନଙ୍କ ଆଶୀର୍ବାଦ, ଜେଜେ ବାପା, ପିତାମାତାଙ୍କ ନିରନ୍ତର ସମର୍ଥନ, ଗୁରୁଜନଙ୍କ ଆଶୀର୍ବାଦ ଏବଂ ନିଜର କଠିନ ପରିଶ୍ରମ ଓ ଅଧ୍ୟବସାୟ ରହିଥିବା ସେ କହିଛନ୍ତି। ଏଭଳି ସଫଳତା ନେଇ କୋଚିଲା ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଆନନ୍ଦର ମାହୋଲ ସୃଷ୍ଟି ହୋଇଛି।



ମନ୍ଦିରରେ ମାଛଭୋଗ ଖାଇଲେ ଶୁଭେନ୍ଦୁ

ପୃଷ୍ଠା ୪



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17






### ଆଜିଠାରୁ ବ୍ରିକ୍ସ ଶିଖର ସମ୍ମିଳନୀ

## ଭାରତ ମଣ୍ଡପମ୍‌ରେ ମୋଦି-ପୁଟିନ ବୈଠକ

- ପ୍ରତିରକ୍ଷା ଓ ବାଣିଜ୍ୟ ସହଯୋଗ ବୃଦ୍ଧି ପାଇଁ ଆଲୋଚନା
- ପୁଟିନଙ୍କୁ 'ତିରୁକ୍କୁରାଲ' ଭେଟିଦେଲେ ପ୍ରଧାନମନ୍ତ୍ରୀ
- ୨୪ତମ ଭାରତ-ରୁଷ ଶିଖର ସମ୍ମିଳନୀ ପାଇଁ ମୋଦିଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ, ୧୧।୯: ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଶନିବାର ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ସାକ୍ଷାତ କରିଛନ୍ତି। ସେମାନଙ୍କ ମଧ୍ୟରେ 'ଭାରତ ମଣ୍ଡପମ୍'ରେ ପ୍ରାୟ ୪୫ ମିନିଟ୍ ଧରି ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଆଲୋଚନା ପୂର୍ବରୁ ମୋଦି ପୁଟିନଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ ଓ ତାମିଲ କବି ତିରୁଭଲ୍ଲୁରଙ୍କ ପ୍ରସିଦ୍ଧ କୃତି 'ତିରୁକ୍କୁରାଲ'ର ରୁଷୀୟ ଅନୁବାଦ ପ୍ରଦାନ କରିଥିଲେ। ଏହି ସାକ୍ଷାତ ଅବସରରେ ଦୁଇ ନେତା ରାଜନୈତିକ, ଅର୍ଥନୈତିକ, ପ୍ରତିରକ୍ଷା, ଶକ୍ତି, ମହାକାଶ, ଦକ୍ଷତା ଗତିଶୀଳତା ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି ସମୀକ୍ଷା କରିଛନ୍ତି। ତେବେ ମୋଦି- ପୁଟିନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ନିଷ୍କର୍ଷ ବାହାରକୁ ଆସି ନଥିବା ➪ପୃଷ୍ଠା-୬

### ୟୁଏଇରେ ତିନିଦିନିଆ ନିବେଶ ଅଭିଯାନ ଶେଷ

# ଶିଳ୍ପ ଅଭିବୃଦ୍ଧିର ନୂଆ ପର୍ଯ୍ୟାୟ ପାଇଁ ଓଡ଼ିଶା ପ୍ରସ୍ତୁତ



- ୨୪ ବୁଝାମଣାପତ୍ର ଓ ନିବେଶ ଇଚ୍ଛାପତ୍ର ସ୍ୱାକ୍ଷରିତ
- ୨,୪୩,୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ
- ୬,୧୮,୭୨୫ ନିଯୁକ୍ତି ସୁଯୋଗର ସମ୍ଭାବନା
- ରାଜ୍ୟକୁ ପରବର୍ତ୍ତୀ ନିବେଶ କେନ୍ଦ୍ର ଭାବେ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଦୁବାଇ,୧୧।୯: ପୁଞ୍ଜି, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଭାଗୀଦାରୀ ଓ ଅନ୍ତର୍ଜାତୀୟ ବଜାରରେ ପ୍ରବେଶ ପାଇଁ ବିଶ୍ୱସ୍ତରୀୟ ପ୍ରୟାସକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶା ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ରେ ଏକ ପ୍ରଭାବଶାଳୀ ତିନିଦିନିଆ ନିବେଶ ଅଭିଯାନ ଶେଷ କରିଛି। ଏହି ଅଭିଯାନ ମାଧ୍ୟମରେ ୨,୪୩,୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଓ ୬,୧୮,୭୨୫ ନିଯୁକ୍ତି ସୁଯୋଗର ସମ୍ଭାବନା ସୃଷ୍ଟି ହୋଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆବୁଧାବି ଓ ଦୁବାଇରେ ଅନୁଷ୍ଠିତ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ୫୨ଟି ବ୍ୟକ୍ତିଗତ ନିବେଶକ ବୈଠକ ଓ ଗୋଲ ଟେବୁଲ୍ ଆଲୋଚନା ପରେ ୨୪ଟି ବୁଝାମଣାପତ୍ର ଓ ନିବେଶ ଇଚ୍ଛାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅଭିଯାନ ୟୁଏଇଭିତ୍ତିକ ନିବେଶକ, ବିଶ୍ୱସ୍ତରୀୟ ବ୍ୟାବସାୟିକ ନେତା, ସାର୍ବଭୌମ ଓ ସାଂସ୍ଥାନିକ ଅଂଶୀଦାର, ଭାରତୀୟ କୂଟନୈତିକ ପ୍ରତିନିଧି ଓ ଓଡ଼ିଆ ପ୍ରବାସୀ ସମ୍ପ୍ରଦାୟର ସଦସ୍ୟଙ୍କୁ ଏକତ୍ରିତ କରିଥିଲା।

ଶେଷ ଦିବସଟି ଦୁବାଇରେ ଓଡ଼ିଶା ନିବେଶକଙ୍କ ସମ୍ମିଳନୀ- ୟୁଏଇ ୨୦୨୬ ଉପରେ କେନ୍ଦ୍ରିତ ଥିଲା, ଯେଉଁଥିରେ ପ୍ରାୟ ୪୦୦ ବ୍ୟବସାୟ ନେତା, ନିବେଶକ ଓ ୟୁଏଇ ବ୍ୟବସାୟ ସମ୍ପ୍ରଦାୟର ସଦସ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ଏହାର ନିବେଶ ପ୍ରସ୍ତାବ ଉପସ୍ଥାପନ କରିବା ଓ ବିଶ୍ୱ ବ୍ୟବସାୟଗୁଡ଼ିକୁ ରାଜ୍ୟରେ ସେମାନଙ୍କର ଉପସ୍ଥିତି ସ୍ଥାପନ କିମ୍ବା ବିସ୍ତାର କରିବା ପାଇଁ ସୁଯୋଗ ଅନୁସନ୍ଧାନ କରିବା ପାଇଁ ଏକ ସିଧାସଳଖ ପ୍ଲାଟଫର୍ମ ପ୍ରଦାନ କରିଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୂଲ୍ୟ ସଂଯୋଜନ, ପ୍ରଯୁକ୍ତିବିଦ୍ୟା, ବିଶ୍ୱ ସହଭାଗୀତା ଓ ଦକ୍ଷ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଉପରେ ଆଧାରିତ ଶିଳ୍ପ ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟକୁ ପ୍ରବେଶ କରିବାକୁ ଓଡ଼ିଶା ପ୍ରସ୍ତୁତ। ୟୁଏଇ ସହ ଓଡ଼ିଶାର ସମ୍ପର୍କ ବ୍ୟକ୍ତିଗତ ନିବେଶଠାରୁ ଆଗକୁ ଯାଇ ଉତ୍ପାଦନ, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ରପ୍ତାନୀ, ନବସୃଜନ, ଦକ୍ଷତା ଏବଂ ଉଦ୍ୟୋଗିତାରେ ସ୍ଥାୟୀ ସହଭାଗୀତା ଗଠନ କରିବା ପାଇଁ ଉଦ୍ଦିଷ୍ଟ।




ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ 'ଗତି, ନିଶ୍ଚିତତା ଏବଂ କାର୍ଯ୍ୟାନ୍ୱୟନ' ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ, ନିବେଶ ଉଦ୍ଦେଶ୍ୟ ଏବଂ ଅନୁମୋଦନଠାରୁ କାର୍ଯ୍ୟାନ୍ୱୟନ ଏବଂ ବିସ୍ତାର ପର୍ଯ୍ୟନ୍ତ ➪ପୃଷ୍ଠା-୬

### ଆଇନ ମନ୍ତ୍ରୀଙ୍କ ବିବୃତ୍ତିକୁ ନେଇ ବିବାଦ

## ସାର୍ବଜନୀନ ହେବନି ରତ୍ନଭଣ୍ଡାର ତାଲିକା

ପୁରୀ,୧୧।୯(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ସ୍ୱତନ୍ତ୍ର ଏସଓପି ଆଧାରରେ ଅତ୍ୟନ୍ତ ସ୍ୱଚ୍ଛତା ଓ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜାରି ରହିଛି। ଦୀର୍ଘ ୪୮ ବର୍ଷ ପରେ ମହାପ୍ରଭୁଙ୍କ ଏହି ସୁପ୍ରସିଦ୍ଧ ଭଣ୍ଡାର ଘରର ଅଳଙ୍କାର ଓ ସାମଗ୍ରୀର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଏହାକୁ ନେଇ ବଡ଼ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ଯେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ରିପୋର୍ଟ ସାର୍ବଜନୀନ ହେବ ନାହିଁ। ଗୁରୁବାର ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି ଯେ ଆସନ୍ତା ଦୁର୍ଗାପୂଜା ପରେ ଗଣତିମଣତି ଦୀର୍ଘ ସମୟ ଧରି ଚାଲିବ ଓ ମାର୍ଗଶିର ମାସ ପୂର୍ବରୁ ଗଣତିମଣତି ଶେଷ ହେବ। ସମ୍ପୂର୍ଣ୍ଣ ଗଣତିମଣତି ପ୍ରକ୍ରିୟା ସରିବା ପରେ ୧୯୭୮ ମସିହା ଅନୁସାରେ ତାଲିକା ପ୍ରସ୍ତୁତ କରାଯିବ। ହେଲେ ଏହି ତାଲିକା ➪ପୃଷ୍ଠା-୬

### ପୁଣି ବିବାଦରେ ରାଉରକେଲା ସର୍କିଟ ହାଉସ

## ପର୍ଣ୍ଣଷ୍ଟାରଙ୍କ ପାଇଁ ବୁକ୍ ହୋଇଥିଲା ସର୍କିଟ ହାଉସ

■ ସଫେଇ ଦେଲେ ରୁମ ବୁକ୍ କରିଥିବା ବ୍ୟକ୍ତି




ରାଉରକେଲା,୧୧।୯ (ସଂଚାର ବ୍ୟୁରୋ): ରାଉରକେଲାର ପାନପୋଷ ସର୍କିଟ ହାଉସ ଘଟଣା ପ୍ରାୟ ମାସେ ହେଲାଣି ରାଜ୍ୟ ରାଜନୀତିକୁ ସରଗରମ କରି ରଖିଛି। ଗତ ମାସ ୧୪ ତାରିଖରେ ଏଠାରୁ କିଛି ଅପରାଧୀ ଧରାପଡ଼ିବା ଓ ସେମାନଙ୍କଠାରୁ ବନ୍ଧୁକ ଜବତ ହେବା ପରେ ଚର୍ଚ୍ଚାର ପରିସରକୁ ଆସିଥିବା ଏହି ସର୍କିଟ ହାଉସକୁ ନେଇ ପ୍ରାୟ ପ୍ରତିଦିନ କିଛି ନା କିଛି ନୂଆ କଥା ସାମ୍ନାକୁ ଆସୁଛି। ଆଉ ଏବେ ଜଣେ ପର୍ଣ୍ଣଷ୍ଟାରଙ୍କୁ ନେଇ ରାଉରକେଲା ସର୍କିଟ ହାଉସ ଆଲୋଚନାର ପରିସରକୁ ଆସିଛି। ➪ପୃଷ୍ଠା-୬

## ଓରାଙ୍ଗଉଟାନଙ୍କୁ ଫେରାଇନେବ ଇଣ୍ଡୋନେସିଆ

ନୂଆଦିଲ୍ଲୀ,୧୧।୯(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବିଚିତ୍ରପୁର ଜଙ୍ଗଲରୁ ନିକଟରେ ଉଦ୍ଧାର ହୋଇଥିବା ୫ଟି ବିରଳ ଛୁଆ ଓରାଙ୍ଗଉଟାନଙ୍କୁ ସେମାନଙ୍କ ସ୍ୱଦେଶ ଫେରାଇ ନେବା ପାଇଁ ଇଣ୍ଡୋନେସିଆ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅନ୍ତର୍ଜାତୀୟ ବନ୍ୟଜନ୍ତୁ ଚୋରାଚାଲାଣର ବଳିପଡ଼ି ଭାରତରେ ପହଞ୍ଚିଥିବା ଏହି ଅତି ସଙ୍କଟାପନ୍ନ ଜୀବଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି ଇଣ୍ଡୋନେସିଆର ଜଙ୍ଗଲ ମନ୍ତ୍ରଣାଳୟ ତତ୍ପରତା ପ୍ରକାଶ କରିଛି। ଏଥିପାଇଁ ନୂଆଦିଲ୍ଲୀ ଓ ଜାକର୍ତ୍ତାସ୍ଥିତ ଭାରତୀୟ ଦୂତାବାସ ଜରିଆରେ ଭାରତ ସରକାରଙ୍କ ସହ ଆନୁଷ୍ଠାନିକ ଭାବେ କୂଟନୈତିକ ଯୋଗାଯୋଗ କରାଯାଇଛି। ଇଣ୍ଡୋନେସିଆ ଜଙ୍ଗଲ ମନ୍ତ୍ରଣାଳୟର ମୁଖପାତ୍ର ରିସ୍ତିଆଣ୍ଟୋ ପ୍ରିବାଦୀ ସୂଚନା ଦେଇ କହିଛନ୍ତି ଯେ ଏହି



ଆରମ୍ଭ ହେଲା କୂଟନୈତିକ ପ୍ରକ୍ରିୟା

୫ଟି ମାତୃହୀନ ଛୁଆ ଓରାଙ୍ଗଉଟାନଙ୍କୁ ଭାରତ ସରକାରଙ୍କଠାରୁ ବିଧିବଦ୍ଧ ଭାବେ ହସ୍ତାନ୍ତର କରିବା ପାଇଁ ଆଲୋଚନା ଜାରି ରହିଛି। ସେମାନଙ୍କର ଥଇଥାନ, ସୁରକ୍ଷା ଓ ଉପଯୁକ୍ତ ଯତ୍ନ ନେବା ନିମନ୍ତେ ଇଣ୍ଡୋନେସିଆର ବିଭିନ୍ନ ବନ୍ୟଜନ୍ତୁ ସଂରକ୍ଷଣ ସଂସ୍ଥା ସହ ମଧ୍ୟ ପ୍ରସ୍ତୁତି କରାଯାଇଛି।

ସୂଚନାଯୋଗ୍ୟ ଯେ ଓରାଙ୍ଗଉଟାନମାନେ ଭାରତୀୟ ପ୍ରଜାତିର ବନ୍ୟଜନ୍ତୁ ନୁହଁନ୍ତି। ଏମାନେ ସାଧାରଣତଃ କେବଳ ଇଣ୍ଡୋନେସିଆର ସୁମାତ୍ରା ଓ ବୋର୍ଣ୍ଣିଓ ଦ୍ୱୀପ ଏବଂ ମାଲେସିୟାର ଘଞ୍ଚ ବୃଷ୍ଟିଅରଣ୍ୟରେ ଦେଖିବାକୁ ମିଳନ୍ତି। ବିଶେଷଜ୍ଞଙ୍କ ମତରେ, ଉଦ୍ଧାର ହୋଇଥିବା ଏହି ଛୁଆମାନଙ୍କର ବୟସ ପ୍ରାୟ ଦେଢ଼ ବର୍ଷ ହେବ। ସେମାନଙ୍କର ପ୍ରାଥମିକ ଶାରୀରିକ ଲକ୍ଷଣରୁ ଏହି ୫ ଛୁଆ ସୁମାତ୍ରା ପ୍ରଜାତିର ଓରାଙ୍ଗଉଟାନ ବୋଲି ଅନୁମାନ କରାଯାଉଛି। ତେବେ ସେମାନଙ୍କର ପ୍ରକୃତ ଉତ୍ସ ଏବଂ ବାସସ୍ଥାନ ସମ୍ପର୍କରେ ଶତପ୍ରତିଶତ ନିଶ୍ଚିତ ହେବା ପାଇଁ ଖୁବଶୀଘ୍ର ଡିଏନଏ ପରୀକ୍ଷା କରାଯିବ ବୋଲି ଇଣ୍ଡୋନେସିଆ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ➪ପୃଷ୍ଠା-୬

### ରାଜ୍ୟସଭା ଭୋଟିଂ ବିବାଦ

## ବାଚସ୍ପତିଙ୍କ ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କଲା ବିଜେଡି



ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନ ସମୟରେ ଦଳୀୟ ନିର୍ଦ୍ଦେଶ ଉଲ୍ଲଂଘନ କରି କ୍ରସ୍ ଭୋଟିଂ କରିଥିବା ୮ ଜଣ ବିଧାୟକଙ୍କ ସଦସ୍ୟତା ରଦ୍ଦ ପ୍ରସଙ୍ଗ ଏବେ ହାଇକୋର୍ଟରେ ପହଞ୍ଚିଛି। ଏହି ମାମଲାରେ ବିଧାନସଭା ବାଚସ୍ପତିଙ୍କ ନିଷ୍ପତ୍ତିକୁ କଡ଼ା ଚ୍ୟାଲେଞ୍ଜ କରି ପ୍ରମୁଖ ବିରୋଧୀ ଦଳ ବିଜେଡି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବାଚସ୍ପତିଙ୍କୁ ଏହି ମାମଲାରେ ଏକ ମୁଖ୍ୟ ପକ୍ଷ କରି ଦଳ ପକ୍ଷରୁ ହାଇକୋର୍ଟରେ ଏକ ସିଭିଲ୍ ରିଟ୍ ପିଟିସନ୍ ଦାୟର କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ଜଣ ବିଧାୟକ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଅନ୍ୟ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିଲେ। ଦଳ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗ ଆଣି ଏହି ବିଦ୍ରୋହୀ ବିଧାୟକମାନଙ୍କୁ ଅଯୋଗ୍ୟ ➪ପୃଷ୍ଠା-୬

### ସାଇବର ଅପରାଧରେ କୁଜଙ୍ଗ ଲିଙ୍କ୍

## ସିମ୍ ଦୋକାନରେ ସିବିଆଇର ଚଢ଼ାଉ

କୁଜଙ୍ଗ,୧୧।୯(ସଂଚାର ବ୍ୟୁରୋ): ମୋବାଇଲ୍ ସିମ୍ ଜାଲିଆତି ଓ ସାଇବର ଅପରାଧ ମାମଲାରେ ଆଜି ଦିଲ୍ଲୀ ଓ ଓଡ଼ିଶା ସିବିଆଇର ମିଳିତ ଟିମ୍ ଜଗତସିଂହପୁରର କୁଜଙ୍ଗର ଏକ ମୋବାଇଲ୍ ଦୋକାନରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ ସିବିଆଇ ଟିମ୍‌କୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଉକ୍ତ ମୋବାଇଲ୍ ଦୋକାନରେ ଟିମ୍ ସଦସ୍ୟମାନେ ଦିନତମାମ ଯାଞ୍ଚ କରିଥିଲେ। ଚଢ଼ାଉରେ ଏହି ଦୋକାନରୁ ଆକ୍ଟିଭେଟ୍ ହୋଇଥିବା ୪୦୦ରୁ ଊର୍ଦ୍ଧ୍ୱ ସିମକାର୍ଡ ଠାବ କରାଯାଇଛି। ଏହାର ଏକ ତାଲିକା ପ୍ରସ୍ତୁତ କରି ସିବିଆଇ ଟିମ୍ ସାଥିରେ ନେଇଥିବା ବେଳେ ଅଭିଯୁକ୍ତଙ୍କୁ ଆସନ୍ତାକାଲି ପୂର୍ବାହ୍ନ ୧୦ ସମୟରେ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ରାସ୍ତାରେ ଜଳିଗଲା ଆମ୍ବୁଲାନ୍ସ, ରୋଗୀ ମୃତ




ସୋର,୧୧।୯(ସଂଚାର ବ୍ୟୁରୋ): ଜନୈକ ରୋଗୀଙ୍କୁ ନେଇ ଯାଉଥିବା ସମୟରେ ୧୦୮ ଆମ୍ବୁଲାନ୍ସ ଜଳିଗଲା। ଏଥିରେ ଉକ୍ତ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କ ଜୀବନ ଚାଲିଯାଇଛି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଜଳଙ୍ଗ ଛକ ନିକଟରେ ଏପରି ଅଘଟଣ ଘଟିଛି। ମିଳିଥିବା ସୂଚନାନୁସାରେ, ଆଜି ସକାଳେ ଖଇରା ଥାନା ତୁରାଣୀପଦା ଗ୍ରାମର ଜଣେ ବ୍ୟକ୍ତି ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧୦୮ ଆମ୍ବୁଲାନ୍ସରେ ସ୍ଥାନାନ୍ତର କରାଯାଉଥିଲା। ଏହି ସମୟରେ ଜଳଙ୍ଗ ଛକ ନିକଟରେ ଆମ୍ବୁଲାନ୍ସର ଇଞ୍ଜିନରୁ ଧୂଆଁ ବାହାରିଥିଲା। ଯେଉଁ କାରଣରୁ ଗାଡ଼ିଟି ଆଗକୁ ଯାଇପାରି ନ ଥିଲା। ଗାଡ଼ି ଚାଳକ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ମାତ୍ର ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ସେତେବେଳକୁ ରୋଗୀ ଜଣଙ୍କ ମୃତ୍ୟୁବରଣ କରିସାରିଥିଲେ। ଏହି ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ଯୋଗୁଁ ହୋହଲ୍ଲା କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି। ତେବେ ଉକ୍ତ ରୋଗୀ ଜଣଙ୍କ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବାରୁ ମୃତ୍ୟୁବରଣ କରିଛନ୍ତି କି ନାହିଁ, ସେନେଇ ଆମ୍ବୁଲାନ୍ସ କର୍ତ୍ତୃପକ୍ଷ କୌଣସି ସୂଚନା ଦେଇନାହାନ୍ତି।

## ବିଜେପି ବିଧାୟକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା



- ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ମାଗିଲେ ତେଲକୋଇ ବିଧାୟକ
- ସୋସିଆଲ ମିଡିଆରେ ଧମକ ଅଭିଯୋଗ
- ହସ୍ତକ୍ଷେପ କଲା ବିଧାନସଭା ସଚିବାଳୟ

କେନ୍ଦୁଝର,୧୧।୯(ସଂଚାର ବ୍ୟୁରୋ): ତେଲକୋଇ ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ଡାକ୍ତର ଫକୀର ମୋହନ ନାଏକ ନିଜ ଜୀବନ ପ୍ରତି ବିପଦ ଥିବା ଆଶଙ୍କା ପ୍ରକାଶ କରିଛନ୍ତି। ନିଜର ତଥା ନିଜ ସମର୍ଥକଙ୍କ ସୁରକ୍ଷା ନିମନ୍ତେ ସେ ରାଜ୍ୟ ସରକାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି କ୍ରମାଗତ ଭାବେ ବିଗିଡ଼ିବାରେ ଲାଗିଥିବା ଦର୍ଶାଇ, ତାଙ୍କୁ ତୁରନ୍ତ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ ବିଧାୟକ ଫକୀର ମୋହନ ନାଏକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଲିଖିତ ନିବେଦନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ବିଧାୟକ ଦର୍ଶାଇଛନ୍ତି ଯେ, କିଛି ଦିନ ହେବ ସୋସିଆଲ ମିଡିଆରେ ତାଙ୍କୁ ଏବଂ ତାଙ୍କ ଦଳୀୟ ସହଯୋଗୀମାନଙ୍କୁ ଟାର୍ଗେଟ କରି ବିଭିନ୍ନ ଆପତ୍ତିଜନକ ତଥା ଧମକପୂର୍ଣ୍ଣ ପୋଷ୍ଟ ଭାଇରାଲ୍ କରାଯାଉଛି। ଏହି ପୋଷ୍ଟଗୁଡ଼ିକ ମାଧ୍ୟମରେ ସଶସ୍ତ୍ର ଆକ୍ରମଣର ଇସାରା ଦିଆଯାଉଛି, ଯାହା ଫଳରେ ସ୍ଥାନୀୟ ଜନପ୍ରତିନିଧି, ଦଳୀୟ କର୍ମୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ୨୨ ତାରିଖରେ ଏକ ଦଳୀୟ ବୈଠକ ଚାଲିଥିବା ବେଳେ ବିଜେପି କର୍ମୀ ରଶ୍ମିକାନ୍ତ ବେହେରାଙ୍କ ଉପରେ ଅତର୍କିତ ଆକ୍ରମଣ ହୋଇଥିଲା। ଏହି ବୈଠକରେ ମଣ୍ଡଳ ସଭାପତି ସୁକୁରା ମୁଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଏହି ଘଟଣା ନେଇ ବାଂଶପାଳର ନାୟାକୋଟ ପୋଲିସ ଷ୍ଟେସନରେ ଏକ ଏତଲା ମଧ୍ୟ ରୁଜୁ ହୋଇଛି। ଏହାର ଠିକ୍ ଗୋଟିଏ ଦିନ ପରେ, ଅର୍ଥାତ୍ ଅଗଷ୍ଟ ୨୩ ତାରିଖରେ ଫୁଲଝର ପଞ୍ଚାୟତରେ ସମାନ ଢଙ୍ଗରେ ଆଉ ଏକ ରାଜନୈତିକ ଆକ୍ରମଣ ହୋଇଥିଲା ବୋଲି ବିଧାୟକ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ବିଧାୟକ ଫକୀର ମୋହନ ନାଏକ ଆଶଙ୍କା ପ୍ରକାଶ କରିଛନ୍ତି ଯେ, ଆଗାମୀ ଦିନରେ ହରିଚନ୍ଦନପୁର ଏବଂ ତେଲକୋଇ ବ୍ଲକର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏଭଳି ➪ପୃଷ୍ଠା-୬



### କାନ ଡେରିଥା

ତେଲ ଗ୍ୟାସ ଦର ପୁଣି ବଢ଼ିଯିବ
କାଠ ଯୋଗାଡ଼ିକି ରଖ
ଗାଡ଼ିଟିକୁ ଘରେ ପୂଜା କରିଦେଇ
ଶୂନ ସାଇକେଲ ଦେଖ
ବାଧା ଦେଉଛି ବିବେକ...
ଅଚ୍ଛେ ଦିନ୍ ଭାବି କୋଉଠି ପଡ଼ିଲେ
ନିଜକୁ ନିଜେ ପରଖ ।

■ ଦେବାଶିଷ

# ଅଶି ଟ୍ରେଣ୍ଡରେ ପଶିଲା ରାଜନୀତି

- ପରସ୍ପରକୁ ମାଗିଲେଣି ହିସାବ
- ସୋସିଆଲ ମିଡିଆରେ ତୁତୁ ମେଁମେଁ

ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ଏବେ ଅଶି ଦଶକର ଫଟୋ ଟ୍ରେଣ୍ଡ କରୁଛି। ସେହି ସମୟରେ କିଏ କିଭଳି ଦିଶୁଥିଲା ଯୁବକଠାରୁ ଯୁବତୀଙ୍କ ଯାଏ ତାହାର ଏଆଇ ଫଟୋ ପକାଇବାରେ ଲାଗିଛନ୍ତି। ବୟସ୍କ ବି ଏଥିରେ ସାମିଲ ହୋଇଛନ୍ତି। ତେବେ ଏହା ଭିତକୁ ଏବେ ରାଜନୀତି ପଶିଛି। ସୋସିଆଲ ମିଡିଆ ପ୍ଲାଟଫର୍ମରେ ବିଜେପି ଓ କଂଗ୍ରେସ ପରସ୍ପରକୁ ହିସାବ ମାଗିବା ଆରମ୍ଭ କରିଛନ୍ତି।

ଦେଶର ବିକାଶ ଗତିକୁ ନେଇ ଶାସକ ଦଳ ବିଜେପି ଏବଂ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଚରମ ସୀମାରେ ପହଞ୍ଚିଛି। ୧୯୮୦ ଦଶକର କଂଗ୍ରେସ ଶାସନ ଏବଂ ୨୦୨୬ର ବର୍ତ୍ତମାନର ବିଜେପି ଶାସନ କାଳର ବିକାଶକୁ ତୁଳନା କରି ଦୁଇ ଦଳ ପରସ୍ପରକୁ ତୀବ୍ର ଆକ୍ରମଣ କରିଛନ୍ତି।

ବିଜେପି ପକ୍ଷରୁ ବର୍ତ୍ତମାନର ବିକାଶକୁ ନେଇ ଅଶୀ ଦଶକ ସହ ତୁଳନା କରାଯାଇଛି। ଦଳୀୟ ନେତାମାନେ ଅଭିଯୋଗ କରିଛନ୍ତି ଯେ ୧୯୮୦ ଦଶକରେ କଂଗ୍ରେସ ଶାସନ ସମୟରେ ଦେଶର ବିକାଶ ମନ୍ଥର ନୀତି ଏବଂ ଦୁର୍ନୀତି ଯୋଗୁଁ ଠପ୍ ହୋଇପଡ଼ିଥିଲା। ଅଶୀ ଦଶକରେ ସାଧାରଣ ରାସ୍ତାଘାଟ ଓ ସେବା ପାଇଁ ଲୋକଙ୍କୁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଥିଲା, କିନ୍ତୁ ୨୦୨୬ରେ ଦେଶ ଏଆଇ, ଡିଜିଟାଲ୍ ଭିତ୍ତିଭୂମି, ଏକ୍ସପ୍ରେସୱେ ଓ ବୁଲେଟ୍ ଟ୍ରେନ୍ ଯୁଗରେ ପ୍ରବେଶ କରିସାରିଛି। ୨୦୨୬ରେ ଭାରତ ବିଶ୍ୱ ଅର୍ଥନୀତିର ମୁଖ୍ୟ କେନ୍ଦ୍ର ପାଲଟିଛି ଓ ଅନ୍ତର୍ଜାତୀୟ ମଞ୍ଚରେ ଦେଶର ସୁନାମ ବୃଦ୍ଧି ପାଇଛି। କଂଗ୍ରେସ ବି ଏହାର ପାଲଟା ଜବାବ ରହିଛି। କଂଗ୍ରେସ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ବିଜେପି ସରକାରଙ୍କୁ 'କେବଳ ବିଜ୍ଞାପନ ଏବଂ ଫାଙ୍କା ଦାବି'ର ସରକାର ବୋଲି ସମାଲୋଚନା କରିଛି। କଂଗ୍ରେସ ଯୁକ୍ତି ବାଢ଼ିଛି ଯେ ୧୯୮୦ ଦଶକରେ ହିଁ ଭାରତ ଆଇଟି ବିପ୍ଳବ, ଟେଲିକମ୍ କ୍ରାନ୍ତି ଏବଂ ଶିଳ୍ପାୟନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା, ଯାହା ଉପରେ ଆଜିର ଆଧୁନିକ ଭାରତ ଛିଡ଼ା ହୋଇଛି। ୨୦୨୬ରେ ବାସ୍ତବିକ ନିଯୁକ୍ତି ସୃଷ୍ଟି ଏବଂ ମୂଲ୍ୟ ବୃଦ୍ଧି ରୋକିବାରେ ସରକାର ବିଫଳ ହୋଇଛନ୍ତି। ବିଜେପି କେବଳ ୮୦ ଦଶକର ପ୍ରସଙ୍ଗ ଉଠାଇ ବର୍ତ୍ତମାନର ମୂଳ ସମସ୍ୟା ବିଶେଷକରି ବଢୁଥିବା ଦରଦାମ, ଦୁର୍ବଳ ଅର୍ଥନୀତି ଓ ବେକାରୀ ବୃଦ୍ଧି ଆଦି ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବାକୁ ଚେଷ୍ଟା କରୁଛି। ସମୀକ୍ଷକଙ୍କ ମତରେ, ଆଗାମୀ ନିର୍ବାଚନ ପୂର୍ବରୁ ଦଳଗୁଡ଼ିକ ନିଜ ନିଜର ଶାସନ କାଳର ରେକର୍ଡ ଦେଖାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ବର୍ତ୍ତମାନ କେବଳ ବିଜେପି ଓ କଂଗ୍ରେସ ଏଥିରେ ସାମିଲ ହୋଇଥିବା ବେଳେ ଆଗାମୀ ଦିନରେ ଅନ୍ୟ ଦଳଗୁଡ଼ିକ ମଇଦାନକୁ କୁଦିବେ। ସେତେବେଳେ ଅଶିର ଲଢ଼େଇ ଆହୁରି ରୋଚକ ଓ ଜୋରଦାର ହେବ।



# କୃତ୍ରିମ ଅତୀତର ଆବଶ୍ୟକତା




ଆଜିକାଲି ସୋସିଆଲ ମିଡିଆରେ ଏକ ନୂଆ ଧାରା ଦେଖାଯାଉଛି। କୃତ୍ରିମ ବୁଦ୍ଧିମତ୍ତା ବା ଆଇଏ ଦ୍ୱାରା ସୃଷ୍ଟି ହୋଇଥିବା ଫଟୋଗୁଡ଼ିକ ଯେଉଁଥିରେ ଆଠଦଶକର ଦୃଶ୍ୟ, ପୋଷାକ, ଗାଡ଼ି, ଘରୋଇ ଜୀବନ ଏବଂ ସଂସ୍କୃତିକୁ ପୁନର୍ନିର୍ମାଣ କରାଯାଇଛି। ଲୋକେ ନିଜକୁ କିମ୍ବା ପରିବାରକୁ ସେହି ଯୁଗର ପରିବେଶରେ ଦେଖି ଆନନ୍ଦିତ ହେଉଛନ୍ତି। ପ୍ରଶ୍ନ ଉଠୁଛି ଏହା କେବଳ ମଜା କିମ୍ବା ଏହା ପଛରେ ସମାଜ ପାଇଁ କୌଣସି ଗୁପ୍ତ ସନ୍ଦେଶ ରହିଛି? ଆମେ କ'ଣ ଏହି ଅନାବଶ୍ୟକ ଆଇଏ ଫଟୋଗୁଡ଼ିକରେ ସମୟ ନଷ୍ଟ କରୁଛୁ?

ପ୍ରଥମେ ମଜାର ଦୃଷ୍ଟିକୋଣରୁ ଦେଖିବା। ଆଠଦଶକ ଥିଲା ଏକ ବିଶେଷ ସମୟ। ଟେଲିଭିଜନର ଆରମ୍ଭ, ରେଡିଓର ଜୋର, ସିନେମାର ରୋମାଞ୍ଚ, ସରଳ ଜୀବନଶୈଳୀ ଏବଂ ପ୍ରଯୁକ୍ତିବିଦ୍ୟାର ଧୀର ଅଗ୍ରଗତି। ଆଇଏ ଏହି ସ୍ମୃତିକୁ ଜୀବନ୍ତ କରିଦେଉଛି। ଲୋକେ ନିଜର ପିଲାଦିନର ଘର, ବାପାଙ୍କ ସାଇକେଲ, ମା'ଙ୍କ ଶାଢ଼ୀ କିମ୍ବା ପୁରୁଣା କ୍ୟାସେଟ୍ ପ୍ଲେୟାରକୁ ଫେରି ପାଇବା ଭଳି ଅନୁଭବ କରୁଛନ୍ତି। ଏହା ଏକ ପ୍ରକାରର ଡିଜିଟାଲ ନଷ୍ଟାଲଜିଆ। ମନୋବୈଜ୍ଞାନିକ ଦୃଷ୍ଟିରୁ ନଷ୍ଟାଲଜିଆ ମାନସିକ ଶାନ୍ତି ଦେଇଥାଏ। ବର୍ତ୍ତମାନର ଦ୍ରୁତ ଜୀବନ, ମହାମାରୀ ପରବର୍ତ୍ତୀ ଚାପ ଏବଂ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଅତୀତର ସୁରକ୍ଷିତ ଦୁନିଆକୁ ଫେରିଯିବା ଏକ ସ୍ୱାଭାବିକ ଇଚ୍ଛା। ତେଣୁ ଏହି ଫଟୋଗୁଡ଼ିକ କେବଳ ମଜା ନୁହେଁ, ବରଂ ଏକ ମାନସିକ ଆରାମ ମଧ୍ୟ।

ତଥାପି କେବଳ ମଜା ବୋଲି ଭାବିଲେ ଭୁଲ ହେବ। ଏହି ଧାରା ପଛରେ ଗଭୀର ସାମାଜିକ ସନ୍ଦେଶ ରହିଛି। ପ୍ରଥମେ, ଏହା ଆମର ସାଂସ୍କୃତିକ ସ୍ମୃତିକୁ ପ୍ରଶ୍ନ କରୁଛି। ଆମେ କ'ଣ ଆଜିର ଜୀବନରୁ ଏତେ ଅସନ୍ତୁଷ୍ଟ ଯେ କୃତ୍ରିମ ଭାବେ ଅତୀତ ତିଆରି କରିବାକୁ ବାଧ? ଆଠଦଶକର ଜୀବନ ସମ୍ପୂର୍ଣ୍ଣ ସୁନ୍ଦର ନଥିଲା। ସେତେବେଳେ ମଧ ଅର୍ଥନୈତିକ ଅସମାନତା, ସାମାଜିକ କଠୋରତା ଏବଂ ପ୍ରଯୁକ୍ତିବିଦ୍ୟାର ଅଭାବ ଥିଲା। ଆଇଏ କେବଳ ସୁନ୍ଦର ଦିଗଗୁଡ଼ିକୁ ବାଛି ଦେଖାଉଛି। ଏହା ଏକ ପ୍ରକାରର ଚୟନିତ ସ୍ମୃତି। ଆମେ ଅତୀତକୁ ରୋମାଣ୍ଟିକ କରୁଛୁ କିନ୍ତୁ ବର୍ତ୍ତମାନର ବାସ୍ତବତାକୁ ଏଡ଼ାଇ ଯାଉଛୁ।

ଦ୍ୱିତୀୟତଃ, ଏହା ପ୍ରଯୁକ୍ତିବିଦ୍ୟା ଏବଂ ମାନବୀୟ ସୃଜନଶୀଳତା ମଧ୍ୟରେ ସମ୍ପର୍କକୁ ଉଜାଗର କରୁଛି। ଆଇଏ ଆମର କଳ୍ପନାକୁ ବିସ୍ତାର କରୁଛି, କିନ୍ତୁ ଏହା ଆମକୁ ନିଷ୍କ୍ରିୟ ଦର୍ଶକ ମଧ ବନାଉଛି। ପୂର୍ବରୁ ଲୋକେ ଫଟୋଗ୍ରାଫି ଶିଖୁଥିଲେ, ଚିତ୍ର ଆଙ୍କୁଥିଲେ କିମ୍ବା ସ୍ମୃତିକୁ ଲେଖାରେ ରଖୁଥିଲେ। ଆଜି ଏକ ପ୍ରମ୍ପ୍ଟ ଲେଖିଲେ ହିଁ ସବୁ ତିଆରି ହୋଇଯାଉଛି। ଏହା ସୃଜନଶୀଳତାକୁ ସହଜ କରୁଛି ସତ, କିନ୍ତୁ ଗଭୀରତାକୁ କମ୍ କରୁଛି। ଆମେ କ'ଣ ଧୀରେ ଧୀରେ ନିଜର କଳ୍ପନା ଶକ୍ତିକୁ ଯନ୍ତ୍ର ହସ୍ତଗତ କରୁଛୁ?

ତୃତୀୟତଃ, ସମୟ ନଷ୍ଟ ବିଷୟରେ ଚିନ୍ତା କରିବା ଦରକାର। ହଁ, ଏହି ଫଟୋଗୁଡ଼ିକ ସୁପରଫ୍ଲୁଅସ୍ ବା ଅନାବଶ୍ୟକ ମନେ ହୋଇପାରେ। ଲକ୍ଷ ଲକ୍ଷ ଲୋକ ଘଣ୍ଟା ଘଣ୍ଟା ଧରି ଏହି ଇମେଜ୍ ତିଆରି କରି ସେୟାର କରୁଛନ୍ତି। ସେହି ସମୟରେ ପ୍ରକୃତ ସମସ୍ୟା- ଜଳବାୟୁ ପରିବର୍ତ୍ତନ, ଶିକ୍ଷା, ସ୍ୱାସ୍ଥ୍ୟ, ଅସମାନତା- ଅପେକ୍ଷା କରି ରହିଛି। ତଥାପି ସବୁ ମନୋରଞ୍ଜନକୁ ସମୟ ନଷ୍ଟ ବୋଲି କହିବା ଭୁଲ। ମଣିଷ କେବଳ କାମ କରିବା ପାଇଁ ଜନ୍ମିତ ନୁହେଁ। ସେ ସ୍ୱପ୍ନ ଦେଖେ, ହସେ, ସ୍ମୃତି ଖୋଜେ। ଆଇଏ ଫଟୋ ଏକ ଆଧୁନିକ ଖେଳ। ଯେଉଁପରି ପୂର୍ବରୁ ଲୋକେ ଚଳଚ୍ଚିତ୍ର ଦେଖୁଥିଲେ କିମ୍ବା ଗପ ଶୁଣୁଥିଲେ, ଆଜି ଏହି ଡିଜିଟାଲ ଖେଳ।

ସନ୍ତୁଳିତ ଦୃଷ୍ଟିକୋଣ ଆବଶ୍ୟକ। ଏହି ଧାରା ମଜାଦାୟକ ଏବଂ ସୃଜନଶୀଳ। ଏହା ଆମକୁ ଅତୀତ ସହିତ ସଂଯୋଗ କରାଏ। କିନ୍ତୁ ଏହା ଆମକୁ ସତର୍କ ମଧ କରାଏ। ଆମେ ଯଦି କେବଳ କୃତ୍ରିମ ସ୍ମୃତିରେ ହଜିଯିବା, ତେବେ ବର୍ତ୍ତମାନକୁ ଗଢ଼ିବାର ଦାୟିତ୍ୱ ଭୁଲିଯିବା। ଆଇଏ ଏକ ଉପକରଣ। ଏହାକୁ କିପରି ବ୍ୟବହାର କରିବା ତାହା ଆମ ଉପରେ ନିର୍ଭର କରେ। ଯଦି ଏହା ଆମକୁ ସୃଜନଶୀଳ ରଖେ, ଇତିହାସ ପ୍ରତି ଆଗ୍ରହ ବଢ଼ାଏ ଏବଂ ମାନସିକ ଆରାମ ଦେଇଥାଏ, ତେବେ ଏହା ସମୟ ନଷ୍ଟ ନୁହେଁ। କିନ୍ତୁ ଯଦି ଏହା କେବଳ ଭାଇରାଲ ହେବା ପାଇଁ ଏବଂ ବାସ୍ତବ ଜୀବନରୁ ପଳାୟନ ପାଇଁ ହୋଇଥାଏ, ତେବେ ଚିନ୍ତା କରିବାର ସମୟ ଆସିଛି।

ଶେଷରେ କହିବାକୁ ହେବ, ଏଆଇ ଉତ୍ପାଦିତ ଆଠଦଶକ ଫଟୋ ଏକ ମିରର। ଏହା ଆମର ଇଚ୍ଛା, ଆମର ଭୟ ଏବଂ ଆମର ସମୟକୁ ଦେଖାଏ। ମଜା କରନ୍ତୁ, କିନ୍ତୁ ଭୁଲନ୍ତୁ ନାହିଁ ଯେ ପ୍ରକୃତ ଜୀବନ ଆଇଏ ପ୍ରମ୍ପ୍ଟରେ ଲେଖାଯାଏ ନାହିଁ। ଏହା ଆମେ ନିଜେ ବଞ୍ଚିବାକୁ ହେବ।

# ସ୍ମୃତିରେ ମୁମ୍ବାଇ ଓଡ଼ିଶା ଭବନର ଉଦ୍‌ଘାଟନ



**କୃପାନିଧି ବିଶ୍ୱାଳ**

୨୦୧୦ ଅକ୍ଟୋବର ୩୦ ମୁମ୍ବାଇରେ ଓଡ଼ିଶା ଭବନର ଉଦ୍‌ଘାଟନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଭବନଟିର ଉଦ୍‌ଘାଟନ ହେବାକୁ ଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଓଡ଼ିଶା ସରକାରଙ୍କ ଗୃହ ବିଭାଗର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ମୁମ୍ବାଇରେ ପହଞ୍ଚି ବ୍ୟବସ୍ଥା ତଦାରଖ କରୁଥିଲେ। ଭବନ ନିର୍ମାଣରେ ଇଡ୍‌କୋର ଭୂମିକା ଥିବାରୁ ଏହାର କର୍ତ୍ତୃପକ୍ଷମାନେ ମଧ ଉପସ୍ଥିତ ଥିଲେ।ଶ୍ରୀ ଅଶୋକ କୁମାର ମହାନ୍ତି ଅତିରିକ୍ତ ଶାସନ ସଚିବ ଏହି ଦାୟିତ୍ୱ ନିଭାଇଥିଲେ। ପର୍ଯ୍ୟଟନ, ହସ୍ତଶିଳ୍ପ ଓ ଅର୍ଥ ବିଭାଗର ମନ୍ତ୍ରୀ ମାନଙ୍କ ସମେତ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଶ୍ରୀ ଦେବୀ ପ୍ରସାଦ ମିଶ୍ର, ଶ୍ରୀମତୀ ଅଂଜଳି ବେହେରା, ଶ୍ରୀ ପ୍ୟାରୀମୋହନ ମହାପାତ୍ର, ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ରାଜନେତା ଉତ୍ସବରେ ଯୋଗ ଦେଇଥିଲେ। ସେତେବେଳେ ମୁମ୍ବାଇରେ ମୋର ପୋଷ୍ଟିଂକୁ ପ୍ରାୟ ଛଅ ମାସ ହୋଇଥିଲା। ମୁମ୍ବାଇର ଓଡ଼ିଆ ସମାଜ ସହିତ ମୋର ଭଲ ସମ୍ପର୍କ ଥିଲା। ସେଠାରେ କାର୍ଯ୍ୟରତ ପ୍ରାୟ ୨୦ଟି ଓଡ଼ିଆ ସଂଗଠନ ସହିତ ମଧ ମୋର ଯୋଗାଯୋଗ ରହିଥିଲା। ତେଣୁ ଉଦ୍‌ଘାଟନ ଉତ୍ସବରେ ବହୁ ସଂଖ୍ୟାରେ




ଓଡ଼ିଆ ଯୋଗ ଦିଅନ୍ତୁ ବୋଲି ମୋର ଇଚ୍ଛା ଥିଲା। ତେବେ ଏହି ବିଶାଳ ଉପସ୍ଥିତିକୁ ନେଇ ଗୃହ ବିଭାଗର କିଛି ଆଶଙ୍କା ଥିଲା। ଓଡ଼ିଆଙ୍କ ଭିଡ଼ ଯୋଗୁଁ କାର୍ଯ୍ୟକ୍ରମରେ ବିଶୃଙ୍ଖଳା ହୋଇପାରେ ବୋଲି ଖବର ମିଳିଥିବା କଥା ଏୟାରପୋର୍ଟ ଯିବା ସମୟରେ ଗୃହ ବିଭାଗର ସଚିବ ଶ୍ରୀ ଉପେନ୍ଦ୍ର ନାଥ ବେହେରା ଆମକୁ ଜଣାଇଥିଲେ। କିନ୍ତୁ ମୋର ଦୃଢ଼ ବିଶ୍ୱାସ ଥିଲା—ମୁମ୍ବାଇର ଓଡ଼ିଆମାନେ ନିଶ୍ଚିତ ଭାବେ ଶୃଙ୍ଖଳା ବଜାୟ ରଖିବେ।

ମୁଖ୍ୟମନ୍ତ୍ରୀ ମୁମ୍ବାଇରେ ପହଞ୍ଚିବା ପରେ ଶ୍ରୀ ଅରୂପ ପଟ୍ଟନାୟକ, ଗୃହ ବିଭାଗର ସଚିବ ଓ ମୁଁ ଏକାଠି ଗାଡ଼ିରେ ଏୟାରପୋର୍ଟରୁ ଓଡ଼ିଶା ଭବନକୁ ଆସିଥିଲୁ।

ଭବନରେ ପହଞ୍ଚି ଯେଉଁ ଦୃଶ୍ୟ ଦେଖିଲି, ତାହା ମୋର ଆଶାକୁ ସତ୍ୟ ପ୍ରମାଣିତ କଲା। ବହୁ ସଂଖ୍ୟାରେ ଓଡ଼ିଆ ଉପସ୍ଥିତ ଥିଲେ। ଶ୍ରୀ ବିପିନ ବିହାରୀ ମିଶ୍ର, ଶ୍ରୀ ଭାଗବାନ ପଣ୍ଡା, ଶ୍ରୀ ରାମପ୍ରସାଦ ମୁଦୁଲି, ଡକ୍ଟର ମହାନ୍ତି, ଶ୍ରୀ ସଚ୍ଚିଦାନନ୍ଦ ଶତପଥୀ, ଶ୍ରୀ ସମୀର ବିଶ୍ୱାଳ, ଶ୍ରୀ ସତ୍ୟବ୍ରତ ପଟ୍ଟନାୟକ, ଶ୍ରୀ ସମୀର ଦାଶ, ଶ୍ରୀ ସୂର୍ଯ୍ୟ ଗଉଡ଼, ଶ୍ରୀ ପ୍ରକାଶ ଗୁହା, ଶ୍ରୀମତୀ ସାଧନା ଚୌଧୁରୀ, ଶ୍ରୀ ପବିତ୍ରମୋହନ ମହାପାତ୍ର, ଶ୍ରୀ ଭଜନ କୁମାର ରାୟ, ଅରବିନ୍ଦ ଜାତି. ଶ୍ରୀମତୀ କାନନିକା ତ୍ରିପାଠୀଙ୍କ ସମେତ ବହୁ ଓଡ଼ିଆ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ।

ସବୁଠାରୁ ଆନନ୍ଦର କଥା ହେଲା, ଆଶଙ୍କା କରାଯାଇଥିବା କୌଣସି ବିଶୃଙ୍ଖଳା ଘଟିଲା ନାହିଁ। ସମ୍ପୂର୍ଣ୍ଣ ଶୃଙ୍ଖଳାର ସହିତ ଉଦ୍‌ଘାଟନ ଉତ୍ସବ ସମ୍ପନ୍ନ ହୋଇଥିଲା। ମହାରାଷ୍ଟ୍ର ପୋଲିସ ମଧ ସୁରକ୍ଷା ଓ ବ୍ୟବସ୍ଥା ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମୁମ୍ବାଇର ଓଡ଼ିଆ ସମାଜ ନିଜର ଶୃଙ୍ଖଳା, ଏକତା ଓ ଦାୟିତ୍ୱବୋଧର ଏକ ସୁନ୍ଦର ପରିଚୟ ଦେଇଥିଲା।

ପରବର୍ତ୍ତୀ ସମୟରେ ମୁମ୍ବାଇ ଓଡ଼ିଶା ଭବନ କେବଳ ଏକ ସରକାରୀ ଅତିଥିଭବନ ହୋଇ ରହିଲା ନାହିଁ; ମୁମ୍ବାଇ ଯାଉଥିବା ଓଡ଼ିଆଙ୍କ ପାଇଁ ଏହା ଏକ ଭରସାର ଠିକଣା ଓ ଆଶ୍ରୟସ୍ଥଳରେ ପରିଣତ ହେଲା।

ମୁମ୍ବାଇରେ ବଢୁଥିବା ଓଡ଼ିଆ ସମାଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୬ ମସିହାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମହାରାଷ୍ଟ୍ର ସରକାରଙ୍କୁ ମୁମ୍ବାଇରେ ଦ୍ୱିତୀୟ ଓଡ଼ିଶା ଭବନ ପାଇଁ ପ୍ରସ୍ତାବ ଦେଇଥିଲେ। ଏ ନେଇ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀଙ୍କ ସହିତ ମଧ ସେ ବାରମ୍ବାର ଆଲୋଚନା କରିଥିଲେ। ୨୦୨୪ରେ ଓଡ଼ିଶାରେ ସରକାର ପରିବର୍ତ୍ତନ ପରେ ମଧ ଏହି ପ୍ରସ୍ତାବକୁ ଆଗକୁ ନେବାରେ ନୂତନ ସରକାର ଉଦ୍ୟମ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହାକୁ ତ୍ୱରାନ୍ୱିତ କରିଥିଲେ। ଏହାର ପରିଣାମସ୍ୱରୂପ ୨୦୨୬ରେ ମହାରାଷ୍ଟ୍ର ସରକାର ଓଡ଼ିଶା ସରକାରଙ୍କୁ ଦ୍ୱିତୀୟ ଓଡ଼ିଶା ଭବନ ପାଇଁ ଅନ୍ୟ ଏକ ଜମି ଆବଣ୍ଟନ କରିଛନ୍ତି। ଜମି ଗ୍ରହଣ ପରେ ଏଠାରେ ଭବନ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

୨୦୧୦ରେ ମୁମ୍ବାଇରେ ଯେଉଁ ଯାତ୍ରା ଏକ ଓଡ଼ିଶା ଭବନରୁ ଆରମ୍ଭ ହୋଇଥିଲା, ଆଜି ତାହା ଦ୍ୱିତୀୟ ଓଡ଼ିଶା ଭବନ ନିର୍ମାଣ ଦିଗରେ ଆଗେଇଛି। ଏହା କେବଳ ଦୁଇଟି ଭବନର କାହାଣୀ ନୁହେଁ; ମୁମ୍ବାଇରେ ବଢୁଥିବା ଓଡ଼ିଆ ସମାଜର ଆବଶ୍ୟକତା, ଆତ୍ମୀୟତା ଓ ଓଡ଼ିଶା ସରକାରଙ୍କ ଦୀର୍ଘମିଆଦୀ ଦୃଷ୍ଟିକୋଣର ଏକ ପ୍ରତିଫଳନ।

ବନ୍ଦେ ଉତ୍କଳ ଜନନୀ।

# ହିତାଧିକାରୀ ପଚାରୁଛନ୍ତି - ଭତ୍ତା ଆମ ହକ୍, ନା ସରକାରଙ୍କ ଦୟା ?



**ଡମ୍ବରୁଧର ଘଣା**



ଆମ ଗାଁ କେନ୍ଦୁଝରରେ। କିଛି ଦିନ ତଳେ ଗାଁକୁ ଯାଇଥିଲି। ଗାଁ ଦାଣ୍ଡରେ ଛିଡା ହୋଇଥିବା ଦେଖି, ଜଣେ ମହିଳା ପାଖକୁ ଆସିଲେ। ପଚାରିଲେ - କେବେ ଆସିଛୁ? କେତେଦିନ ରହିବୁ? ପିଲାମାନେ ସବୁ ଭଲ ଅଛନ୍ତି ତ? ଏମିତି ଆହୁରି କେତେ କ'ଣ ପଚାରିଗଲେ। ମହିଳା ଜଣଙ୍କ ଆଗରୁ ପରିଚିତା। ବୟସ ସତୁରୀରୁ ଅଧିକ ହେବ। କିଛିଟା ନଇଁ ନଇଁ ଚାଲୁଥାନ୍ତି। ରୁଗ୍ଣ ସ୍ୱାସ୍ଥ୍ୟ। ମୁଁ ତାଙ୍କ ଭଲ ମନ୍ଦ ପଚାରିଲି। କିଛି କହିବା ଆଗରୁ ଦୁଇ ଆଖିରୁ ଦୁଇ ଧାର ଲୁହ ଗଡ଼ିଆସିଲା। ରୁଦ୍ଧ କଣ୍ଠରେ କହିଲେ - ଭଲ ଆଉ କ'ଣ ବାପା? ଏମିତି ବଞ୍ଚିଛି। ଭତ୍ତା ପାଉଥିଲି, ଏବେ ପାଞ୍ଚ ମାସ ହେଲା ଭତ୍ତା ଆସୁନାହିଁ। ଔଷଧ କିଣିବାକୁ ପଇସା ନାହିଁ କି ଔଷଧ - ମୁଁ ପଚାରିଲି। କହିଲେ - ମୋ'ର ପରା ହାର୍ଟ ବେମାରୀ।

ଔଷଧ ନ ଖାଇଲେ ମରିଯିବି। ଏତିକି କହିବା ବେଳକୁ କଇଁ କଇଁ ହୋଇ ପୁଣି କାନ୍ଦି ପକାଇଲେ ବୃଦ୍ଧା ଜଣଙ୍କ। ପୁଣି ପଚାରିଲି - ଏବେ ଔଷଧ କିଣୁଛ କେମିତି? ଉତ୍ତରରେ କହିଲେ - ଟଙ୍କା କରଜ କରି କିଛି ଦିନ କିଣିଲି। ଏବେ ଦୁଇମାସ ହେଲା ଔଷଧ ଖାଉ ନାହିଁ। ମୁଁ ତ ଆଶ୍ଚର୍ଯ୍ୟ ହୋଇଗଲି - ହୃତପିଣ୍ଡ ରୋଗରେ ଆକ୍ରାନ୍ତ। ନିୟମିତ ଔଷଧ ଦରକାର। ଦୁଇମାସ ହେଲା ଔଷଧ ଖାଇନାହିଁ। ତେବେ, କେତେବେଳେ କିଛି ବି ଘଟି ଯାଇପାରେ। ପକେଟରୁ ବାହାର କରି ହଜାରେ ଟଙ୍କା ତାଙ୍କ ହାତକୁ ବଢାଇ ଦେଇ କହିଲି - ତୁରନ୍ତ ଔଷଧ ମଗାଇ ଖାଅ। ଡେରି କରନାହିଁ। ବାକିସବୁ ଭଗବାନ ଭରସା !

ମହିଳା ଜଣଙ୍କ ଟଙ୍କା ଧରିଲେ ସିନା, ପୁଣି କହିଲେ - ଏମିତି କେତେଦିନ ଧାର କରଜ କରିବି? କିଏ ବି ଦେବ? ମୋ ଭତ୍ତାଟା ମାସକୁ ମାସ ମିଳିଗଲେ, ମୋ କଥା ମୁଁ ବୁଝିବି। ଏତିକି କହି ସେଠାରୁ ଚାଲିଗଲେ। ପରେ ଜାଣିବାକୁ ପାଇଲି - ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଲେ, ମାସକୁ ତିନି ହଜାର ଟଙ୍କା ଲାଗିବ। ତାଙ୍କ ସମ୍ବଳ ତ ଏକ ହଜାର ମାତ୍ର ଭତ୍ତା ଗଣ୍ଡାକ। ପୁରା ଔଷଧ ପାଇବେ କେଉଁଠୁ ? ସେ ପୁରା ଔଷଧ ବଦଳରେ ମାସକୁ ଖାଆନ୍ତି ଏକ ତୃତୀୟାଂଶ ଔଷଧ। ଔଷଧ ବଳରେ କମ୍, ଅଧିକ ଭଗବାନ କୃପାରୁ ସେ ବଞ୍ଚିଛନ୍ତି।

ଏ ମହିଳା ହେଉଛନ୍ତି ନଟକଣ। ଆଗରୁ ପାଞ୍ଚ ଶହ ଟଙ୍କା ଭତ୍ତା ପାଉଥିଲା। ଗତ ନିର୍ବାଚନ ପୂର୍ବରୁ ପାଇଲା ମାସକୁ ଏକ ହଜାର। ସବୁ ଟଙ୍କା ତା'ର ଔଷଧ ପାଇଁ ଖର୍ଚ୍ଚ ହୋଇଯାଏ। ତାହା ବି ନିଅଣ୍ଟ। ନିର୍ବାଚନ ସମୟରେ ଶୁଣିଲା - ସରକାର ବଦଳିଲେ ମାସକୁ ତିନି ହଜାର ଟଙ୍କା ଲେଖାଏଁ ଭତ୍ତା ମିଳିବ। ଭାରି ଖୁସି ହୋଇଗଲା ନଟକଣ। ଭାବିଲା - କିଛି ନ ହେଲେ, ଔଷଧଟା ଏଥର ପୁରା କିଣି ହେବ। ଦେହ ଭଲ ରହିବ। ଏ' ନାରା ଦେଉଥିବା, ଏମିତି ପ୍ରତିଶ୍ରୁତି ଦେଉଥିବା ଦଳକୁ ନଟକଣ ଭୋଟ ଦେଲା। ଗୋଟିଏ ନୁହେଁ ଦୁଇଟି - ଗୋଟିଏ ବିଧାୟକଙ୍କୁ ଏବଂ ଅନ୍ୟଟି ସାଂସଦଙ୍କୁ।

ନଟକଣ ଶୁଣିଲା - ସରକାର ବଦଳି ଗଲା।ଲୋକେ କଥା ହେଲେ - ଏଥର ଯେଉଁ ସରକାର ହୋଇଛି, ତା'ର ଡବଲ ଇଞ୍ଜିନ୍। ନଟକଣ ର ଖୁସି ଦୁଇଗୁଣ ହୋଇଗଲା। ଏଥର ବଢ଼ା ଭତ୍ତାଟା ନିଶ୍ଚିତ- ଭାବିଲା ନଟକଣ। ଭାବିବ ନାହିଁ କାହିଁକି ? ଯିଏ ନାରା ଦେଇଥିଲା, ଯିଏ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା, ସେଇ ତ ସରକାର। ପୁଣି ଡବଲ ଇଞ୍ଜିନ୍ ର। ମଝିରେ ଶୁଣିଲା - ସମସ୍ତେ ପାରିବେ ନାହିଁ ବଢ଼ା ଭତ୍ତା। ଅଶି ବର୍ଷରୁ ଅଧିକ ବୟସର ଭତ୍ତାଧାରୀ ପାଇବେ ବଢ଼ା ରାଶି। ମନଟା ପାଣିଚିଆ ହୋଇଗଲା ନଟକଣ ର। ପୁଣି ଔଷଧ ଚିନ୍ତା ରହିଲା। ଇତିମଧ୍ୟରେ ଅଢ଼େଇ ବର୍ଷ ହୋଇଗଲା ନୂଆ ସରକାର ଆସିବାକୁ। ଟଙ୍କାଟିଏ ବି ବଢ଼ିଲା ନାହିଁ ତା' ଭତ୍ତାରେ। ଅପରପକ୍ଷରେ କେବେ ବ୍ୟବସ୍ଥାରେ ତ୍ରୁଟି ତ, କେବେ ଭତ୍ତା ଖାତାରେ ତ୍ରୁଟି ଆଳରେ ଭତ୍ତା ପାଇବାରୁ ବଞ୍ଚିତ ହେଉଛି ନଟକଣ। ପ୍ରକାଶ୍ୟରେ କହୁଛି - ଆଗ ସରକାର ବେଳେ ମାସକୁ ମାସ ଠିକ୍ ସମୟରେ ମିଳୁଥାଏ ଭତ୍ତା। ଏବେ ତ ସବୁମାସ ଅନିଶ୍ଚିତତା ଦେଖାଦେଉଛି।

ଏ ନଟକଣ ତ ଏକ ନମୁନା ମାତ୍ର। ଏମିତି ଅନେକ ନଟକଣ ଅଛନ୍ତି। କିଏ ଷାଠିଏ ଟପିଲେ ବି ଭତ୍ତା ଗଣ୍ଡେ ପାଉନାହିଁ। କେତେ ବିଧବା ଅଛନ୍ତି ଭତ୍ତା ଏବେବି ତାଙ୍କୁ ମିଳି ନାହିଁ। ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା ମହିଳା ଅଛନ୍ତି। ତାଙ୍କ ପାଇଁ ଭତ୍ତା ସାତସପନ। ଗୋଟିଏ ଗୋଟିଏ ପଞ୍ଚାୟତରେ ଶହ ଶହ ଯୋଗ୍ୟ ଲୋକ ଦରଖାସ୍ତ କରିଛନ୍ତି। ଭତ୍ତା ନାହିଁ କାହିଁ କେଉଁ ଦିନରୁ ଗଣ୍ଡାଏ ଭତ୍ତା ପାଇଁ ଅପେକ୍ଷାରେ ଅଛନ୍ତି। ଏପରିକି ଅଶି ବର୍ଷରୁ ଅଧିକ ବୟସର ଭତ୍ତାଧାରୀ ମଧ ପାଉଛନ୍ତି ଏକ ହଜାର ଭତ୍ତା। ଏବେବି ବର୍ଦ୍ଧିତ ଭତ୍ତା ତାଙ୍କୁ ମିଳି ନାହିଁ ପଚାରିଲେ, ପଞ୍ଚାୟତ ଓ ବ୍ଲକ୍ ଅଧିକାରୀ କୁହନ୍ତି - ପଞ୍ଚାୟତ କୋଟା ଶେଷ ହୋଇଯାଇଛି। ଭତ୍ତା ସ୍ଥାନ ଖାଲି ହେଲେ ପାଇବ। ନହେଲେ କୋଟା ବଢ଼ିଲେ ପାଇବ। ଏଇ କଥାଟି ବୁଝି ହେଉ ନାହିଁ। ଭତ୍ତା ସ୍ଥାନ ଖାଲି ହେବା, ନ ହେବା ଏବଂ କୋଟା ବଢ଼ିବା, ନ ବଢ଼ିବା ସହିତ ଭତ୍ତା ପାଇବାର କି ସମ୍ପର୍କ ? ଜଣେ ଯୋଗ୍ୟ ହିତାଧିକାରୀ ପାଇବ ଏବଂ ଆଉଜଣେ ଏହି ଆଳରେ ପାଇବ ନାହିଁ, ଏହା କି ନିୟମ, କି ନୀତି, କି ବ୍ୟବସ୍ଥା? ତେବେ, ଏ ବ୍ୟବସ୍ଥା କ'ଣ କହୁଛି - ସମସ୍ତ ଯୋଗ୍ୟ ବ୍ୟକ୍ତି ଭତ୍ତା ପାଇବେ ନାହିଁ। ସରକାର ଯେତିକି ଚାହିଁବେ, ସେତିକି ଦେବେ। ଯେବେ ଚାହିଁବେ, ସେବେ ଦେବେ। ଏହା ବି କ'ଣ ବୁଝିବାକୁ ହେବ - ଜଣେ ଭତ୍ତାଧାରୀ ମୃତ୍ୟୁବରଣ କଲେ, ଆଉ ଜଣେ ପାଇବ। ଜଣଙ୍କ ମୃତ୍ୟୁ, ଅନ୍ୟର ଯୋଗ୍ୟତା ! ବାଃ ! କି ସୁନ୍ଦର ବିଚାର, କି ସୁନ୍ଦର ଶୋଚ୍ !

ଏହା ସରକାରଙ୍କ ନିୟମ ହୋଇପାରେ, ବା ଅଜ୍ଞତା, ଅବା ହୋଇପାରେ ଅସମ୍ବେଦନଶୀଳତା। ସରକାର ଭତ୍ତା ଖୁସିରେ ଦେଉଛନ୍ତି, ତାହା ନୁହେଁ। ଯିଏ ସବୁ ପାଉଛନ୍ତି, ସେ ଆନନ୍ଦରେ ନେଉଛନ୍ତି, ତାହା ବି ନୁହେଁ। ଭତ୍ତାର ପରିମାଣ ଛୋଟ ନିଶ୍ଚିତ। କିନ୍ତୁ, ଏହାର ଉଦ୍ଦେଶ୍ୟ ବ୍ୟାପକ। ବଡ ଆବଶ୍ୟକ। ଏହା ଖାଦ୍ୟ ପାଇଁ, ଏହା ବସ୍ତ୍ର ପାଇଁ, ଏହା ପୁଣି ଔଷଧ ପାଇଁ। ସମ୍ବିଧାନର ଏକୋଇଶି ଅନୁଛେଦରେ ଥିବା ପ୍ରାବଧାନ - ' ଜୀବନର ସୁରକ୍ଷା' ହେଉଛି ଏ' ଭତ୍ତା ବ୍ୟବସ୍ଥାର ମୂଳ ସୂତ୍ର। ଶ୍ରୀମତୀ ମେନକା ଗାନ୍ଧୀ - ବନାମ - ଭାରତ ସରକାର ( ୧୯୭୮) ଏବଂ ଫ୍ରାନସିସ୍ ସି. ଏମ୍ - ବନାମ- ଦିଲ୍ଲୀ ସରକାର (୧୯୮୧) ମାମଲାର ବିଚାର କାଳରେ, ଏହାର ବ୍ୟାଖ୍ୟା ରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ମତ ରଖିଲେ - ପ୍ରତି ନାଗରିକର ବଞ୍ଚିବାର ଅଧିକାର ରହିଛି। ତାହା ପୁଣି ସମ୍ମାନର ସହିତ। ଏଥି ସକାଶେ ଖାଦ୍ୟ, ବସ୍ତ୍ର, ଆବାସ ଏବଂ ଔଷଧ ସବୁ ନିତାନ୍ତ ଜରୁରୀ। ସେହି ଆଧାରରେ ଏସବୁ ମୌଳିକ ଅଧିକାରଭୁକ୍ତ ହୋଇଛି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତି ନାଗରିକ ଏସବୁ କିପରି ସହଜରେ ଏବଂ ସୁଲଭ ମୂଲ୍ୟରେ ପାଇପାରିବ, ତାହା ଦେଖିବା ସରକାରଙ୍କ କର୍ତ୍ତବ୍ୟ। କେବଳ ସେତିକି ନୁହେଁ, ଅନୁଛେଦ ଏକୋଇଶିର ଅନୁପାଳନରେ ସରକାର ଦେଖିବେ, ଯେପରି କୌଣସି ବ୍ୟକ୍ତି ଖାଦ୍ୟ ଅଭାବରୁ ମୃତ୍ୟୁବରଣ ନ କରେ। ଏହି ଭତ୍ତା ଦେବା, ତା' ପାଇଁ ଅର୍ଥର ପ୍ରାବଧାନ କରିବା, କେତେ ଦେବା, କାହାକୁ ଦେବା - ସରକାରଙ୍କ ଇଚ୍ଛାଧୀନ ନୁହେଁ। ଏହା ନାଗରିକର ମୌଳିକ ଅଧିକାର। ହକ୍। କାହାରି ଦୟା ନୁହେଁ।

**କେବଳ ନଟକଣ କାହିଁକି, ଗୌରାଙ୍ଗ, ସୁମିତ୍ରା, ମାଳତୀ, ବଳରାମ, ତାରା, ଫକୀର ପ୍ରଭୃତି ଭତ୍ତାଧାରୀ, ହିତାଧିକାରୀ ପ୍ରଶ୍ନ କରୁଛନ୍ତି - ଏ ଭତ୍ତା ଟା ଆମ ହକ୍, ନା ସରକାରଙ୍କ ଦୟା ?**

ଭୁବନେଶ୍ୱର/ ୭୯୭୮୨୧୦୮୨୧

# ଶିଳ୍ପାୟନରେ ମୃତ୍ତିକା ଓ ପ୍ଲାଷ୍ଟିକ ପ୍ରଦୂଷଣ



**ଗୋପାଳ ମହାପାତ୍ର**

ସାଧାରଣତଃ ଭାରତ ସ୍ୱାଧୀନତା ପ୍ରାପ୍ତି ପରେ ଶିଳ୍ପାୟନର ଉନ୍ନତିକରଣ ଆରମ୍ଭ ହୋଇଥିଲା। ଯାହାକି ଦ୍ୱିତୀୟ ପଞ୍ଚ ବାର୍ଷିକ ଯୋଜନା ଅଧୀନରେ ଅଧିକରୁ ଅଧିକ ଉନ୍ନତୀ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଉକ୍ତ ଶିଳ୍ପାୟନ ଦ୍ୱାରା ରୋଜଗାର, ଦ୍ରବ୍ୟର କିଣାବିକା ସଠିକ୍ ଭାବରେ ସୃଷ୍ଟି ହୋଇ ବର୍ତ୍ତମାନ ସମୟରେ ଏକ ବିରାଟ ପରିବର୍ତ୍ତନ ଆସିଚି। ଶିଳ୍ପାୟନ ଦ୍ୱାରା ଉନ୍ନତୀ ହେଉଚି ସତ୍ୟ କିନ୍ତୁ ଅତ୍ୟଧିକ ବ୍ୟବହାର ପାଇଁ ଆଜି ଆମର ସୁନାର ମାଟି କ୍ରନ୍ଦନରତା ହେବା ସହିତ ମଣିଷ ଆଧୁନିକତାରେ ବଶବର୍ତ୍ତୀ ହୋଇ ପ୍ଲାଷ୍ଟିକର ମାତ୍ରାଧିକ ବ୍ୟବହାର କରି ପ୍ରଦୂଷଣକୁ ଦିନକୁ ଦିନ ବଢ଼ାଇ ଚାଲିଚି। ମୃତ୍ତିକା ବା ମାଟିର ଭୂମିକା ସମଗ୍ର ଜୀବଜଗତ ତିଷ୍ଠି ରହିବା ପାଇଁ ଅତ୍ୟନ୍ତ ଆବଶ୍ୟକ। ବିନା ମାଟିରେ କୌଣସି ଫସଲ ହୋଇ ପାରିବ ନାହିଁ। ଦୃତ ଶିଳ୍ପାୟନ ଦ୍ୱାରା ଦିନକୁ ଦିନ ଚାଷ ଜମି ଗୁଡ଼ିକ ନଷ୍ଟ ହେବା ସହିତ ଜମି ଗୁଡ଼ିକ ବର୍ତ୍ତମାନ କଂକ୍ରିଟରେ ପରିଣତ ହେଲାଣି। ଉକ୍ତ ପ୍ରଦୂଷଣ ବର୍ତ୍ତମାନ ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି।

ମୁଖ୍ୟତଃ ଶିଳ୍ପାୟନ ବୃଦ୍ଧି ହେବା ଫଳରେ ମାଟିର ଉର୍ବରତା ହ୍ରାସ ପାଇବାକୁ ବସିଲାଣି। ଚାଷ ଜମି ମାନଙ୍କରେ ଅତିରିକ୍ତ ସାର ଏବଂ କୀଟ ନାଶକ ବ୍ୟବହାର ହୋଇ ଚାଷ ଜମି ବର୍ତ୍ତମାନ ଅନୁର୍ବର ପ୍ରାୟ। ବହୁଳ କାରଖାନା ମାନଙ୍କରୁ ନିର୍ଗତ ବର୍ଜ୍ୟ ପଦାର୍ଥ ଯେପରିକି ସୀସା, ପାରଦ, କାଡମିଅମ ଆଦି ପଡ଼ିବା ଦ୍ୱାରା ମୃତ୍ତିକାର ଉତ୍ତମ ଗୁଣ ନଷ୍ଟ ହୁଏ। ରାସାୟନିକ କାରଖାନା, ତୈଳ ବିଶୋଧନାଗାର ଏବଂ ଔଷଧ ଶିଳ୍ପ କେନ୍ଦ୍ର ଗୁଡ଼ିକରୁ ନିର୍ଗତ ବିଷାକ୍ତ ଦ୍ରବ୍ୟ ମାଟିରେ ମିଶି ଚଂଖ ର ମାତ୍ରା କମ୍ କରେ। ଖଣିଜ ଉତ୍ତୋଳନ ଅତିରିକ୍ତ ହେବା ଦ୍ୱାରା ମାଟିର ଉପର ସ୍ତର କ୍ଷୟ ହେବା ସହ ଭୂମି ଗୁଡ଼ିକ ବଞ୍ଜର ଜମିରେ ପରିଣତ ହୋଇଥାଏ। ଭାରତରେ ପ୍ରତିବର୍ଷ ୮ ମିଲିୟନ ଟନ୍ ବର୍ଜ୍ୟ ପଦାର୍ଥ ଶିଳ୍ପାଞ୍ଚଳ ମାନଙ୍କରୁ ଉତ୍ପନ୍ନ ହେଉଛି। ଯାହା ପାଇଁ ୩୫% ମୃତ୍ତିକା ଅବକ୍ଷୟ ହେଉଥିବାର ଦେଖିବାକୁ ମିଳୁଛି।



ଗୁଜୁରାଟର ଭାପି, ଅଙ୍କଲେଶ୍ୱର ଆଦି ରାସାୟନିକ ଶିଳ୍ପ କାରଖାନା, ମହାରାଷ୍ଟ୍ରର ତାରାପୁର ଅଞ୍ଚଳର ଔଷଧ ଏବଂ ରାସାୟନିକ ଶିଳ୍ପ କେନ୍ଦ୍ର, ଝାରଖଣ୍ଡ ଓ ଛତିଶଗଡ଼ର ଖଣିଜ ଓ ଇସ୍ପାତ ଶିଳ୍ପ କେନ୍ଦ୍ର ଅଞ୍ଚଳରେ ଥିବା ମୃତ୍ତିକାରେ ବର୍ତ୍ତମାନ ବିଷାକ୍ତ ଧାତୁର ମାତ୍ରା ବଢ଼ି ଚାଲିଛି। ଓଡ଼ିଶାରେ ଆମର ପ୍ରତିବର୍ଷ ୧ ମିଲିୟନ ଟନ୍ ବର୍ଜ୍ୟ ବସ୍ତୁ କାରଖାନା ମାନଙ୍କରୁ ଉତ୍ପନ୍ନ ହେଉଛି। ଖଣି ଅଞ୍ଚଳ ମାନଙ୍କରେ ମାଟିର ଉପର ସ୍ତର ୪୦% ରୁ ୬୦% ଅବକ୍ଷୟ ହୋଇଥାଏ। ମୁଖ୍ୟ ଜିଲ୍ଲା ଗୁଡ଼ିକ ହେଉଚି କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୁଳ ଏବଂ ଝାରସୁଗୁଡ଼ାର ଶିଳ୍ପ କାରଖାନା ଥିବା ଅଞ୍ଚଳ ମାନଙ୍କରେ ଅଧିକ ମୃତ୍ତିକା ପ୍ରଦୂଷଣ ସୃଷ୍ଟି ହୋଇଥାଏ।

ଅଧୁନା ଦୃତ ଶିଳ୍ପାୟନ ଦ୍ୱାରା ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ଖୁବ୍ ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକ ଦ୍ରବ୍ୟ ପ୍ରସ୍ତୁତ କରୁଥିବା କାରଖାନା ଗୁଡିକ ବହୁଳ ଭାବରେ ଜନ୍ମ ନେଉଛି। ପ୍ଲାଷ୍ଟିକ ବୋତଲ, ବ୍ୟାଗ, ପଲିଥିନ ଜରି, ପ୍ଲାଷ୍ଟିକ ଖେଳନା ଆଦି ବହୁଳ ଭାବରେ ପ୍ରସ୍ତୁତ ହୋଇ ଦିନକୁ ଦିନ ପରିବେଶ ପ୍ରଦୂଷଣ ସୃଷ୍ଟି କରିବାର ଦୃଶ୍ୟ ଆମେ ଦେଖୁଛେ। ପ୍ଲାଷ୍ଟିକ ଦ୍ରବ୍ୟ ଗୁଡ଼ିକୁ ଥରେ ବ୍ୟବହାର କରିବା ପରେ ଆମେ ତାକୁ ଫିଙ୍ଗି ଦେଉ। ଯାହା ଫଳରେ ସେଗୁଡ଼ିକ ଛୋଟ ଛୋଟ ଖଣ୍ଡରେ ପରିଣତ ହୋଇ ବର୍ଷ ବର୍ଷ ଧରି ଅନେକ ଜଳାଶୟ, ଚାଷ ଜମି ଆଦିରେ ପଡ଼ିରହି ପ୍ରଦୂଷଣର ମାତ୍ରା ବୃଦ୍ଧି କରୁଛି। ଭାରତରେ ଆମର ପ୍ରତିବର୍ଷ ଶିଳ୍ପାୟନ ଦ୍ୱାରା ୪ ମିଲିୟନ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି ହେଉଚି। ଏଥି ମଧ୍ୟରୁ ୪୦% ପ୍ଲାଷ୍ଟିକ ଅବ୍ୟବସ୍ଥିତ ଭାବରେ ବିକ୍ଷିପ୍ତ ହୋଇ ସବୁ ସ୍ଥାନରେ ପଡ଼ିଥାଏ। ପୃଥିବୀରେ ପ୍ରତିଦିନ ପ୍ରାୟ ୨୦୦୦ ଟ୍ରକ୍ ପ୍ଲାଷ୍ଟିକ ପଦାର୍ଥ ସମୁଦ୍ରରେ ପଡ଼ୁଛି। ଗଙ୍ଗା, ଯମୁନା ପରି ପବିତ୍ର ନଦୀ ଗୁଡ଼ିକ ମଧ ପ୍ଲାଷ୍ଟିକ କବଳରେ କବଳିତ। ଓଡ଼ିଶାରେ ଆମର ଶିଳ୍ପାୟନ ଦ୍ୱାରା ପ୍ରତିଦିନ ୬୦୦ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ଉତ୍ପନ୍ନ ହୋଇଥାଏ। ଭୁବନେଶ୍ୱର, କଟକ ଏବଂ ରାଉରକେଲା ଆଦି ସହର ମାନଙ୍କରେ ଅତ୍ୟଧିକ ପ୍ଲାଷ୍ଟିକ ପ୍ରଦୂଷଣ ସୃଷ୍ଟି ହେଉଥିବାର ଆମେ ଦେଖୁ।

ତେଣୁ ଯଥା ସମ୍ଭବ ଉଦ୍ୟମ ଜାରି ରଖିବା ଆବଶ୍ୟକ ଉକ୍ତ ମୃତ୍ତିକା ଏବଂ ପ୍ଲାଷ୍ଟିକ ପ୍ରଦୂଷଣକୁ କମାଇବା ନିମନ୍ତେ। ମଣିଷର ଉଗ୍ର ଆଧୁନିକତା ଭରା ମାନସିକତା ପରିବର୍ତ୍ତନ ହେବା ଉଚିତ୍। ପ୍ଲାଷ୍ଟିକର ପୁନଃ ବ୍ୟବହାର, ପୁନଃ ପରିଚାଳନା କରିବା ନିହାତି ଜରୁରୀ। ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଅଞ୍ଚଳରେ ପ୍ଲାଷ୍ଟିକ ବ୍ୟବହାରକୁ ରୋକିବା ସହିତ ପ୍ଲାଷ୍ଟିକ ପ୍ରଦୂଷଣ ଦ୍ୱାରା କିଭଳି କର୍କଟ ଭଳି ମାରାତ୍ମକ ରୋଗ ଜନ୍ମ ନେଇଛି ମଣିଷ ଶରୀରରେ ବତାଇବା ଆବଶ୍ୟକ। ଅତିରିକ୍ତ ଶିଳ୍ପାୟନ ଦ୍ୱାରା ଚାଷ ଜମି, ଜଙ୍ଗଲ ଏବଂ ନଦୀ କୂଳରେ ଥିବା ଜମି ଗୁଡ଼ିକ ନଷ୍ଟ ହେବା ଠାରୁ ବଞ୍ଚାଇବା ସହିତ ଚାଷ କାର୍ଯ୍ୟ ଜୈବ ସାର ଓ ଖତ ଆଦି ବ୍ୟବହାର କଲେ ଆମ ସୁନାର ମାଟି ପୁଣି ହସି ଉଠିବ।

ଅରିଜିତ ମିଶ୍ର
ବୀରନରସିଂହପୁର, ପୁରୀ
ମୋବାଇଲ- ୯୦୪୦୩୫୦୦୮୯

**୯/୧୧ ଆକ୍ରମଣର ୨୫ ବର୍ଷ ପୂର୍ତ୍ତି**

# ପେଣ୍ଟାଗନ୍‌ରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି ଟ୍ରମ୍ପ୍



ୱାଶିଂଟନ,୧୧।୯: ଆମେରିକା ଇତିହାସର ସବୁଠାରୁ କଳାଦିବସ ଭାବେ ପରିଚିତ ସେପ୍ଟେମ୍ବର ୧୧ ଆକ୍ରମଣର ୨୫ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପେଣ୍ଟାଗନ୍‌ରେ ଆୟୋଜିତ ମୁଖ୍ୟ ସ୍ମାରକୀ କାର୍ଯ୍ୟକ୍ରମରେ ଯୋଗଦେଇ ୯/୧୧ ଦୁର୍ଘଟଣାରେ ଜୀବନ ହରାଇଥିବା ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

୨୦୦୧ ମସିହା ସେପ୍ଟେମ୍ବର ୧୧ରେ ଅଲ୍-କାଏଦା ଆତଙ୍କବାଦୀମାନେ ବିମାନ ଅପହରଣ କରି ଆମେରିକାର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ, ଯେଉଁଥିରେ ପ୍ରାୟ ୩, ୦୦୦ ଲୋକଙ୍କର ପ୍ରାଣହାନି ହୋଇଥିଲା। ଏହି ଘଟଣା ଆମେରିକାର ବୈଦେଶିକ ନୀତି ଓ ଜାତୀୟ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା।

ଶୁକ୍ରବାର ପ୍ରାତଃକାଳରେ ପ୍ରବଳ ବର୍ଷା ସତ୍ତ୍ୱେ ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍ ଓ ଶୀର୍ଷ ସାମରିକ ଅଧିକାରୀମାନେ ପେଣ୍ଟାଗନ୍‌ରେ ଏକତ୍ରିତ ହୋଇ ବିମାନ ଆକ୍ରମଣର ଶିକାର ହୋଇଥିବା କୋଠା ଉପରେ ଏକ ବିଶାଳ ଆମେରିକୀୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

ନ୍ୟୁୟର୍କର ଗ୍ରାଉଣ୍ଡ ଜିରୋରେ ଅନୁଷ୍ଠିତ ସ୍ମାରକୀ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଯୋଗଦେଇ ପୂର୍ବତନ ରାଷ୍ଟ୍ରପତିମାନଙ୍କ ସହିତ ମିଶି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ପେନସିଲଭାନିଆର ଶାଙ୍କ୍‌ସଭିଲେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଗତ ବୁଧବାର ରାଷ୍ଟ୍ରପତି ଟ୍ରମ୍ପ ଏକ ଘୋଷଣାନାମା ଜାରି କରି ଶୁକ୍ରବାର ଦିନକୁ 'ପାଟ୍ରିୟଟ୍ ଡେ-୨୦୨୬' ଭାବେ ଘୋଷଣା କରିଛନ୍ତି। ସେ ଦେଶର ସୁରକ୍ଷା ପାଇଁ ସବୁଠାରୁ ଶକ୍ତିଶାଳୀ ଓ ପ୍ରଭାବଶାଳୀ ସେନା ଗଠନ କରିବାକୁ ନିଜର ପ୍ରତିଶ୍ରୁତି ଦୋହରାଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ୯/୧୧ ଆକ୍ରମଣ ଏକ ଏପରି ଘଟଣା ଯାହା ଆମେରିକା ଇତିହାସକୁ 'ପୂର୍ବ' ଓ 'ପର' ଭାବେ ଦୁଇ ଭାଗରେ ବିଭକ୍ତ କରିଦେଇଛି।

ଏହି ବର୍ଷର ସ୍ମାରକୀ କାର୍ଯ୍ୟକ୍ରମରେ ମୃତକଙ୍କ ପରିବାରବର୍ଗ, ସେନା କର୍ମଚାରୀ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ନାଗରିକମାନେ ସାମିଲ ହୋଇ ସେହିଦିନର ବୀର ଶହୀଦ ଓ ପୀଡ଼ିତମାନଙ୍କୁ ସ୍ମରଣ କରିଛନ୍ତି।

## ଆକ୍ରମଣର ଶିକାର କୋଠାରେ ବିଶାଳ ପତାକା ଉତ୍ତୋଳନ

## ୯/୧୧କୁ ପାଟ୍ରିୟଟ୍ ଡେ ଘୋଷଣା

## ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ୯।୧୧ ଆତଙ୍କବାଦୀ ଆକ୍ରମଣର ୨୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଆକ୍ରମଣର ଶିକାର ହୋଇଥିବା ମୃତକମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହାସହ ସମଗ୍ର ବିଶ୍ୱକୁ ଆତଙ୍କବାଦକୁ ମୂଳରୁ ନିପାତ କରିବା ପାଇଁ ଭାରତର ଦୃଢ଼ ସଙ୍କଳ୍ପକୁ ସେ ପୁନର୍ବାର ଦୋହରାଇଛନ୍ତି। ନିଜର ସୋସିଆଲ ମିଡିଆ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ ଘଟଣାର ୨୫ ବର୍ଷ ପରେ ବି ଭାରତ ସେହି ଭୟାନକ ସ୍ମୃତିକୁ ମନେ ରଖିଛି ଓ ନିଜର ପ୍ରିୟଜନଙ୍କୁ ହରାଇଥିବା ପରିବାରବର୍ଗଙ୍କ ସହ ଦୃଢ଼ତାର ସହ ଛିଡ଼ା ହୋଇଛି। ସୀମାପାର ଆତଙ୍କବାଦର ଶିକାର ହୋଇଥିବା ଭାରତ ଗତ କେତେକ ଦଶନ୍ଧି ଧରି ଏହି ଲଢ଼େଇର ସର୍ବୋଚ୍ଚରେ ରହିଆସିଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

# ଏଆଇରୁ କ୍ଷେପଣାସ୍ତ୍ର ତିଆରି କରୁଛନ୍ତି ହୁତି ଆତଙ୍କବାଦୀ



ୱାଶିଂଟନ, ୧୧।୯: ୟେମେନରେ ଇରାନ-ସମର୍ଥିତ ହୁତି ଆତଙ୍କବାଦୀମାନେ ଗାଇଡେଡ୍ ମିସାଇଲ୍ ନିର୍ମାଣ ପାଇଁ ସଫ୍ଟୱେର୍ ବିକଶିତ କରିବା ପାଇଁ ଏନ୍ଥ୍ରୋପିକ୍‌ର ଏଆଇ ଚାଟବଟ୍ କ୍ଲାଉଡ୍ ବ୍ୟବହାର କରୁଥିବା ଖବର ଏବେ ଆମେରିକାକୁ ଚିନ୍ତାରେ ପକାଇଛି। ଗୁରୁବାର ପ୍ରକାଶିତ ୧୫୪ ପୃଷ୍ଠାର ଏହି ରିପୋର୍ଟରେ ଜୈବିକ ଅସ୍ତ୍ର ବିକଶିତ କରିବା, ଗୁପ୍ତଚରୀ କରିବା, ପ୍ରଚାର ପ୍ରସାର କରିବା ଓ ଅନ୍ୟାନ୍ୟ କ୍ଷତିକାରକ କାର୍ଯ୍ୟକଳାପ ପାଇଁ ସରକାର, ଅପରାଧୀ ଗୋଷ୍ଠୀ ଏବଂ ଅନ୍ୟମାନେ ଏନ୍ଥ୍ରୋପିକର ଶକ୍ତିଶାଳୀ ଏଆଇ ମଡେଲଗୁଡ଼ିକର କିପରି ଅପବ୍ୟବହାର କରିଛନ୍ତି ତାହାର ବିସ୍ତୃତ ବିବରଣୀ ଦିଆଯାଇଛି। ଏନ୍ଥ୍ରୋପିକ କହିଛି ଯେ, 'ବିପଦ ସୃଷ୍ଟିକାରୀ' ୨୦୦୦ କିଲୋମିଟରରୁ ଅଧିକ ରେଞ୍ଜ ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ହାଇପରସୋନିକ୍ ଗ୍ଲାଇଡ୍ ଯାନ ବିଶିଷ୍ଟ ଏକ କ୍ଷେପଣାସ୍ତ୍ର ପ୍ରକାର ମଧ୍ୟ ବିକଶିତ କରୁଛନ୍ତି।

# ପତ୍ନୀ ସହ ତିନିଝିଅଙ୍କୁ ହତ୍ୟା



ଜୟପୁର, ୧୧।୯: ପାରିବାରିକ କଳହ କାରଣରୁ ରାହୁଲ ଝା ନାମକ ଜଣେ ବ୍ୟକ୍ତି ତାଙ୍କ ପତ୍ନୀ ସମେତ ତିନି ଝିଅଙ୍କୁ ହତ୍ୟା କରିଛନ୍ତି। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ରାଜସ୍ଥାନ ଜୟପୁରସ୍ଥିତ କରଧନୀ ଥାନା ଅନ୍ତର୍ଗତ ଗୋବିନ୍ଦପୁରା ଅଞ୍ଚଳରେ। ସୂଚନା ଅନୁଯାୟୀ, ଘରର ପ୍ରଥମ ମହଲାରୁ ପତ୍ନୀ ଗୀତା (୪୦)ଙ୍କ ମୃତଦେହ ମିଳିଥିବା ବେଳେ ତଳ ମହଲାରୁ ୩ ଝିଅ ନନ୍ଦିନୀ, ଗିରିଶା ଓ ରାଧିକାଙ୍କ ରକ୍ତାକ୍ତ ଶବ ଜବତ କରାଯାଇଛି। ମୃତ ଝିଅମାନଙ୍କ ବୟସ ୧୭ରୁ ୨୩ ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଗୁରୁବାର ବିଳମ୍ବିତ ରାତିରେ ସମସ୍ତେ ଶୋଇପଡ଼ିବା ପରେ ଅଭିଯୁକ୍ତ ରାହୁଲ ଝା ଏକ ଇଟାରେ ସମସ୍ତଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲା। ଏଥିରେ ୪ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ କରଧନୀ ଥାନା ପୋଲିସ ସହ ବରିଷ୍ଠ ଅଧିକାରୀ, ଫରେନସିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ପହଞ୍ଚି ରକ୍ତ ନମୁନା ଓ ହତ୍ୟାରେ ବ୍ୟବହୃତ ଇଟା ଜବତ କରି ସାକ୍ଷ୍ୟ ପ୍ରମାଣ ସଂଗ୍ରହ କରିଛନ୍ତି।

# ମନ୍ଦିରରେ ମାଛ ଭୋଗ ଖାଇଲେ ମୁଖ୍ୟମନ୍ତ୍ରୀ



## ବାବା ବାଗେଶ୍ୱରଙ୍କ ବିବାଦ ତୁଟିଲା

କୋଲକାତା, ୧୧।୯: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କାଳୀଘାଟସ୍ଥିତ ମା' କାଳୀଙ୍କ ମନ୍ଦିରରେ ବସି ମାଛ ଭୋଗ ଖାଇଛନ୍ତି। ଏଥିରୁ ଏହା ପ୍ରତୀତ ହୋଇଛି ଯେ ବିଜେପି ଦୁର୍ଗାପୂଜାରେ ଆମିଷ ଭକ୍ଷଣ ନ କରିବା ପାଇଁ ବାବା ବାଗେଶ୍ୱରଙ୍କ ବାରଣକୁ ନେଇ ଉପୁଜିଥିବା ବିବାଦର ସମାପ୍ତ କରିଛି। ବାବା ବାଗେଶ୍ୱର ନାମରେ ଜଣାଶୁଣା ଧୀରେନ୍ଦ୍ର ଶାସ୍ତ୍ରୀ ଦୁର୍ଗାପୂଜା କାଳରେ ବଙ୍ଗାଳୀଙ୍କୁ ମତ୍ସ୍ୟାହାର ଛାଡିବାକୁ ଅପିଲ କରିଥିଲେ। ସେହିପରି ଧାର୍ମିକ ଅବସରରେ ଆମିଷ ଭକ୍ଷଣକାରୀଙ୍କୁ ଶାସ୍ତ୍ରୀ ଢୋଙ୍ଗୀ ବୋଲି କହିଥିଲେ। ତେବେ ବେଙ୍ଗଲରେ ବିଜେପି ଓ କଂଗ୍ରେସ ବାବା ବାଗେଶ୍ୱରଙ୍କ ଏହି ଅପିଲକୁ ଖାରଜ କରିଥିଲେ। ହେଲେ ଏହି ବିବାଦ ଥମିବାର ନାଁ ନେଉନଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କାଳୀଘାଟ ମନ୍ଦିର ପହଞ୍ଚି ମନ୍ଦିରରେ ବସି ମାଛ ଭୋଗ ଖାଇଛନ୍ତି। ଶୁଭେନ୍ଦୁ ଅଧିକାରୀ କୌଶିକୀ ଅମାବାସ୍ୟା ଅବସରରେ କାଳୀଘାଟ ଗସ୍ତ କରିଥିଲେ। ଏହାକୁ ଶାକ୍ତ ହିନ୍ଦୁମାନେ ଅତ୍ୟନ୍ତ ଶୁଭ ମନେକରନ୍ତି। ଏକ ଭିଡିଓରେ ମୁଖ୍ୟମନ୍ତ୍ରୀଙ୍କୁ ତଳେ ବସି ଭୋଗ ଖାଉଥିବାର ଦେଖା ଯାଉଛି। ଏହି ଭୋଗରେ ମାଛର ଏକ ବଡ଼ ମୁଣ୍ଡ ମଧ୍ୟ ଥିଲା, ଯାହା କାଳୀଘାଟ ଭୋଗର ଏକ ସ୍ୱତନ୍ତ୍ରତା। ଏହା ଛଡା ଭୋଗରେ ମାଛ ଭଜା ଓ ବାସନ୍ତି ପଲଉ ମଧ୍ୟ ଥିଲା। କାଳିଘାଟରେ ମୁଖ୍ୟ ଦେବୀ ମା' କାଳୀଙ୍କୁ ମାଛ ଓ ବଳି ଦିଆଯାଇଥିବା ଛେଳି ମାଂସ ଭୋଗ ଲାଗିର ପରମ୍ପରା ରହିଛି, ଯାହାକୁ ପରେ ଭକ୍ତମାନେ ପ୍ରସାଦ ରୂପେ ଗ୍ରହଣ କରନ୍ତି। ଏ ପରିପ୍ରେକ୍ଷୀରେ ଶୁଭେନ୍ଦୁ ଅଧିକାରୀ ମନ୍ଦିରରେ ବସି ମାଛ ଭୋଗ ଖାଇବା ଏହି ବାର୍ତ୍ତା ଦେଉଛି ଯେ ରାଜ୍ୟରେ ଶାକାହାରୀ ଓ ମାଂସାହାରୀ ବିତର୍କ ଏବେ ସମାପ୍ତ ହେବା ଆବଶ୍ୟକ।

# ଭୁଶୁଡ଼ିଲା ନିର୍ମାଣାଧୀନ ଚର୍ଚ୍ଚ ଛାତ

## ୩ ମୃତ, ୧୪ ଆହତ



ଭେଲୋର, ୧୧।୯: ଭେଲୋରର ତିରୁଭାଲମର ମଞ୍ଜୁକୃଷ୍ଣପୁରମରେ ଏକ ନିର୍ମାଣାଧୀନ ଚର୍ଚ୍ଚର ଛାତ ଭୁଶୁଡ଼ି ପଡ଼ିବାରୁ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ଘଟଣାଟି ଅପରାହ୍ଣ ୪ଟା ୩୦ ମିନିଟରେ ଘଟିଥିଲା। ସିଏସ୍‌ଆଇ ଜିଅନ୍ ହିଲ୍ ଚର୍ଚ୍ଚର କଂକ୍ରିଟ କାମ ଚାଲିଥିବାବେଳେ ଛାତ ଭୁଶୁଡ଼ି ପଡ଼ିଥିଲା, ଫଳରେ କାର୍ଯ୍ୟରତ ଶ୍ରମିକମାନେ ଭଗ୍ନାବଶେଷ ତଳେ ଚାପି ହୋଇଯାଇଥିଲେ। ଉଦ୍ଧାରକାର୍ଯ୍ୟ ଗୁରୁବାର ରାତି ପର୍ଯ୍ୟନ୍ତ ଚାଲିଥିଲା। ଆହତ ୧୪ ଜଣଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଆଦୁକମ୍ପରାଇର ସରକାରୀ ମେଡିକାଲ କଲେଜ ହସ୍ପିଟାଲ ଓ ଭେଲୋରର ସିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ୧୦ ଜଣ ସାମାନ୍ୟ ଆହତ ହୋଇଥିଲେ। ଆନ୍ଧ୍ର ପ୍ରଦେଶର ଆଉ ଜଣେ ଶ୍ରମିକ ସାମୁଏଲ୍ (୪୫)ଙ୍କ ମୃତଦେହ ପରେ ଭଗ୍ନାବଶେଷରୁ ଉଦ୍ଧାର କରାଯାଇଥିଲା।

# ଟ୍ରକ୍-ବୋଲେରୋ ଧକ୍କା, ୩ ଶିଶୁଙ୍କ ସମେତ ୮ ମୃତ

ଭଣ୍ଡାରା, ୧୧।୯: ମହାରାଷ୍ଟ୍ରର ଭଣ୍ଡାରା ଜିଲ୍ଲାରେ ଶୁକ୍ରବାର ଭୋର ସମୟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୩ ଜଣ ଶିଶୁଙ୍କ ସମେତ ୮ ଜଣଙ୍କର ମୃତ୍ୟୁ ହୋଇଛି। ଏକ ବୋଲେରୋ ଓ ଆଇଚର ଟ୍ରକ୍ ମଧ୍ୟରେ ଧକ୍କା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପୁଲିସ କହିଛି। ପୁଲିସର ସୂଚନା ଅନୁସାରେ, ଭୋର ପ୍ରାୟ ୪ଟା ସମୟରେ ଲଖନି ତାଲୁକାର ମାନେଗାଓଁ ଏବଂ ପିମ୍ପଲଗାଓଁ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବୋଲେରୋରେ ଯାତ୍ରା କରୁଥିବା ୮ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୫ ଜଣ ବୟସ୍କ ଏବଂ ୩ ଜଣ ଶିଶୁ ରହିଛନ୍ତି। ପୁଲିସ ଅଧିକାରୀଙ୍କ କହିବା ଅନୁସାରେ, ମୃତକମାନେ ଛତିଶଗଡ଼ର ରାଜଧାନୀ ରାୟପୁରରୁ ନାଗପୁର ଆସୁଥିଲେ। ସେମାନେ ଜାତୀୟ ରାଜପଥ-୫୩ ଦେଇ ଯାତ୍ରା କରୁଥିଲେ। ଦୁର୍ଘଟଣା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର ପ୍ରକୃତ କାରଣ ନେଇ ତଦନ୍ତ ଜାରି ରହିଛି।

**ଦିଲ୍ଲୀରେ ଏସଆଇଆର**

# ୭୨୯ରୁ କଟିଗଲା ୭୨୮ ନାଁ

ନୂଆଦିଲ୍ଲୀ, ୧୧।୯: ଦିଲ୍ଲୀରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପରେ ଡ୍ରାଫ୍ଟ ଲିଷ୍ଟ ଆସିଛି। ତେବେ ଏଥିରେ ଦିଲ୍ଲୀର ଏକ ବୁଥରେ ୭୨୯ ଭୋଟରରୁ ୭୨୮ ଡିଲିଟ ହୋଇଯାଇଛନ୍ତି। ଏଠାରେ ଏସଆଇଆର ପୂର୍ବରୁ ୭୨୯ ଜଣ ଭୋଟର ପଞ୍ଜିକୃତ ଥିଲେ। ହେଲେ ଏବେ ଡ୍ରାଫ୍ଟ ଲିଷ୍ଟ ସାମ୍ନାକୁ ଆସିବା ବେଳେ ଏଥିରେ ଜଣେ ମାତ୍ର ଭୋଟରଙ୍କ ନାମ ରହିଛି। ଏସଆଇଆରରେ ବୁଥର ୭୨୮ ଜଣଙ୍କ ନାମ ହଟାଇ ଦିଆଯାଇଛି। ମାମଲା ସାମ୍ନାକୁ ଆସିବା ପରଠାରୁ ରାଜନୀତି ଆରମ୍ଭ ହୋଇ ଯାଇଛି। ଏହାକୁ ନେଇ କଂଗ୍ରେସ ସାଂସଦ ପବନ ଖେଡା ପ୍ରଶ୍ନ ଉଠାଇଛନ୍ତି।

# ସ୍ୱିଫ୍ଟଙ୍କ ନାମରେ ନାମିତ ହେଲା କୀଟ

ନୂଆଦିଲ୍ଲୀ, ୧୧।୯: ପପ୍-ଷ୍ଟାର୍ ତଥା ଗ୍ରାମୀ ଆୱାର୍ଡ ବିଜୟିନୀ ଗାୟିକା ଟେଲର୍ ସ୍ୱିଫ୍ଟଙ୍କ ନାମରେ ଏକ ନୂଆ ପ୍ରଜାତିର କୀଟର ନାମକରଣ କରାଯାଇଛି। ବିଶ୍ୱବିଦ୍ୟାଳୟ ୟୁସି ରିଭରସାଇଡର ଗବେଷକମାନେ ଅଷ୍ଟ୍ରେଲିଆରେ ଆବିଷ୍କୃତ ଉଦ୍ଭିଦ-ଖାଉଥିବା କୀଟର ଏକ ନୂଆ ପ୍ରଜାତିର ନାମ 'ସ୍ୱିଫ୍ଟି ଫାଇଲସ୍' ରଖିଛନ୍ତି। ଟେଲର ସ୍ୱିଫ୍ଟଙ୍କ ପ୍ରଶଂସକମାନଙ୍କୁ 'ସ୍ୱିଫ୍ଟି' କୁହାଯାଏ। ଏହି ଜେନସ୍ ମଧ୍ୟରେ ୪ଟି ପ୍ରଜାତି ଅଛନ୍ତି, ଯାହାର ନାମ ଟେଲର ସ୍ୱିଫ୍ଟ ଏବଂ ତାଙ୍କର ପ୍ରସିଦ୍ଧ ଆଲବମ୍ ଗୁଡ଼ିକରୁ ଶବ୍ଦ ସଂଗ୍ରହ କରି ରଖାଯାଇଛି। ଏହି ପୋକଗୁଡ଼ିକ ହାଲୁକା ହଳଦିଆ ଏବଂ ଲାଲ୍ ରଙ୍ଗର। ଗବେଷକ ସାରା ଶ୍ରୋଡର୍‌ଙ୍କ କହିବାନୁସାରେ, ଟେଲର୍ ସ୍ୱିଫ୍ଟଙ୍କ ସୁନେଲୀ ରଙ୍ଗର କେଶ ଓ ଲାଲ୍ ଓଠ ଭଳି ଏହି ପୋକଗୁଡ଼ିକ ଦିଶନ୍ତି।



ଏହି ପୋକଗୁଡ଼ିକ ଅଷ୍ଟ୍ରେଲିଆର 'ସି-ଓକ୍' ଗଛରେ ରୁହନ୍ତି। ସେଗୁଡ଼ିକ ମଣିଷ, ପଶୁ କିମ୍ବା ଉଦ୍ଭିଦ ପାଇଁ କ୍ଷତିକାରକ ନୁହନ୍ତି।

## ରାଜ୍ୟ ଖବର

**● ବିଆଇଏସ ବିକୁଛି ଏମ୍‌ସ ଚାକିରି**

# ଏମ୍‌ସରେ ସାଂଘାତିକ ନିଯୁକ୍ତି ଦୁର୍ନୀତିଃ ଯୁବ କଂଗ୍ରେସ

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ଆଜି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଞ୍ଜିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏମ୍‌ସରେ ଚାକିରି ବିକିରି ଦୁର୍ନୀତି ପ୍ରସଙ୍ଗ ଉପରେ ଉପସ୍ଥାପନ କରିଥିଲେ। ଏମସ କର୍ତ୍ତୃପକ୍ଷ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ଜ୍ଞାତ ସାରରେ ଏମ୍‌ସରେ ଖୁଲମ୍‌ଖୁଲ୍ଲା ଚାକିରି ବିକ୍ରି ହୋଇଥିବା ବେଳେ ଏହି ସାଂଘାତିକ ଦୁର୍ନୀତିକୁ ଏମ୍‌ସର ଉଚ୍ଚପଦସ୍ଥ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାର ନୀରବ ରହିବା ଦୁର୍ଭାଗ୍ୟ ଜନକ ବୋଲି ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ତଥା ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏଥିସହ ଘଟଣା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ କଠୋର ଦଣ୍ଡ ଦେବା ସକାଶେ ମଧ୍ୟ ସେ ଦାବି କରିଛନ୍ତି। ସେ କହିଛନ୍ତି ଯେ ବମ୍ବେ ଇଣ୍ଟିଗ୍ରେଟେଡ ସିକ୍ୟୁରିଟି ଲିମିଟେଡ (ବିଆଇଏସ୍) ନାମକ ଏକ ସଂସ୍ଥା ଏମ୍‌ସଠାରୁ ଟେଣ୍ଡର ହାସଲ କରି ହାଉସ୍‌କିପିଙ୍ଗ ଷ୍ଟାଫ ଓ ହସ୍ପିଟାଲ ଆଟେଣ୍ଡାଣ୍ଟ ଷ୍ଟାଫ୍ ନିଯୁକ୍ତି କରିଛି। ଏହି ପ୍ରକ୍ରିୟାରେ ବିଆଇଏସ୍ ବହୁ ଗରିବ ଓ ନିରୀହ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ବେଆଇନ ଭାବେ ଲାଞ୍ଚ ନେଇଛି। ଏହି ନିଯୁକ୍ତି ପାଇଁ ଇଣ୍ଟରଭ୍ୟୁ ହୋଇନାହିଁ କି ସେମାନଙ୍କର ଆବଶ୍ୟକ ଡକ୍ୟୁମେଣ୍ଟ ବି ଯାଞ୍ଚ କରାଯାଇନାହିଁ। ହସ୍ପିଟାଲ ଆଟେଣ୍ଡାଣ୍ଟଙ୍କଠାରୁ ଜଣପିଛା ପାଖାପାଖି ଅଢ଼େଇ ଲକ୍ଷ ଟଙ୍କା ଲାଞ୍ଚ ନିଆଯାଇଥିବା ବେଳେ ହାଉସ୍‌କିପିଙ୍ଗ ଷ୍ଟାଫଙ୍କଠାରୁ ପାଖାପାଖି ୨ ଲକ୍ଷ ଟଙ୍କା ନିଆଯାଇଥିବା ଅଭିଯୋଗ ହୋଇଛି। ହସ୍ପିଟାଲ ଆଟେଣ୍ଡାଣ୍ଟ ଷ୍ଟାଫ୍ ଭାବେ ଏବେ ନିକଟରେ ୭୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି, ଏହା ପୂର୍ବରୁ କମ୍ପାନୀ ମଧ୍ୟ ୨୦୦ ହାଉସ୍‌କିପିଙ୍ଗ ଷ୍ଟାଫ ଓ ହସ୍ପିଟାଲ୍ ଆଟେଣ୍ଡାଣ୍ଟ ଷ୍ଟାଫ୍ ନିଯୁକ୍ତି ଦେଇଛନ୍ତି। ଏଥିରେ ଏମ୍‌ସ ଡାଇରେକ୍ଟର ଆଶୁତୋଷ ବିଶ୍ୱାସ, ଆସିଷ୍ଟାଣ୍ଟ ଆଡିମିନ୍‌ଷ୍ଟ୍ରେଟିଭ୍ ଅଫିସର ଓ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଭୂମିକା ସନ୍ଦେହଜନକ ବୋଲି ଶ୍ରୀ ନୱାଜ୍ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସୁଦୀପ ସାମଲ ଓ ଜାଭେଦ୍ ଅକ୍‌ତାର ମଧ୍ୟ ଉପସ୍ଥିତ ଥିଲେ।




**ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ-୨୦୨୬ ପ୍ରସଙ୍ଗ**

# ମିଥ୍ୟା ପ୍ରଚାର କରୁଛନ୍ତି ବିରୋଧୀ ଦଳଃ ଅମର




**ବିଜେଡି ସରକାର ଖଣି ଓ ଖଣିଜ ସମ୍ପଦ କ୍ଷେତ୍ରକୁ ହରିଲୁଟ କରିଥିଲା**

**ବିରୋଧୀ ଦଳମାନେ ନୂତନ ସଂଶୋଧିତ ଆଇନକୁ ବୁଝିବାକୁ ଅସମର୍ଥ**

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ-୨୦୨୬କୁ ନେଇ ଗତ କିଛି ଦିନ ହେଲା ବିଜେଡି ଓ କଂଗ୍ରେସ ସମେତ ବିରୋଧୀ ଦଳଗୁଡିକ ନକାରାତ୍ମକ ପ୍ରଚାର କରୁଛନ୍ତି। ବିଶେଷଭାବେ ଦୀର୍ଘ ୨୪ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ଏବେ ଅପପ୍ରଚାର କରୁଛି। ବିଜେଡି ଶାସନ କାଳରେ ଖଣି ସଂସ୍କାର ଓ ତଜ୍ଜନିତ ରାଜସ୍ୱକୁ ନେଇ ତାଙ୍କ ଆଭିମୁଖ୍ୟ ଭିନ୍ନ ଭିନ୍ନ ଥିଲା। ପୂର୍ବ ସରକାର ମାଇନିଂ ସେକ୍ଟରରେ ଉନ୍ନତି ପାଇଁ କିଛି କରି ନ ଥିଲେ। ଡିଏମଏଫ୍ ପାଣ୍ଠିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ପର୍ଦ୍ଦାଫାସ ହୋଇଛି। ବିଜେଡି ସରକାର ଅମଳରେ ଜିଏସଟି ଭଳି ଆର୍ଥିକ ସଂସ୍କାରକୁ ବିରୋଧ କରୁଥିବା ବିଜେଡି, କଂଗ୍ରେସ ଏବଂ ସମଭାବପନ୍ନ ବିରୋଧୀ ଦଳଗୁଡ଼ିକର ଆଭିମୁଖ୍ୟ ସମାନ ଭାବେ ଏମ୍‌ଏମ୍‌ଡିଆର୍ ଆଇନ ସଂସ୍କାର କ୍ଷେତ୍ରରେ ପରିପ୍ରକାଶ କରୁଛନ୍ତି ବୋଲି ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଅମର ପଟ୍ଟନାୟକ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦେଶରେ ଥିବା ଖଣିଜ ସମ୍ପଦଗୁଡିକର ସୁପରିଚାଳନା, ସୁରକ୍ଷା, ନିୟନ୍ତ୍ରଣ ଏବଂ ସ୍ୱଚ୍ଛତାର ସହ ଆବଣ୍ଟନ କରିବା ହେଉଛି ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନର ମୂଳ ଲକ୍ଷ୍ୟ। ବିଭିନ୍ନ ରାଜ୍ୟର ୧୪ ବିଭିନ୍ନ ପ୍ରକାରର ଟ୍ୟାକ୍ସ, ସେସ୍, ଫି' ଆଦି ହଟାଯାଇ ଟ୍ୟାକ୍ସ ବିଶୃଙ୍ଖଳା ଦୂର କରାଯିବ। ସମସ୍ତ ରାଜ୍ୟରେ ରାଜ୍ୟସ୍ତରୀୟ ଟ୍ୟାକ୍ସ ବ୍ୟବସ୍ଥାରେ ସମାନତା ଅଣାଯିବ। ଏହା ପୂର୍ବାନୁମାନ ଯୋଗ୍ୟତା ଓ ସଂସ୍ଥାଗତ ସ୍ଥିରତା ଆସିବା ଦ୍ୱାରା ଖଣି କ୍ଷେତ୍ରରେ ସାମଗ୍ରିକ ଅଭିବୃଦ୍ଧି ପାଇଁ ଲାଭଦାୟକ ହେବ। ଖଣି ପରିଚାଳନାକୁ ବ୍ୟାବସାୟିକ ଭାବେ ଲାଭଜନକ ଓ ପ୍ରତିଯୋଗିତାମୂଳକ କରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଅଶୋକ ମହାନ୍ତି, ଅଗସ୍ତି ବେହେରା, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଉପସ୍ଥିତ ଥିଲେ।

# ଇତିହାସ ପିଜିଟିଙ୍କ ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ




ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ଇତିହାସର ନବନିଯୁକ୍ତ ସ୍ନାତକୋତ୍ତର ଶିକ୍ଷକମାନଙ୍କ ପାଇଁ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଗତ ୭ରୁ ଆଜି ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ମୋଟ ୧୨୦ ଜଣ ଇତିହାସ ପିଜିଟି ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଅତିରିକ୍ତ ନିର୍ଦ୍ଦେଶକ ବିନିତା ସେନାପତି, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳୀ ଏବଂ ଉପନିର୍ଦ୍ଦେଶକ ସିଏଚ୍ ବିଜୟଲକ୍ଷ୍ମୀ ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଅଂଶଗ୍ରହଣକାରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି ୨୦୨୦, ଆଇସିଟି, ଓଡ଼ିଶା ଶିକ୍ଷା ନିୟମ, ସାମ୍ସ ଓ ଶିକ୍ଷାଜ୍ୟୋତି ପୋର୍ଟାଲ, ପୋଶ୍ ଆଇନ, ଛାତ୍ରବୃତ୍ତି, ପ୍ରଶାସନିକ ଦାୟିତ୍ୱ, ପରୀକ୍ଷା ଏବଂ ମୂଲ୍ୟାୟନ ଯୋଜନା ଏବଂ କ୍ୟାରିଅର୍ ମାର୍ଗଦର୍ଶନ ଆଦି ସମ୍ପର୍କରେ ତାଲିମ୍ ଦିଆଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ତାଲିମ୍ କାର୍ଯ୍ୟକ୍ରମ ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଦୁର୍ଗାପୂଜା ପାଇଁ ଏକକ ବାତାୟନ ବ୍ୟବସ୍ଥା




କଟକ, ୧୧।୯ (ସଂଚାର ବ୍ୟୁରୋ): ଆସନ୍ତା ଦୁର୍ଗାପୂଜା-୨୦୨୬କୁ କଟକ ସହରରେ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଗମ ଭାବେ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକକ ବାତାୟନ ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯିବ। ପୂଜା କମିଟିଗୁଡ଼ିକୁ ତ୍ୱରିତ ଏନ୍‌ଓସି ଓ ଅନୁମତି ପ୍ରଦାନ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏନେଇ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ମହାନଗର କମିଶନର କିରଣଦୀପ କୌର ସହୋତା ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କମଲଜିତ ଦାସଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ମହାନଗର ଶାନ୍ତି କମିଟିର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ କଟକ ସଦର ଉପଜିଲ୍ଲାପାଳଙ୍କୁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସମଗ୍ର ବ୍ୟବସ୍ଥାର ତଦାରଖ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ସମ୍ପୃକ୍ତ ବିଭାଗ ଜଣେ ଲେଖାଏଁ ନୋଡାଲ ଅଧିକାରୀ ନିଯୁକ୍ତ କରି ପୂଜା କମିଟିର ଆବେଦନକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦାରଖ କରିବେ।

# ସହରାଞ୍ଚଳରେ 'ସ୍ୱଚ୍ଛତା ହିଁ ସେବା ୨୦୨୬'

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର କେନ୍ଦ୍ରମନ୍ତ୍ରୀଙ୍କ ସହ ଗତକାଲି ଅନୁଷ୍ଠିତ ଭିଡିଓ କନଫରେନ୍ସରେ ନିଆଯାଇଥିବା ନିଷ୍ପତ୍ତିକୁ ଆଧାର କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦିଗଦର୍ଶନରେ ଆଜି ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ 'ସ୍ୱଚ୍ଛତା ହିଁ ସେବା ୨୦୨୬' ଉପରେ ଏକ ଉଚ୍ଚସ୍ତରୀୟ ରାଜ୍ୟସ୍ତରୀୟ ଅଭିମୁଖ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ପ୍ରସ୍ତୁତିର ସମୀକ୍ଷା କରାଯିବା ସହ 'ସ୍ୱଚ୍ଛତା ହିଁ ସେବା ୨୦୨୬'କୁ ଓଡ଼ିଶାର ସହରାଞ୍ଚଳରେ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏକ ସମନ୍ୱିତ ରାଜ୍ୟସ୍ତରୀୟ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ରାଜ୍ୟ ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶ ଅଭିଯାନର ୫ଟି ମୁଖ୍ୟ ସ୍ତମ୍ଭକୁ ଆଧାର କରି ରାଜ୍ୟର ବିସ୍ତୃତ କାର୍ଯ୍ୟାନ୍ୱୟନ କୌଶଳ ଓ ପ୍ରସ୍ତୁତି ସମ୍ପର୍କରେ ଉପସ୍ଥାପନା କରିଥିଲେ।



ଡିଜିଟାଲ ପୁଲିସିଂରେ ଓଡ଼ିଶା ପୁଲିସର ନୂଆ ପଦକ୍ଷେପ

## 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍‌ରେ ମିଳିବ ୧୪ ପୁଲିସ ସେବା

ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ପୁଲିସ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜରୁରୀ ସେବା ପ୍ରାପ୍ତି ନିମନ୍ତେ ପୁଲିସ ଥାନା କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ପଡ଼ିବ ନାହିଁ। ପୁଲିସ ସେବା ବ୍ୟବସ୍ଥାକୁ ଅଧିକ ସରଳ, ଦ୍ରୁତ, ସ୍ୱଚ୍ଛ, ନାଗରିକକେନ୍ଦ୍ରିକ ଓ ତ୍ୱରିତ ସେବା ଯୋଗାଇ ଦେବାକୁ ଓଡ଼ିଶା ପୁଲିସ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଏଣିକି ଘରେ ବସି 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ ମାଧ୍ୟମରେ ସାଧାରଣ ଲୋକମାନେ ୧୪ଟି ପୁଲିସ-ନାଗରିକ ସେବା ପାଇପାରିବେ। ଡିଜିପି ବିନୟତୋଷ ମିଶ୍ର ଆଜି ସ୍ଥାନୀୟ ଡିଜିପି କ୍ୟାମ୍ପ ଅଫିସ୍‌ରେ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ବର୍ଷ ଡିସେମ୍ବର ୨୫, ସୁଶାସନ ଦିବସ ଅବସରରେ 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍‌ର ଶୁଭାରମ୍ଭ କରିଥିଲେ। ଏହା ମାଧ୍ୟମରେ ବିଭିନ୍ନ ସରକାରୀ ସେବା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ସରକାରଙ୍କ ନାଗରିକକେନ୍ଦ୍ରିକ ଡିଜିଟାଲ୍ ସୁଶାସନ ପଦକ୍ଷେପ ଅଧୀନରେ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍'ରେ ଏହି ସେବାଗୁଡ଼ିକୁ ଯୋଡ଼ାଯାଇଛି। ଷ୍ଟେଟ୍ କ୍ରାଇମ୍ ରେକର୍ଡସ ବ୍ୟୁରୋ, ଓଡ଼ିଶା ପୁଲିସ ପକ୍ଷରୁ ଏଥିପାଇଁ ଆବଶ୍ୟକ ବୈଷୟିକ ସମନ୍ୱୟ ସମ୍ପୂର୍ଣ୍ଣ କରାଯାଇଛି। ସୁଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଡିଜିଟାଲ୍ ସୁଶାସନ ପଦକ୍ଷେପର ପରିସରରେ ଏହି ସେବାକୁ ସାମିଲ କରାଯାଇଛି। ଏହା ମାଧ୍ୟମରେ ପୁଲିସ ସେବାକୁ ନାଗରିକଙ୍କ ହାତପାହନ୍ତାରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। 'ଆମ ସାଥୀ' ହେଉଛି ଓଡ଼ିଶା ସରକାରଙ୍କ ୨୪×୭ ଡିଜିଟାଲ୍ ସହାୟକ ବ୍ୟବସ୍ଥା। ହ୍ୱାଟ୍ସଆପ୍ ମାଧ୍ୟମରେ ଏଥିରେ ବିଭିନ୍ନ ସରକାରୀ ସେବା ସହଜରେ ଉପଲବ୍ଧ ହେଉଛି। ନାଗରିକମାନେ ଏହି ବ୍ୟବସ୍ଥା ମାଧ୍ୟମରେ ଘରେ ବସି ଆବଶ୍ୟକ ପୁଲିସ ସେବା ପାଇଁ ଆବେଦନ କରିପାରିବେ।

● କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ଭାବନା ନେଇ ରୋଡମ୍ୟାପ୍

## ବିନା ଜମି ଅଧିଗ୍ରହଣରେ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପକୁ ଗୁରୁତ୍ୱ

ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ରାଜ୍ୟର ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣ ଦିଗରେ ଓଡ଼ିଶା ଆଜି ଏକ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛି। ଶକ୍ତି ବିଭାଗ, ଓଡ଼ିଶା ସରକାର ଓ ଗ୍ରୀଡକୋ ଲିମିଟେଡ୍, 'ଆଇଏଫସିଏ'ର ସହଯୋଗରେ ଏକ ଉଚ୍ଚସ୍ତରୀୟ ଅଂଶୀଦାର ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଉର୍ଜା ମନ୍ତ୍ରାଳୟର କ୍ଷୁଦ୍ର ଜଳବିଦ୍ୟୁତ୍ ବିକାଶ ଯୋଜନା (୨୦୨୬-୨୭ରୁ ୨୦୩୦-୩୧)ର ଦ୍ରୁତ ଗତି ନିର୍ଦ୍ଧାରଣ, ପ୍ରକଳ୍ପ ବିକାଶକାରୀ, ଆର୍ଥିକ ସଂସ୍ଥା ଏବଂ କ୍ଷେତ୍ରୀୟ ବିଶେଷଜ୍ଞମାନେ କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଥିଲେ। ଭାରତରେ ଆକଳନ କରାଯାଇଥିବା ୨୧,୧୩୩ ମେଗାୱାଟ୍ କ୍ଷୁଦ୍ର ଜଳବିଦ୍ୟୁତ୍ ସମ୍ଭାବନା ମଧ୍ୟରୁ ମାତ୍ର ୫,୧୭୧ ମେଗାୱାଟ୍ ବିନିଯୋଗ



ହୋଇପାରିଛି। ଓଡ଼ିଶା ପାଇଁ ଏହି ନୀତିଗତ ଦିଗଦର୍ଶନକୁ ଏକ ବାସ୍ତବିକ ଓ ନିବେଶ-ଅନୁକୂଳ କାର୍ଯ୍ୟପନ୍ଥାରେ ପରିଣତ କରିବା ଏହି ଆଲୋଚନାର ମୁଖ୍ୟ ଲକ୍ଷ୍ୟ ଥିଲା। ନୂତନ ଭାବେ ଆରମ୍ଭ ହୋଇଥିବା ୨,୫୮୪.୬୦ କୋଟି ଟଙ୍କାର ଏହି ଜାତୀୟ ଯୋଜନା ମାଧ୍ୟମରେ ପ୍ରାୟ ୨୦୦ ପ୍ରକଳ୍ପ ଜରିଆରେ ୧,୫୦୦ ମେଗାୱାଟ୍‌ର ନୂତନ କ୍ଷୁଦ୍ର ଜଳବିଦ୍ୟୁତ୍ କ୍ଷମତା ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ନିମନ୍ତେ ୩୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ବ୍ୟବସ୍ଥା ରହିଛି। ଭାରତର ମୋଟ ଭୂପୃଷ୍ଠ ଜଳସମ୍ପଦର ପ୍ରାୟ ୧୧ ପ୍ରତିଶତ ଓଡ଼ିଶାରେ ଥିବା ବେଳେ ରାଜ୍ୟ ଏହି କେନ୍ଦ୍ରୀୟ ସହାୟତାର ଉପଯୋଗ କରି ନିଜର ତାପଜ ବିଦ୍ୟୁତ୍-ନିର୍ଭରଶୀଳତାକୁ ହ୍ରାସ କରିବା ସହ ଶକ୍ତି କ୍ଷେତ୍ରରେ ବିବିଧତା ପାଇଁ ଲକ୍ଷ୍ୟ ରଖିଛି। ଏହି ସ୍ୱଚ୍ଛ ଶକ୍ତିର ଗ୍ରୀଡ୍ ସଂଯୋଗୀକରଣ ପାଇଁ ସରକାର କିଛି ଦିନ ପୂର୍ବରୁ ହିଁ ରାଜ୍ୟରେ ଭିତ୍ତିଭୂମିର ବିକାଶ ନିମନ୍ତେ ପ୍ରାୟ ୧୬ ହଜାର କୋଟିର କ୍ୟାବିନେଟ ଅନୁମୋଦନ ପ୍ରାପ୍ତ କରିଛନ୍ତି।

## ପ୍ରଥମଥର କଟକରେ ଗଣେଶଙ୍କ ପିତ୍ତଳ ମେଢ଼



କଟକ, ୧୧।୯ (ସଂଚାର ବ୍ୟୁରୋ): କଟକ ସହରରେ ପ୍ରଥମ କରି ବିଘ୍ନରାଜ ଗଣେଶଙ୍କ ପୂଜାରେ ଶୋଭାପାଇବ ପିତଳ ମେଢ଼। ଚଳିତ ବର୍ଷ ମାଳିସାହି ଶାନ୍ତିନଗରରେ ଥିବା ସେଭେନଷ୍ଟାର କ୍ଲବରେ ଅଗ୍ରପୂଜା ଆକର୍ଷଣୀୟ ମୂର୍ତ୍ତି ସହ ଚିତ୍ତାକର୍ଷକ ମେଢ଼କୁ ଭକ୍ତମାନେ ଦେଖିବାକୁ ପାଇବେ। ଶୁକ୍ରବାର କ୍ଲବ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ରାଜକିଶୋର ବେହେରା ସୂଚନା ଦେଇ କହିଛନ୍ତି ୯ ଲକ୍ଷ ଟଙ୍କା ବ୍ୟୟରେ ପ୍ରାୟ ୨ କ୍ୱିଣ୍ଟାଲ ଓଜନର ପିତଳ ମେଢ଼ ନିର୍ମାଣ କରାଯାଇଛି। ଏହାକୁ ଟାଙ୍ଗୀ ଭିଙ୍ଗମୁଣ୍ଡା ଅଞ୍ଚଳର ଦୁର୍ଗା ବ୍ରାସ ମେଟାଲ ପ୍ରତିଷ୍ଠାନର ମାଲିକ ସାରଣ ପୃଷ୍ଟିଙ୍କ ସହ ଅନ୍ୟ ୧୨ଜଣ କାରିଗର ଦୀର୍ଘ ୬ ମାସ ଧରି ଏହି ମେଢ଼ ପ୍ରସ୍ତୁତ କରିଛନ୍ତି। ଆସନ୍ତା ୧୩ ତାରିଖରେ ବାଚସ୍ପତି ସୁରମା ପାଢ଼ୀ, ଶିଳ୍ପ ଓ ଦକ୍ଷତା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ମେଢ଼କୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୧୪ରେ ନିଶାମୁକ୍ତ ଭସାଣି ପାଳନ କରିବାକୁ ଶପଥ ଗ୍ରହଣ କରାଯିବା ସହ ଶ୍ରୀ ଗଣେଶଙ୍କ ନିକଟରେ ୧୦୮ ଆଳତି କରାଯିବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ହରପ୍ରିୟା ରାଜ, ସୋମନାଥ ମହାକୁଳ, ସଭାପତି ସୁକୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

## ୧୭ରେ ସାରା ରାଜ୍ୟରେ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳନ

● ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଆହ୍ୱାନ

ଭୁବନେଶ୍ୱର,୧୧।୯(ସଂଚାର ବ୍ୟୁରୋ): ରାଜ୍ୟର ସମସ୍ତ ମହିଳା ହିତାଧିକାରୀଙ୍କୁ ଆସନ୍ତା ୧୭ ତାରିଖ ସନ୍ଧ୍ୟାରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ନିଜ ଘରେ ଦୀପ ପ୍ରଜ୍ୱଳନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ସେବା, କୃତଜ୍ଞତା ଓ ମହିଳା ସଶକ୍ତୀକରଣର ପ୍ରତୀକ ସ୍ୱରୂପ ଏହି ଦୀପ ପ୍ରଜ୍ୱଳନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ରାଜ୍ୟର ସ୍ୱୟଂ



ସହାୟକ ଗୋଷ୍ଠୀ, କ୍ଲଷ୍ଟରସ୍ତରୀୟ ମହାସଂଘ, ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ, ବ୍ଲକ ଓ ଜିଲ୍ଲାସ୍ତରୀୟ ମହାସଂଘ, ଲକ୍ଷପତି ଦିଦି, ଉତ୍ପାଦକ ଗୋଷ୍ଠୀ ଓ ଉତ୍ପାଦକ କମ୍ପାନୀଗୁଡ଼ିକୁ ସକ୍ରିୟ ଭାବେ ଅଂଶଗ୍ରହଣ କରିବେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯଦି ପ୍ରତ୍ୟେକ ମହିଳା ହିତାଧିକାରୀ 'ବିକଶିତ ଭାରତ ୨୦୪୭' ଓ 'ବିକଶିତ ଓଡ଼ିଶା ୨୦୩୬'ର ସଂକଳ୍ପ ଓ କୃତଜ୍ଞତାର ପ୍ରତୀକ ଭାବେ ଗୋଟିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରିବେ, ତେବେ ସାରା ରାଜ୍ୟ ମହିଳା ସଶକ୍ତୀକରଣର ଆଲୋକରେ ଆଲୋକିତ ହୋଇଉଠିବ। ପ୍ରତିଟି ଦୀପ ଆମ ନାରୀଶକ୍ତିର ସାମର୍ଥ୍ୟ, ସ୍ୱାଭିମାନ, ଆଶା-ଆକାଂକ୍ଷା ଓ ରାଜ୍ୟ ଓ ଦେଶର ବିକାଶରେ ସେମାନଙ୍କ ଯୋଗଦାନକୁ ପ୍ରତିଫଳିତ କରିବ।

**୧୭ରୁ ଓଡ଼ିଶା ଟି-୨୦ ଲିଗ୍ ୨୦୨୬ ସିଏମ୍ ଟ୍ରଫି**

## ରାଇନା ଓ ଦେବାଶିଷ ବ୍ରାଣ୍ଡ ଆମ୍ବାସାଡର

କଟକ,୧୧।୯(ସଂଚାର ବ୍ୟୁରୋ): ଓଡ଼ିଶା ଟି-୨୦ ଲିଗ୍ ୨୦୨୬- ସିଏମ୍ ଟ୍ରଫି ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବେ ଦୁଇ ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା ଓ ଦେବାଶିଷ ମହାନ୍ତିଙ୍କୁ ଘୋଷଣା କରାଯାଇଛି। ଆସନ୍ତା ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଏହି ଟି-୨୦ ଲିଗ୍ ଅନୁଷ୍ଠିତ ହେବ। ଓଡ଼ିଶାର ଯୁବ ଓ ଉଦୀୟମାନ କ୍ରିକେଟରମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ଓ ପ୍ରତିଯୋଗିତାମୂଳକ କ୍ରିକେଟରେ ଅଭିଜ୍ଞତା ହାସଲ କରିବା ପାଇଁ ଏହି ଲିଗ୍ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ। ଦୁଇ ପୂର୍ବତନ ଭାରତୀୟ କ୍ରିକେଟରଙ୍କ ଯୋଗଦାନ ଲିଗ୍‌କୁ ଆହୁରି ଲୋକପ୍ରିୟ ଓ ଆକର୍ଷଣୀୟ କରିବ ବୋଲି ଆଶା କରାଯାଉଛି।




ବ୍ରାଣ୍ଡ ଆମ୍ବାସାଡର ଭାବେ ଦାୟିତ୍ୱ ନେବା ନେଇ ରାଇନା କହିଛନ୍ତି, "ନମସ୍କାର ଓଡ଼ିଶା! ଓଡ଼ିଶାର ସମସ୍ତ କ୍ରିକେଟ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର। ଓଡ଼ିଶା ଟି-୨୦ ଲିଗ୍ - ସିଏମ୍ ଟ୍ରଫି ଅନୁଷ୍ଠିତ ହେବା ନେଇ ନିଶ୍ଚିତ ହୋଇଛି। ୨୦ରୁ ୨୯ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ୬ଟି ଟିମ୍ ମଧ୍ୟରେ ୧୦ ଦିନ ଧରି ରୋମାଞ୍ଚକର କ୍ରିକେଟ୍ ଦେଖିବାକୁ ମିଳିବ। ଯୁବ ଖେଳାଳିଙ୍କ ପାଇଁ ନିଜ ପ୍ରତିଭା ପ୍ରମାଣ କରିବାର ଏହା ଏକ ଭଲ ମଞ୍ଚ। ତେଣୁ ତାରିଖ ମନେ ରଖନ୍ତୁ ଏବଂ ଏକ ବ୍ଲକବଷ୍ଟର ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ ରୁହନ୍ତୁ। ଜୟ ଜଗନ୍ନାଥ!" ସେହିପରି ଦେବାଶିଷ କହିଛନ୍ତି, "ଓଡ଼ିଶାର କ୍ରିକେଟ ପ୍ରଶଂସକଙ୍କ ଅପେକ୍ଷାର ଅନ୍ତ ଘଟିଛି। ସେପ୍ଟେମ୍ବର ୨୦ରୁ ୨୯ ପର୍ଯ୍ୟନ୍ତ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଟି-୨୦ ଲିଗ୍ - ସିଏମ୍ ଟ୍ରଫି ଖେଳାଯିବ। ୬ଟି ଟିମ୍ ଟାଇଟଲ ପାଇଁ ଲଢ଼େଇ କରିବେ। ଆମ ଖେଳାଳିମାନଙ୍କୁ ନିଜ ଦକ୍ଷତା ଦେଖାଇବା ଓ ଚାପପୂର୍ଣ୍ଣ ପରିସ୍ଥିତିରେ ଖେଳିବା ପାଇଁ ଏହି ଲିଗ୍ ଏକ ଶକ୍ତିଶାଳୀ ମଞ୍ଚ ହେବ। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନକୁ ଧନ୍ୟବାଦ। ମୁଁ ଆଶା କରୁଛି ପ୍ରଶଂସକମାନେ ଅନେକ ରୋମାଞ୍ଚକର ମ୍ୟାଚ୍ ଏବଂ ସ୍ମରଣୀୟ ମୁହୂର୍ତ୍ତ ଦେଖିବେ। ସମସ୍ତେ ତାରିଖ ମନେ ରଖି ଖେଳାଳିମାନଙ୍କୁ ସମର୍ଥନ କରିବାକୁ ଆସନ୍ତୁ। ଜୟ ଜଗନ୍ନାଥ!" ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ମଧ୍ୟ ଦୁଇ ପୂର୍ବତନ ଭାରତୀୟ କ୍ରିକେଟରଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ସାମିଲ କରାଯାଇଥିବାରୁ ଏହାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, "ଭାରତର ଦୁଇ ଶ୍ରେଷ୍ଠ କ୍ରିକେଟର ସୁରେଶ ରାଇନା ଓ ଦେବାଶିଷ ମହାନ୍ତିଙ୍କୁ ଓଡ଼ିଶା ଟି-୨୦ ଲିଗ୍ - ସିଏମ୍ ଟ୍ରଫିର ବ୍ରାଣ୍ଡ ଆମ୍ବାସାଡର ଭାବେ ପାଇବା ଆମ ପାଇଁ ଗର୍ବର ବିଷୟ। ସେମାନଙ୍କ ଯୋଗଦାନ ଟୁର୍ଣ୍ଣାମେଣ୍ଟକୁ ଆହୁରି ମୂଲ୍ୟବାନ କରିବା ସହ ଓଡ଼ିଶାର ଯୁବ କ୍ରିକେଟରମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ପ୍ରେରଣା ଦେବ।"

ପ୍ରତିଯୋଗିତାରେ ୬ଟି ଦଳ ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, କେନ୍ଦୁଝର ମାଇନର୍ସ, ରାଉରକେଲା ସୁପରଷ୍ଟାର୍ସ, ସମ୍ବଲପୁର ୱାରିୟର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଆସନ୍ତା ୨୦ରୁ ପ୍ରତିଦ୍ୱନ୍ଦ୍ୱିତା ହେବ। ଉଦ୍‌ଘାଟନୀ ମ୍ୟାଚ୍ ସମ୍ବଲପୁର ୱାରିୟର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଖେଳାଯିବ। ଆସନ୍ତା ୨୯ରେ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

● ଖାଦ୍ୟ ସୁରକ୍ଷା ବିଭାଗର ଜୋରଦାର ଚଢ଼ାଉ

## ୧.୭୭ ଲକ୍ଷ ଟଙ୍କା ଜରିମାନା ଆଦାୟ

### ୨୪୦ କିଲୋଗ୍ରାମ ବାସି ଖାଦ୍ୟ ନଷ୍ଟ



ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ): ଆଗାମୀ ପବିତ୍ର ଗଣେଶ ପୂଜାକୁ ଦୃଷ୍ଟିରେ ରଖି ଖାଦ୍ୟର ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ତଥା ଜନସାଧାରଣଙ୍କୁ ନିରାପଦ ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ଆଜି ଢେଙ୍କାନାଳ ସହରର ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନରେ ଖାଦ୍ୟ ସୁରକ୍ଷା ଯାଞ୍ଚ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନରେ ସହରର ବିଭିନ୍ନ ମିଠା ଦୋକାନ, ହୋଟେଲ, ଫାଷ୍ଟଫୁଡ୍ କେନ୍ଦ୍ର ଓ ଫଳ ଗୋଦାମ ସମେତ ମୋଟ ୧୩ଟି ବ୍ୟାବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ପ୍ରାୟ ୨୪୦ କିଗ୍ରା ବାସି ତଥା ମିଆଦ ପୂରିଯାଇଥିବା ଖାଦ୍ୟ ସାମଗ୍ରୀ ଏବଂ ବାରମ୍ବାର ରନ୍ଧା କାର୍ଯ୍ୟରେ ବ୍ୟବହୃତ ୩୪ ଲିଟର ପୋଡ଼ା ତେଲକୁ ଘଟଣାସ୍ଥଳରେ ହିଁ ନଷ୍ଟ କରାଯାଇଛି। ଏଥିସହ ପ୍ରତିଷ୍ଠାନଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିବେଶ, ପାନୀୟ ଜଳ ଓ ଖାଦ୍ୟ ସାମଗ୍ରୀର ଅସୁରକ୍ଷିତ ସଂରକ୍ଷଣ ତଥା ଫଳ ଗୋଦାମରେ କ୍ଷତିକାରକ କାର୍ବାଇଡ୍ ବ୍ୟବହାର କରିବା ଅଭିଯୋଗରେ ଖିଲାପକାରୀଙ୍କଠାରୁ ସର୍ବମୋଟ ୧ ଲକ୍ଷ ୭୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା'



ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା' ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଧରଣର ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବହୁମୁଖୀ ସାଂସ୍କୃତିକ ପ୍ରତିଭାକୁ ପ୍ରତିଫଳିତ କରିବା ସହ ସେମାନଙ୍କୁ ଆମ ଓଡ଼ିଶାର କଳା ଓ ସଂସ୍କୃତିର ବିକାଶ, ପ୍ରଚାର ଓ ପ୍ରସାର ଦିଗରେ ଅଧିକ ଉତ୍ସାହିତ କରିବ ବୋଲି କହିଥିଲେ । ବରିଷ୍ଠ ସାହିତ୍ୟିକ ଶ୍ରୀଯୁକ୍ତ ବୈଷ୍ଣବ ଚରଣ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଅନ୍ତର୍ନିହିତ କଳାତ୍ମକ ପ୍ରତିଭାର ପ୍ରଦର୍ଶନ ନିମନ୍ତେ ଏହିଭଳି ଅଭିନବ କାର୍ଯ୍ୟକ୍ରମର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ । କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପ୍ରାସଙ୍ଗିକତା ସଂପର୍କରେ ବକ୍ତବ୍ୟ ରଖିଥିଲେ ।

■ ବାରମ୍ବାର ଅଗ୍ନିକାଣ୍ଡ ପରେ କଡ଼ା ଆକ୍ସନ

## ୧ ନମ୍ବର ହାଟରେ ଚାଲିଛି ଉଚ୍ଛେଦ

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ଭୁବନେଶ୍ୱର ୧ ନମ୍ବର ହାଟରେ ବାରମ୍ବାର ଘଟୁଥିବା ଅଗ୍ନିକାଣ୍ଡ ପରେ ଭୁବନେଶ୍ୱର ମହାନଗର ନିଗମ ଓ ବିଡିଏ ପକ୍ଷରୁ କଡ଼ା ଆକ୍ସନ ନିଆଯାଇଛି। ହାଟରେ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଛି। ରାସ୍ତାକଡ଼ରେ ଥିବା ବେଆଇନ ଦୋକାନ ଓ କ୍ୟାବିନ୍ ଗୁଡ଼ିକୁ ହଟାଯାଇଛି। ଅମାନିଆ ଦୋକାନୀଙ୍କ ଦୋକାନ ଭାଙ୍ଗୁଛି ପ୍ରଶାସନ। ୟୁନିଟ-୧ ହାଟରେ ବାରମ୍ବାର ଅଗ୍ନିକାଣ୍ଡ



ଘଟଣା ପରେ ଏବେ କଡ଼ା ଆକ୍ସନକୁ ଆସିଛି ବିଏମସି। ରାସ୍ତା କଡ଼ରେ ଥିବା ଦୋକାନୀଙ୍କୁ ଅନ୍ୟତ୍ର ଜାଗା ଦିଆଯାଇଥିବା ବେଳେ ଜାଗା ନ ଛାଡ଼ିଥିବା ଦୋକାନୀଙ୍କ ଦୋକାନ ଉଚ୍ଛେଦ କରାଯାଇଛି। ଗତକାଲି ଦୋକାନୀଙ୍କୁ ନୋଟିସ ଦିଆଯାଇଥିଲା। ଆଜି ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ବିଏମସି ଓ ବିଡିଏର ମିଳିତ ଟିମ୍ ଦୋକାନ ଭାଙ୍ଗୁଥିବା ବେଳେ ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ତେବେ କାଲି ନୋଟିସ ଦେଇ ଆଜି ହଠାତ୍ ଦୋକାନ ଭଙ୍ଗାଯାଉଥିବା ଅଭିଯୋଗ କରି ପ୍ରଶାସନ ଉପରେ ବର୍ଷିଛନ୍ତି ଦୋକାନୀ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ମୁତୟନ ରହିଛି ପୁଲିସ ଫୋର୍ସ।

**ଶିକ୍ଷାନୁଷ୍ଠାନ ସହ ହଷ୍ଟେଲରୁ ବେଆଇନ ଟଙ୍କା ଆଦାୟ ଅଭିଯୋଗ**

## ଭିଜିଲାନ୍ସ ଜାଲରେ ଏସଟିଏସସି ବିଭାଗର ଦୁଇ ଅଡିଟର

ବାରିପଦା,୧୧।୯(ସଂଚାର ବ୍ୟୁରୋ): ବାରିପଦା ଭିଜିଲାନ୍ସ ବିଭାଗ ଜାଲରେ ରାଜ୍ୟ ସରକାରଙ୍କ ଏସଟିଏସସି ବିଭାଗର ଦୁଇ ଅଡିଟର। ଏସଟିଏସସି ବିଭାଗର ଦୁଇ ଜଣ ଅଡିଟର ପ୍ରଶାନ୍ତ କୁମାର ପ୍ରଧାନ ଓ ପ୍ରଜ୍ଞାନ ପ୍ରକାଶ ପାତ୍ର ଡିଷ୍ଟ୍ରିକ୍ଟ ୱେଲଫେୟାର ଅଫିସ (ଡିଡବ୍ଲ୍ୟୁଓ) ଅଧୀନରେ ଥିବା ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଆଶ୍ରମ ସ୍କୁଲ, ଉଚ୍ଚ ବିଦ୍ୟାଳୟ ଓ ହଷ୍ଟେଲମାନଙ୍କରେ ଅଡିଟ କରିବା ପାଇଁ ଗତ ଅଗଷ୍ଟ ୩୦ ତାରିଖରୁ ମୟୂରଭଞ୍ଜ ଜିଲ୍ଲା ଆସିଥିଲେ। ଗତକାଲି ରାତିରେ ଦୁହେଁ ଅଡିଟ୍ ସାରି ସରକାରୀ ସ୍କର୍ପିଓ ଗାଡ଼ିରେ ରହିଥିବା ଲଜ୍‌କୁ ଫେରୁଥିବା ସମୟରେ ପୂର୍ବରୁ ଜାଲ ବିଛାଇଥିବା ଭିଜିଲାନ୍ସ ହାବୁଡ଼ରେ ପଡ଼ିଯାଇଥିଲେ। ପୂର୍ବରୁ ଉକ୍ତ ଦୁଇ ଅଡିଟରଙ୍କ ନାମରେ ଭିଜିଲାନ୍ସ ଅଭିଯୋଗ ପାଇବା ପରେ ବାରିପଦା ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ ସେମାନଙ୍କ ଉପରେ ସଦାସର୍ବଦା ନଜର ରଖିଥିଲେ। ଭିଜିଲାନ୍ସ ପକ୍ଷରୁ ସେମାନଙ୍କ ସ୍କୋର୍ପିଓ ଗାଡ଼ିରେ ସର୍ଚ୍ଚ କରିବା ସମୟରେ ମୋଟ







୫୨ଟି ବନ୍ଦ ଲଫାଫା ଓ ୨୦ଟି ଖୋଲା ବଣ୍ଡଲରେ ମୋଟ ୫ ଲକ୍ଷ ୫୧ ହଜାର ୫୧୦ ଟଙ୍କା ମିଳିଥିଲା। ଏହି ଟଙ୍କା କେଉଁଠୁ ଆସିଲା, ତା'ର ସଠିକ ଉତ୍ତର ଦୁହେଁ ଭିଜିଲାନ୍ସ ଆଗରେ ଉପସ୍ଥାପନ କରିପାରି ନ ଥିଲେ। ଏଥିସହ ସେମାନେ ରହୁଥିବା ଲଜ୍‌ର ରୁମରେ ଭିଜିଲାନ୍ସ ପକ୍ଷରୁ ସର୍ଚ୍ଚ କରାଯିବା ବେଳେ ସେଠାରୁ ମୋଟ ୮ ଲକ୍ଷ ୮୬ ହଜାର ୮୩୦ ଟଙ୍କା ମିଳିଥିଲା। ଏହିପରି ମୋଟ ୧୪ ଲକ୍ଷ ୩୮ ହଜାର ୩୪୦ ଟଙ୍କା ସେମାନଙ୍କ ନିକଟରୁ ଜବତ କରାଯାଇଛି। ଏଥିସହ ଭୁବନେଶ୍ୱରସ୍ଥିତ ସେମାନଙ୍କର ସରକାରୀ ବାସଭବନ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ସର୍ଚ୍ଚ ଅପରେସନ କରାଯାଇଛି। ସୂଚନାଯୋଗ୍ୟ ଯେ ଉକ୍ତ ଦୁଇ ଅଡିଟର ସ୍କୁଲ ସମେତ ହଷ୍ଟେଲର ରେଜିଷ୍ଟର୍ ଅଡିଟ କରିବା ପାଇଁ ସମ୍ପୃକ୍ତ ପ୍ରଧାନଶିକ୍ଷକ ଓ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରତ୍ୟେକ ପିଲାଙ୍କ ବାବଦରେ ୧୦ ଟଙ୍କା ଲେଖାଏଁ ଦାବି କରିବା ସହ ଟଙ୍କା ଆଦାୟ କରିଥିଲେ। ଏ ବାବଦରେ ବାଲେଶ୍ୱର ଭିଜିଲାନ୍ସ ୨୩-୨୪/୨୦୨୬ରେ ଦୁଇଟି ପୃଥକ ମାମଲା ରୁଜୁ କରାଯିବା ସହ ଉଭୟଙ୍କୁ ବାରିପଦା ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଛି। ସେଠାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ୨ ସ୍କୁଲରେ ଭୟଙ୍କର ଅଗ୍ନିକାଣ୍ଡ, ୨୪ ଛାତ୍ରଛାତ୍ରୀ ମୃତ

ବୁକାଭୁ,୧୧।୯: ପୂର୍ବ କଙ୍ଗୋର ବୁକାଭୁ ସହରରେ ଥିବା ଦୁଇଟି ପାଖାପାଖି ସ୍କୁଲରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ଅତିକମରେ ୨୪ ଜଣ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଆହତ ହୋଇଛନ୍ତି। ସହରକୁ ନିୟନ୍ତ୍ରଣ କରୁଥିବା ବିଦ୍ରୋହୀ ପ୍ରଶାସନ ଏବଂ ସ୍ଥାନୀୟ ଅଧିକାରୀଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବିଦ୍ରୋହୀ ସଂଗଠନ 'ଏମ୍-୨୩'ର ପ୍ରବକ୍ତା ଲୋରେନ୍ସ କାନ୍ୟୁକାଙ୍କ କହିବା ଅନୁଯାୟୀ, ମୃତକଙ୍କ ମଧ୍ୟରେ ୧୯ ଜଣ ଛାତ୍ରୀ ଏବଂ ୫ ଜଣ ଛାତ୍ର ରହିଛନ୍ତି। ଏହାସହ ଅନ୍ୟ ୨୯ ଜଣ ଆହତଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଶିଳ୍ପ ଅଭିବୃଦ୍ଧିର...

ପ୍ରକଳ୍ପ ଜୀବନଚକ୍ରରେ ସକ୍ରିୟ ସୁବିଧା ଏବଂ ସଂସ୍ଥାଗତ ସହାୟତାର ଆଶ୍ୱାସନା ଦେଇଥିଲେ। ବିଦେଶ ନିବେଶ କାର୍ଯ୍ୟରେ ଯାତ୍ରା ଓ ପର୍ଯ୍ୟଟନ, ଲଜିଷ୍ଟିକ୍ସ, ଆର୍ଥିକ ନିବେଶ, ଏଲଏନଜି ସଂରକ୍ଷଣ, ସବୁଜ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା ଏବଂ ଡାଟା କେନ୍ଦ୍ର, ବିରଳ ପୃଥିବୀ, ଜାହାଜ ମରାମତି, ପ୍ରପେଲାଣ୍ଟ ଉତ୍ପାଦନ, ସାର ଓ ରାସାୟନିକ ପଦାର୍ଥ, ଗୃହ, ଇସ୍ପାତ ଏବଂ ଇସ୍ପାତ ଡାଉନଷ୍ଟ୍ରିମ୍ ଶିଳ୍ପ ଓ ଅନ୍ୟାନ୍ୟ ଉଦୀୟମାନ ସୁଯୋଗ ଅନ୍ତର୍ଭୁକ୍ତ ହୋଇଥିଲା। ପାରମ୍ପରିକ ଶକ୍ତି ଓ ଶକ୍ତିକ୍ଷେତ୍ର ବ୍ୟତୀତ ପ୍ରକ୍ରିୟାକୃତ ଖାଦ୍ୟ ସବୁଠାରୁ ବଡ଼ ସୁଯୋଗ ହେବ। ରାଣା ଲେବାଙ୍କ ଲିମିଟେଡ୍ ସବୁଜ ଶକ୍ତି, ଏଆଇ ଡାଟା ସେଣ୍ଟର ଓ ବିରଳ ମୃତ୍ତିକା ଧାତୁ କ୍ଷେତ୍ରରେ ସହଯୋଗ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଶରାଫ ଗ୍ରୁପ୍ ଗୃହ ନିର୍ମାଣ କ୍ଷେତ୍ରରେ ଓ ପିଟିସି ଇନଫ୍ରାଷ୍ଟ୍ରକଚରରେ ଇସ୍ପାତ ଓ ଇସ୍ପାତ ଭିତ୍ତିକ ଅନୁସାରୀ ଶିଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହା ବ୍ୟତୀତ ଜାହାଜ ମରାମତି ପାଇଁ ଡାଲଫିନ୍ ମାରାଇନ୍ ଓ ୱେର୍ଟ ପାୱାର ଇଞ୍ଜିନିୟରିଂ, ପ୍ରୋପେଲାଣ୍ଟ ଉତ୍ପାଦନ କାରଖାନା ପାଇଁ ଆଇସନ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ଏବଂ ସାର ଓ ରାସାୟନିକ ପଦାର୍ଥ ପାଇଁ ଆଗ୍ରିଫିଲ୍ଡ ଫେଟିଲାଇଜର ନିବେଶ ପ୍ରସ୍ତାବ ଗ୍ରହଣ କରାଯାଇଛି। ରୋଡ୍-ଶୋ' ସହ ମୁଖ୍ୟମନ୍ତ୍ରୀ ୟୁଏଇସ୍ଥିତ ପ୍ରମୁଖ ବ୍ୟବସାୟୀ ଓ ନିବେଶକମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଓଡ଼ିଶାରେ ପ୍ରକଳ୍ପ ସୁଯୋଗ, ଉତ୍ପାଦନ କ୍ଷେତ୍ରର ସମ୍ପ୍ରସାରଣ, ମୂଲ୍ୟଯୁକ୍ତ ଉତ୍ପାଦନ, ବୈଷୟିକ ଭାଗିଦାରୀ ଓ ଦୀର୍ଘମିଆଦି ନିବେଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନିବେଶକ ସମ୍ମିଳନୀ ପରେ ମୁଖ୍ୟମନ୍ତ୍ରୀ ଦୁବାଇରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର ଲୋକଙ୍କ ସହ ମଧ୍ୟ ଭାବ ବିନିମୟ କରିଥିଲେ, ଯେଉଁଠାରେ ୮୦୦ରୁ ଅଧିକ ଓଡ଼ିଆ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଓଡ଼ିଶାର ଏକ ଜିଲ୍ଲା ଏକ ଉତ୍ପାଦ ପ୍ରଦାନ ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା ପ୍ରବାସୀ ଓଡ଼ିଆଙ୍କ ସମ୍ପର୍କକୁ ଏକ ସ୍ୱତନ୍ତ୍ର ସାଂସ୍କୃତିକ ଓ ଔଦ୍ୟୋଗିକ ଦିଗ ପ୍ରଦାନ କରିଥିଲା। ଅଂଶଗ୍ରହଣକାରୀମାନେ ରାଜ୍ୟର ବିବିଧ ସ୍ଥାନୀୟ ଉତ୍ପାଦ ଓ ଏହାର ଜିଲ୍ଲାଗୁଡ଼ିକରୁ ଉପୁଜିଥିବା ଔଦ୍ୟୋଗିକ ସମ୍ଭାବନାକୁ ଅନୁଭବ କରିଥିଲେ।

## ଭାରତ ମଣ୍ଡପମ୍‌ରେ...

ବେଳେ ଦୁଇ ଦେଶ ମଧ୍ୟରେ ପ୍ରମୁଖ ପ୍ରତିରକ୍ଷା ଚୁକ୍ତି, ରାଡାରରୁ ସୁରକ୍ଷା ପାଇପାରୁଥିବା ସୁଖୋଇ-୫୭ ଲଢ଼ୁଆ ବିମାନ କିଣା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିବା ଅନୁମାନ କରାଯାଉଛି। ଦ୍ୱିପାକ୍ଷିକ ଆଲୋଚନା ପରେ ଦୁଇନେତା ବିଜନେସ ଫୋରମକୁ ସମ୍ବୋଧିତ କରିଛନ୍ତି। ବିଜନେସ ଫୋରମକୁ ସମ୍ବୋଧିତ କରିବା ଅବସରରେ ମୋଦି ବ୍ରିକ୍ସ ରାଷ୍ଟ୍ର ସମୂହର ଅର୍ଥନୈତିକ ଶକ୍ତି ଓ ବିଶ୍ୱସ୍ତରରେ ଭାରତର ବଢ଼ୁଥିବା ପ୍ରଭାବ ସମ୍ପର୍କରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଚଳିତ ବର୍ଷ ବ୍ରିକ୍ସ ତା'ର ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି (ରଜତ ଜୟନ୍ତୀ) ପାଳନ କରୁଛି। ବ୍ରିକ୍ସ ଓ ଏହାର ଅଂଶୀଦାର ଦେଶଗୁଡ଼ିକୁ ମିଶାଇ ବର୍ତ୍ତମାନ ଏହା ୨୧ଟି ଦେଶର ଏକ ବିଶାଳ ପରିବାର ପାଲଟିଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ୧୦ଟି ବାଣିଜ୍ୟିକ ବାଧକ ହଟାଇବା, ପ୍ରତିବର୍ଷ ୧୦୦ଟି ଷ୍ଟାର୍ଟଅପ୍‌କୁ ଅନ୍ୟ ବ୍ରିକ୍ସ ବଜାରରେ ସୁଯୋଗ ଦେବା ଓ ହଜାରେ ନୂତନ ଭାଗିଦାରୀ ବିକଶିତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ପୁଟିନ୍ ବିଜନେସ୍ ଫୋରମକୁ ସମ୍ବୋଧିତ କରି କହିଛନ୍ତି, ବ୍ରିକ୍ସ ମାଧ୍ୟମରେ ସମସ୍ୟାଗୁଡ଼ିକର ସାମ୍ନା କରାଯାଇପାରିବ। ଆମର ଲକ୍ଷ୍ୟ ହେଉଛି ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବ୍ୟବସାୟକୁ ପ୍ରୋତ୍ସାହିତ କରିବା। ଆଜି ପାଶ୍ଚାତ୍ୟ ଦେଶଗୁଡ଼ିକ ଦୁର୍ବଳ ହେବାରେ ଲାଗିଛନ୍ତି। ବ୍ରିକ୍ସ ଜି-୭ ଦେଶଗୁଡ଼ିକୁ ପଛରେ ପକାଇ ଦେଇଛି। ବ୍ରିକ୍ସ ଦେଶଗୁଡ଼ିକ ବିଶ୍ୱ ଜିଡିପିରେ ୪୦ ପ୍ରତିଶତ ଯୋଗଦାନ ଦେଉଥିବା ବେଳେ ଜି-୭ ଦେଶଗୁଡ଼ିକ ଯୋଗଦାନ ମାତ୍ର ୨୮ରୁ ୨୯ ପ୍ରତିଶତରେ ସୀମିତ ରହିଛି। ସେଥିଲାଗି ସେମାନେ (ଜି-୭ ରାଷ୍ଟ୍ରଗୁଡ଼ିକ) ସେମାନଙ୍କ ପ୍ରଭାବ ବିସ୍ତାର କରିବା ପାଇଁ ଜଳପଥ ଅବରୋଧ କରିବା ଓ ସାମୁଦ୍ରିକ ଜାହାଜ ଜବତ କରିବା ଭଳି କାର୍ଯ୍ୟରେ ଲିପ୍ତ ରହିଛନ୍ତି। ପ୍ରଥମଥର ଭାରତରେ ୯ରୁ ୧୧ ତାରିଖ ମଧ୍ୟରେ ଆୟୋଜିତ ରୁଷର ଅନ୍ତର୍ଜାତୀୟ ଶିଳ୍ପ ପ୍ରଦର୍ଶନୀ 'ଇନୋପ୍ରୋମ୍ ଇଣ୍ଡିଆ'କୁ ଦୁଇନେତା ସ୍ୱାଗତ କରିବା ସହ ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ଦୁଇନେତା ଆଜି ଚତୁର୍ଥ ଥର ପାଇଁ ଗୋଟିଏ କାର୍‌ରେ ଯାତ୍ରା କରିଥିବା ଦେଖାଯାଇଛି। ଏହି ଅବସରରେ ୨୪ତମ ଭାରତ-ରୁଷ୍ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ରାଷ୍ଟ୍ରପତି ପୁଟିନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରୁଷ ଗସ୍ତରେ ଯିବାକୁ ନିମନ୍ତ୍ରଣ ଦେଇଛନ୍ତି ଓ ପ୍ରଧାନମନ୍ତ୍ରୀ ଏହି ନିମନ୍ତ୍ରଣ ସ୍ୱୀକାର କରି କରିଛନ୍ତି। ଏଥିସହ ଇରାନ ରାଷ୍ଟ୍ରପତି ମସୁଦ୍ ପେଜେସ୍କିଆନ୍ ବ୍ରିକ୍ସ ଶିଖର ସମ୍ମିଳନୀରେ ଭାଗ ନେବା ସକାଶେ ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଏହି ଦ୍ୱିପାକ୍ଷିକ ବୈଠକରେ ଉଭୟ ନେତା ପୂର୍ବରୁ ଏସସିଓ ଶିଖର ସମ୍ମିଳନୀ ସମୟରେ ହୋଇଥିବା ଆଲୋଚନାକୁ ଆଗକୁ ବଢ଼ାଇବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରାମର୍ଶ କରିଛନ୍ତି।

## ବାଚସ୍ପତିଙ୍କ ନିଷ୍ପତ୍ତିକୁ...

ଘୋଷଣା ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀଙ୍କ ନିକଟରେ ଏକ ପିଟିସନ୍ ଦାଖଲ କରିଥିଲା। ତେବେ କିଛି ବୈଷୟିକ ତ୍ରୁଟି ଦର୍ଶାଇ ବାଚସ୍ପତି ନିକଟ ଅତୀତରେ ଏହି ଆବେଦନକୁ ଖାରଜ କରିଦେଇଥିଲେ। ବାଚସ୍ପତିଙ୍କର ଏହି ଖାରଜ ନିଷ୍ପତ୍ତିରେ ଅସନ୍ତୋଷ ବ୍ୟକ୍ତ କରି ଦଳ ଏବେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଛି। ଏ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଅଭିଯୋଗ କରିଛନ୍ତି ଯେ ବାଚସ୍ପତି ଏହି ସମ୍ବେଦନଶୀଳ ମାମଲାରେ ସମ୍ପୂର୍ଣ୍ଣ ଏକତରଫା ନିଷ୍ପତ୍ତି ଗ୍ରହଣ କରିଛନ୍ତି ଓ ବିଜେଡିକୁ ନିଜର ନ୍ୟାଯ୍ୟ ଯୁକ୍ତି ଉପସ୍ଥାପନ କରିବା ପାଇଁ କୌଣସି ସୁଯୋଗ ଦେଇନାହାନ୍ତି। ବାଚସ୍ପତିଙ୍କ ଏହି ନିଷ୍ପତ୍ତି ବିରୋଧରେ ଆମେ ହାଇକୋର୍ଟ ଯାଇଛୁ। ଏବେ ନ୍ୟାୟାଳୟ ଏହି ଘଟଣାର ତର୍ଜମା ଓ ବିଚାର କରିବେ ବୋଲି ଆମର ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି।

## ସାର୍ବଜନୀନ ହେବନି...

ପବ୍ଲିକ ଡୋମେନରେ ଉପଲବ୍ଧ ହେବ ନାହିଁ। ରତ୍ନଭଣ୍ଡାର ଗଣତିମଣତି ତାଲିକା ରିଲ୍ଜ ନୁହେଁ, ବରଂ ଏହା ମଧ୍ୟ ଗୁପ୍ତ ସେବା ବୋଲି କହିଛନ୍ତି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ। ସୂଚନା ଥାଉକି, ଗତ ୩୧ରୁ ପୁଣି ଆରମ୍ଭ ହୋଇଥିବା ଭିତର ରତ୍ନଭଣ୍ଡାରର ଗଣତିରେ ଏପର୍ଯ୍ୟନ୍ତ ଯାଞ୍ଚ ହୋଇଥିବା ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ୧୯୭୮ ମସିହାର ତାଲିକା ସହ ମେଳ ଖାଉଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ଅନୁମୋଦିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଅନୁସାରେ ସମଗ୍ର ଗଣତି ପ୍ରକ୍ରିୟା ଚାଲିଛି। ସିସିଟିଭି ନଜରରେ ରଖାଯାଇଥିବା ସହ ଅଧିକାରୀ, ମାଜିଷ୍ଟ୍ରେଟ୍ ଓ ଅନୁମୋଦିତ ବ୍ୟକ୍ତିଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲି ଯାଞ୍ଚ କରାଯାଉଛି। ଫଟୋ ଓ ଭିଡିଓ ଡକ୍ୟୁମେଣ୍ଟେସନ୍ ମଧ୍ୟ କରାଯାଉଛି।

## ବିଜେପି ବିଧାୟକଙ୍କ...

ହିଂସାକାଣ୍ଡ ଘଟିବାର ସମ୍ଭାବନା ରହିଛି। ସେ ଏହି ସଙ୍ଗିନ ସ୍ଥିତି ସମ୍ପର୍କରେ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକଙ୍କୁ ପୂର୍ବରୁ ଅବଗତ କରାଇସାରିଛନ୍ତି। ସୋସିଆଲ ମିଡିଆରେ ଦିଆଯାଉଥିବା ଧମକର ଏକ ବିସ୍ତୃତ ତଦନ୍ତ କରି ଦୋଷୀଙ୍କୁ ତୁରନ୍ତ ଚିହ୍ନଟ କରିବା ଏବଂ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏଥିସହିତ ହରିଚନ୍ଦନପୁର ଓ ତେଲକୋଇ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଆଗୁଆ ପ୍ରତିଷେଧକ ମୂଳକ ପଦକ୍ଷେପ ନେବାକୁ ସେ ପୁଲିସ ପ୍ରଶାସନକୁ ଅନୁରୋଧ କରିଛନ୍ତି। ବିଧାୟକଙ୍କ ଏହି ସମ୍ବେଦନଶୀଳ ଅଭିଯୋଗ ପରେ ଓଡ଼ିଶା ବିଧାନସଭା ସଚିବାଳୟ ତୁରନ୍ତ ହସ୍ତକ୍ଷେପ କରିଛି। ବିଧାୟକଙ୍କ ନିବେଦନ ପତ୍ରକୁ ତୁରନ୍ତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇ ଦିଆଯାଇଛି।

## ପର୍ଣ୍ଣଷ୍ଟାରଙ୍କ ପାଇଁ ବୁକ୍...

ପର୍ଣ୍ଣଷ୍ଟାର ଜଣଙ୍କ ପଶ୍ଚିମବଙ୍ଗର। ତାଙ୍କର ଏକ ଭିଡିଓ ଭାଇରାଲ ହେବା ପରେ ରାଉରକେଲା ପାନପୋଷ ସର୍କିଟ ହାଉସ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏହି ପର୍ଣ୍ଣଷ୍ଟାର ଜଣଙ୍କ ଏଠାରେ ରହିଥିବା ନେଇ ନିଜେ ରିଲ୍ସ କରିଛନ୍ତି। ସେ ବିମାନରେ ଝାରସୁଗୁଡ଼ାକୁ ଆସିଥିଲେ। ସେଠାରେ ଭିଡିଓ କରିଥିଲେ। ସେଠାରୁ କାରରେ ରାଉରକେଲା ଆସିବା ବେଳେ ଭିଡିଓ କରିଥିଲେ। ଏହାପରେ ସେ ପାନପୋଷ ସର୍କିଟ୍ ହାଉସ୍‌ରେ ପହଞ୍ଚିବା ପରେ ଭିଡିଓ କରିଥିଲେ। ଝାରସୁଗୁଡ଼ା ବିମାନ ବନ୍ଦର ପରିସରରେ ସେ କରିଥିବା ରିଲ୍ସରେ କହିଥିଲେ ଯେ କୌଣସି ଏକ କମ୍ପାନୀର ସିଇଓ ତାଙ୍କୁ ଅଡି ନେଇ ରିସିଭ୍ କରିବାକୁ ଆସିବେ। ସେହି ଅଡିରେ ସେ ରାଉରକେଲା ଯିବେ। ସେହିପରି ତାଙ୍କର ଶୁଟିଂ ଥିବା କଥା ସେ ଏକାଧିକ ଥର କହିଛନ୍ତି। ଗୋଟିଏ ଭିଡିଓରେ ଶୁଟିଂ ଠିକ୍‌ଠାକ୍ ରହିଲା ବୋଲି ବି କହିଛନ୍ତି। ଏମିତିକି ତାଙ୍କର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭିତରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ବି ସାକ୍ଷାତ କରିବେ ବୋଲି କହିଛନ୍ତି। ଭିଡିଓଗୁଡ଼ିକ ସାମ୍ନାକୁ ଆସିବା ପରେ ବିଭିନ୍ନ ବର୍ଗରୁ ଭିନ୍ନଭିନ୍ନ ମତ ପ୍ରକାଶ ପାଉଥିବା ବେଳେ ତାଙ୍କ ପାଇଁ ପାନପୋଷ ସର୍କିଟ୍ ହାଉସ୍‌ରେ ରୁମ୍ ବୁକ୍ କରିଥିବା ବ୍ୟକ୍ତି ସାମ୍ନାକୁ ଆସିଛନ୍ତି। ସେ ଏକ ଭିଡିଓ ଜାରି କରି ଏ ବିଷୟରେ ସୂଚନା ଦେଇଛନ୍ତି। ତାଙ୍କ ନାଁ ଆଶିଷ ମହାନ୍ତି। ସେ କହିଛନ୍ତି ଯେ ସେହି ମହିଳା ଜଣେ ପର୍ଣ୍ଣଷ୍ଟାର ବୋଲି ଜାଣି ନ ଥିଲେ। ଜଣେ ପରିଚିତ ଲୋକଙ୍କ ଅନୁରୋଧ କ୍ରମେ ସେ ତାଙ୍କର ଅତିଥିଙ୍କ ପାଇଁ ରୁମ୍ ବୁକ୍ କରିଥିଲେ। ସେ ଯେତେବେଳେ ଜାଣିଲେ ଯେ ସେହି ମହିଳା ଜଣେ ପର୍ଣ୍ଣଷ୍ଟାର, ସେ ତୁରନ୍ତ ତାଙ୍କୁ ସେଠାରୁ ବାହାର କରିବା ପାଇଁ ବ୍ୟବସ୍ଥା କରିଥିଲେ ବୋଲି କହିଛନ୍ତି। ଆଶିଷ ମହାନ୍ତିଙ୍କ ଭିଡିଓ ବାର୍ତ୍ତା ପରେ ମଧ୍ୟ ଆଲୋଚନା ବନ୍ଦ ହୋଇନାହିଁ। ପର୍ଣ୍ଣଷ୍ଟାର ଜଣଙ୍କ ଗତ ୨୦୨୫ ଡିସେମ୍ବରରେ ପାନପୋଷ ସର୍କିଟ ହାଉସ୍‌କୁ ଆସିଥିବା ବେଳେ ଏବେ କିଏ ଓ କାହିଁକି ଏହି ଭିଡିଓଗୁଡ଼ିକୁ ଭାଇରାଲ କଲେ ତାକୁ ନେଇ ଚର୍ଚ୍ଚା ହେଉଛି। ଏହି ଘଟଣା ସମ୍ପର୍କରେ ପୁଲିସ୍ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

## ଓରାଙ୍ଗଉଟାନଙ୍କୁ ଫେରାଇନେବ...

ଆଇୟୁସିଏନ ରିପୋର୍ଟ ଅନୁଯାୟୀ ସୁମାତ୍ରା ଓରାଙ୍ଗଉଟାନମାନେ ବିଲୁପ୍ତପ୍ରାୟ ଅବସ୍ଥାରେ। ତେଣୁ ସେମାନଙ୍କର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷରେ ଏକ ବିଶାଳ ଅନ୍ତର୍ଜାତୀୟ ସ୍ମଗଲିଂ ନେଟୱର୍କ ଜରିଆରେ ଏହି ଜୀବଙ୍କୁ ଜଳପଥରେ କିମ୍ବା ସ୍ଥଳପଥରେ ଓଡ଼ିଶା ଅଣାଯାଇଥିବା ସନ୍ଦେହ ହୋଇଛି। ଧରାପଡ଼ିବା ଭୟରେ ଚୋରା ଚାଲାଣକାରୀମାନେ ବୋଧହୁଏ ସେମାନଙ୍କୁ ବିଚିତ୍ରପୁର ନିକଟସ୍ଥ କାଜୁ ଜଙ୍ଗଲରେ ଛାଡ଼ି ଫେରାର୍ ହୋଇଯାଇଛନ୍ତି।

## ବେଆଇନ ଭାବେ ଲୁହାପଥର ଚାଲାଣ ବେଳେ ଟ୍ରକ୍ ଜବତ, ୨ ଅଟକ

ବଡ଼ବିଲ,୧୧।୯ (ସଂଚାର ବ୍ୟୁରୋ): ଖଣିଜ ଚୋରା କାରବାର ରୋକିବା ପାଇଁ ଯୋଡ଼ା ଖଣି ବିଭାଗ ପକ୍ଷରୁ ଜୋରଦାର ପ୍ରୟାସ ଜାରିରହିଥିବା ବେଳେ ଶୁକ୍ରବାର ରାତି ୪ଟା ସମୟରେ ଅବୈଧ ଭାବେ ଲୁହାପଥର ପରିବହନ କରି ଓଡ଼ିଶା ସୀମା ପାର ହେବାକୁ ଉଦ୍ୟମ କରୁଥିବା ବେଳେ ଏକ ଟ୍ରକ୍‌କୁ ଧରିଛି ଖଣି ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍। ଯୋଡ଼ା ଖଣି ନିର୍ଦ୍ଦେଶକ ବିଶ୍ୱରଂଜନ ସେଠିଙ୍କ ତତ୍ତ୍ୱାବଧାନରେ ଗୁରୁବାର ରାତିରେ ଚାଲିଥିବା ଯାଞ୍ଚ ଅଭିଯାନ ସମୟରେ ଶୁକ୍ରବାର ଭୋର ପ୍ରାୟ ୪ଟାରେ ନାଲଦା ଅଞ୍ଚଳ ନିକଟରୁ ଏହି ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ଗାଡ଼ିରେ ପ୍ରାୟ ୧୦ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ହୋଇଥିବା ଜଣାପଡ଼ିଛି।

ବିନା ବୈଧ ଅନୁମତିରେ ଖଣିଜ ପରିବହନ କରି ଓଡ଼ିଶା ସୀମା ପାର କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଗାଡ଼ିଟିକୁ ଜବତ କରାଯାଇଛି। ଗାଡ଼ିର ନମ୍ବର ଓଆର୍-୦୯-ଏଲ୍-୭୯୭୩ ହୋଇଥିବା ବେଳେ ଘଟଣାସ୍ଥଳରୁ ଦୁଇଜଣଙ୍କୁ ଅଟକ କରାଯାଇ ବଡ଼ବିଲ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ସମ୍ପର୍କରେ ବଡ଼ବିଲ ଥାନାରେ ଏକ ଏଫ୍‌ଆଇଆର୍ ରୁଜୁ ହୋଇଥିବା ସୂଚନା ମିଳିଛି। ଅବୈଧ ଖଣିଜ ପରିବହନ ରୋକିବା ପାଇଁ ଏନ୍‌ଫୋର୍ସମେଣ୍ଟ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ



ଯୋଡ଼ା,୧୧।୯ (ସଂଚାର ବ୍ୟୁରୋ): ଚମ୍ପୁଆ ଥାନା ଅନ୍ତର୍ଗତ ରଜିଆ ଗ୍ରାମରେ ବିଦ୍ୟୁତ୍ ଆଘାତରେ ୫୨ ବର୍ଷୀୟ ତ୍ରୈଲୋକ୍ୟ ପ୍ରଧାନଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁଯାୟୀ, ତ୍ରୈଲୋକ୍ୟ ନିଜ ଘରେ ବିଦ୍ୟୁତ୍ ତାର ମରାମତି କରୁଥିବା ବେଳେ ହଠାତ୍ କରେଣ୍ଟ ଲାଗି ଅଚେତ୍ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଚମ୍ପୁଆ ମେଡିକାଲକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତ୍ରୈଲୋକ୍ୟଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ପରିବାର ସହ ସମଗ୍ର ରଜିଆ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଜମିଜମା ବିବାଦରୁ ହତ୍ୟାକାଣ୍ଡ

## ପୁତୁରା ଟାଙ୍ଗିଆ ଚୋଟରେ ଦାଦା ମୃତ



ଫୁଲବାଣୀ,୧୧।୯ (ସଂଚାର ବ୍ୟୁରୋ): ଜମିଜମା ବିବାଦକୁ କେନ୍ଦ୍ର କରି ହତ୍ୟାକାଣ୍ଡ। ପୁତୁରାର ଟାଙ୍ଗିଆ ଚୋଟରେ ଦାଦା ମୃତ। ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଡ୍ରୁକୁମ୍ପା ଫାଣ୍ଡି ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ବାପାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ପୁଅ ମଧ୍ୟ ଗୁରୁତର ହୋଇଛି। ମୃତକ ଜଣକ ହେଲେ ସୁଡ୍ରୁକୁମ୍ପା ଫାଣ୍ଡି ଅନ୍ତର୍ଗତ ସାରକେଶରୁ ଗ୍ରାମର ରତ୍ନାକର ମାଝୀ।

ସୂଚନା ଅନୁଯାୟୀ, ସାରକେଶରୁ ଗ୍ରାମର ରତ୍ନାକର ମାଝୀ ଓ ତାଙ୍କ ଭାଇଙ୍କ ପରିବାର ମଧ୍ୟରେ ଜମିଜମା ମାମଲାକୁ କେନ୍ଦ୍ର କରି ପୂର୍ବରୁ ବିବାଦ ରହିଥିଲା। ଶୁକ୍ରବାର ଭୋର ୫ଟା ସମୟରେ ରତ୍ନାକର ଶୋଇଥିବା ବେଳେ ପୁତୁରା ରବୀନ୍ଦ୍ର ଘରେ ପଶି ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା। ବାପାଙ୍କ ଚିତ୍କାର ଶୁଣି ପୁଅ ଶିବ ଦୌଡ଼ି ଆସି ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ରବୀନ୍ଦ୍ର ଶିବଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ସେ ଏବେ ଗୁରୁତର ହୋଇ ଫୁଲବାଣୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି ।

### ଅବ୍ୟବସ୍ଥା ଘେରରେ କାସିନିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ବର୍ଷା ହେଲେ ଛାତରୁ ଗଳୁଛି ପାଣି, ଶିକ୍ଷାଦାନ ବାଧାପ୍ରାପ୍ତ

### ବିଦ୍ୟାଳୟ ପରିସରରେ ଜମୁଛି ପାଣି

### ଦୁର୍ଦ୍ଦଶା ଭୋଗୁଛନ୍ତି ଛାତ୍ରଛାତ୍ରୀ



ଫୁଲବାଣୀ,୧୧।୯ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକରେ ଅଧିକାଂଶ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। କେଉଁଠି ଶିକ୍ଷକ ଅଭାବ ତ କେଉଁଠି ବିଦ୍ୟାଳୟ କୋଠରୀ ଭାଙ୍ଗି ନଷ୍ଟ ହୋଇଥିବା ବେଳେ କେଉଁଠି ଘର ଭିତରେ ପାଣି ଗଳି ଶିକ୍ଷାଦାନ ବାଧା ପ୍ରାପ୍ତ ହେଉଛି । ଏମିତି ଏକ ବିଦ୍ୟାଳୟ ରହିଛି ଫିରିଙ୍ଗିଆ ବ୍ଲକ କାସିନି ପଦର ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାସିନିପଦର। ଏହି ବିଦ୍ୟାଳୟ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଯାହାଦ୍ୱାରା ବିଦ୍ୟାଳୟର ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି ।

ବର୍ତ୍ତମାନ ବିଦ୍ୟାଳୟରେ ୧୮୦ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଛନ୍ତି। ବିଦ୍ୟାଳୟରେ ଶିକ୍ଷକ ମଧ୍ୟ ଅଛନ୍ତି କିନ୍ତୁ ବିଦ୍ୟାଳୟକୁ ସମସ୍ୟା ସାଜିଛି ଶ୍ରେଣୀ ଗୃହ ଏବଂ ବିଦ୍ୟାଳୟ ଅଫିସ କାର୍ଯ୍ୟାଳୟ ଘରର ଆଜବେଷ୍ଟ ଛପର । ୬ରୁ ଉର୍ଦ୍ଧ କୋଠରୀର ଆଜବେଷ୍ଟ ଛପର ଭାଙ୍ଗିରୁଜି ଗଲାଣି। ବର୍ଷା ହେଲେ ପାଣି ଗଳୁଛି। ଫଳରେ କୋଠରୀ ଭିତରେ ପାଣି ଭର୍ତ୍ତି ହୋଇ ପିଲାଙ୍କ ପାଠପଢ଼ାରେ ସମସ୍ୟା ହେଉଛି। ଯାହାଦ୍ୱାରା ବର୍ଷା ହେଲେ ସବୁ ଶ୍ରେଣୀର ଛାତ୍ରଛାତ୍ରୀ ମାତ୍ର ୨ଟି କୋଠରୀରେ ବହୁ କଷ୍ଟରେ ପାଠ ପଢୁଛନ୍ତି ।

ବିଦ୍ୟାଳୟ ବାହାରେ ଡ୍ରେନର ବ୍ୟବସ୍ଥା ନାହିଁ। ବର୍ଷା ହେଲେ ବିଦ୍ୟାଳୟ ପରିସରରେ ପାଣି ଜମି କୃତ୍ରିମ ପୋଖରୀ ସୃଷ୍ଟି ହେଉଛି। ପିଲାମାନେ ପାଣି ଉପରେ ଯିବା ଆସିବା ଦ୍ୱାରା ଥଣ୍ଡା କାଶ ଭଳି ବିଭିନ୍ନ ରୋଗରେ ପଡୁଛନ୍ତି । ପୂର୍ବରୁ ବାରମ୍ବାର ବିଦ୍ୟାଳୟ ମରାମତି କରାଯାଇଛି କିନ୍ତୁ ଠିକ ଭାବରେ ମରାମତି ହୋଇନଥିବା ବେଳେ ଆଜବେଷ୍ଟ ଉପରେ ଦୈନିକ ମାଙ୍କଡ଼ ଯିବା ଆସିବା ଦ୍ୱାରା ଆଜବେଷ୍ଟ ଭାଙ୍ଗି ନଷ୍ଟ ହୋଇଛି ।

ବିଦ୍ୟାଳୟ ପରିଚାଳନା କମିଟି ବାରମ୍ବାର ସମସ୍ୟାକୁ ନେଇ ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ଓ ସ୍କୁଲ ସଭାପତି ଧନଜୟ ସାହୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନାହିଁ । ତୁରନ୍ତ ନୂତନ ବିଦ୍ୟାଳୟ କୋଠରୀ ନିର୍ମାଣ କରିବା ସହ ବିଦ୍ୟାଳୟ ଗୃହର ମରାମତି ଏବଂ ବିଦ୍ୟାଳୟ ବାହାରେ ଡ୍ରେନ ନିର୍ମାଣ କରି ପାଣି ନିଷ୍କାସନ କରିବାକୁ ଦାବି ହେଉଛି ।

## ଜାତୀୟ ରାଜପଥ ୫୯ ପାଲଟିଛି ମରଣଯନ୍ତା



### ଖାଲଖମା ଯୋଗୁଁ ବଢୁଛି ଦୁର୍ଘଟଣା

ହିଞ୍ଜିଳିକାଟୁ,୧୧।୯ (ସଂଚାର ବ୍ୟୁରୋ): ହିଞ୍ଜିଳିର ମୁଖ୍ୟ ରାସ୍ତା ତଥା ଜାତୀୟ ରାଜପଥ ୫୯ର ରାସ୍ତା ପାଲଟିଛି ମରଣଯନ୍ତା। ସାମାନ୍ୟ ଅସରାଏ ବର୍ଷା ହେଲେ ଖାଲଖମାରେ ଭର୍ତ୍ତି ହେଉଛି ବର୍ଷା ପାଣି। ରାସ୍ତାରେ ବର୍ଷା ପାଣି ଜମି ରହିବା ଫଳରେ କେଉଁଠି ଖାଲ ଅଛି ଆଉ କେଉଁଠି ରାସ୍ତା, ତାହା ଜାଣିବା ମୁସ୍କିଲ ହୋଇପଡୁଛି। କିଛି ବାଇକ ଚାଳକ ଉକ୍ତ ଖାଲରେ ପଡ଼ି ଖଣ୍ଡିଆଖାବରା ହେଲେଣି। ସହରବାସୀ ଏଭଳି ଦୟନୀୟ ସ୍ଥିତିରେ ନାହିଁ ନଥିବା ହଇରାଣ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ମାନେ କିନ୍ତୁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି |

ଗତ ଦୁଇ ଦିନ ତଳେ ସହରର କିଛି ସ୍ଥାନରେ ଖାଲଖମା ଗୁଡିକୁ ବିଭାଗୀୟ ପକ୍ଷରୁ କେବଳ 'ପ୍ୟାଚ୍' ପକାଇ ଦିଆଯାଇଛି। ତାଳିପକା ପିଚୁକାମକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି | ଦୀର୍ଘଦିନ ଧରି ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲଖମାକୁ ସ୍ଥାୟୀ ଭାବେ ମରାମତି କରିବା ପରିବର୍ତ୍ତେ କେବଳ ନାମକୁ ମାତ୍ର ତାଳିପକା କାମ କରାଯାଉଥିବା ଅଭିଯୋଗ ହୋଇଛି | କିଛି ଦିନର ବର୍ଷା ପରେ ରାଜପଥର ବିଭିନ୍ନ ସ୍ଥାନରେ ପିଚୁ ପୁଣି ଉଠିଯାଇ ଶୋଚନୀୟ ଅବସ୍ଥା ସୃଷ୍ଟି ହେଉଛି । ତେବେ ନିମ୍ନମାନର ରାସ୍ତା କାମ ଯୋଗୁଁ ଅଳ୍ପ ଦିନରେ ପିଚୁ ଓ ବଜୁରି ଉଖୁଡ଼ି ରାସ୍ତା ସାରା ବଡ଼ ବଡ଼ ଗାତ ସୃଷ୍ଟି ହୋଇଯାଉଛି । ବର୍ଷା ଦିନେ ଏହି ଖାଲଗୁଡ଼ିକ ଯାତ୍ରୀଙ୍କ ପାଇଁ ବଡ଼ ବିପଦର କାରଣ ସାଜିଛି। ଫଳରେ ରାସ୍ତାରେ ପ୍ରତିଦିନ କିଛି ନା କିଛି ଛୋଟବଡ଼ ଦୁର୍ଘଟଣା ଘଟୁଛି, କିନ୍ତୁ ପ୍ରଶାସନର ଏଥିପ୍ରତି ଟିକିଏ ବି ନିଘା ନାହିଁ ।

ଯଦି ଏହି ପାଣିଭର୍ତ୍ତି ଖାଲରେ ପଡ଼ି କାହାର ଧନଜୀବନ ହାନି ହୁଏ, ତେବେ ସେଥିପାଇଁ ଦାୟୀ କିଏ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି।

## ସ୍ୱଭାବ କବିଙ୍କ ଜୟନ୍ତୀ ପାଳିତ



ସଇଁତଳା,୧୧।୯ (ସଂଚାର ବ୍ୟୁରୋ): ସଇଁତଳା ବ୍ଲକ କରମତଲା ସ୍ଥିତ ବୁଢ଼ାରଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଦ୍ୱିତୀକୃଷ୍ଣ ପଧାନଙ୍କ ଅଧ୍ୟକ୍ଷତା ତଥା ଓଡ଼ିଆ ଅଧ୍ୟାପିକା ରଶ୍ମିତା ବେମାଲଙ୍କ ସଂଯୋଜନାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି | ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ରମଣି ସିଂ ଦେଓ ମୁଖ୍ୟ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ତଥା ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଲୁମିନୀ ସଭାପତି ରାଜକିଶୋର ସିଂ ବୁଡ଼େକ ସମ୍ମାନିତ ଅତିଥି ରହିଥିଲେ | ସରଳ ଜୀବନ ଓ ଉଚ୍ଚ ଚିନ୍ତା କବିଙ୍କ ଭୂଷଣ ଥିଲା | କବିଙ୍କ ଶିକ୍ଷା ଥିଲା ସସୀମ, କିନ୍ତୁ ତାଙ୍କ ପ୍ରତିଭା ହେଉଛି ଅସୀମ। ମାତୃଭୂମି ଓ ମାତୃଭାଷାର ଉନ୍ନତି କଳ୍ପେ କବି ଗଙ୍ଗାଧରଙ୍କ ଲେଖନୀ ସତତ ମୁଖର ଥିଲା ବୋଲି ବକ୍ତାଗଣ ମତ ଦେଇଥିଲେ | ଶେଷରେ ଓଡ଼ିଆ ଅଧ୍ୟାପିକା ଜ୍ୟୋତିର୍ମୟୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରିଜୱେଲ ଗ୍ଲୋବାଲ ସ୍କୁଲରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପ୍ରଶିକ୍ଷଣ



ବାଲିଅନ୍ତା,୧୧।୯ (ସଂଚାର ବ୍ୟୁରୋ):ବାଲିଅନ୍ତା ବ୍ଲକ ଅଧୀନ ସରକଣା ଗ୍ରାମ ସ୍ଥିତ ବ୍ରିଜୱେଲ ଗ୍ଲୋବାଲ ବିଦ୍ୟାଳୟରେ ଆଜି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପ୍ରଶିକ୍ଷଣ କାର୍ଯକ୍ରମ ଶୁଭାରମ୍ଭ ହୋଇଛି । ଏହି ଅବସରରେ ବିଦ୍ୟାଳୟର ସମ୍ପାଦିକା ଇଞ୍ଜିନିୟର ଜ୍ୟୋସ୍ନାମୟୀ ନନ୍ଦ, ଅଧ୍ୟକ୍ଷ ଅଭୟ କୁମାର ଜେନା ଏବଂ ଶିକ୍ଷକ ଦେବାଶିଷ ଶତପଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ୨୫ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଶିକ୍ଷକ ଅଜୟ କୁମାର ପାଣ୍ଡେ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିବେଶ ସୁରକ୍ଷା ପାଇଁ ଟାଟା ଷ୍ଟିଲ ପକ୍ଷରୁ ସାଇକେଲ୍ ରାଲି ଓ ସଚେତନତା ଅଭିଯାନ



ଯାଜପୁର ରୋଡ୍,୧୧।୯ (ସଂଚାର ବ୍ୟୁରୋ): 'ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ୍ ମୁକ୍ତ ଜୀବନ' ବିଷୟବସ୍ତୁକୁ ନେଇ ଚାଲିଥିବା ପରିବେଶ ସୁରକ୍ଷା ଅଭିଯାନ (୭- ୧୬ ସେପ୍ଟେମ୍ବର) ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ତଥା ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି।

କଳିଙ୍ଗନଗର ଟାଉନସିପସ୍ଥିତ ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଆୟୋଜିତ 'ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା' ରାଲିରେ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ମଦନ ମୋହନ ସାହୁ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଚିଫ୍ କର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ଟିଏସକେ, ନୀଳାଚଳ ଇସ୍ପାତ ନିଗମ ଏବଂ ଜିନ୍ଦଲ ଷ୍ଟେନଲେସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସମସ୍ତ ଅଂଶଗ୍ରହଣକାରୀମାନେ 'ମିଶନ ଲାଇଫ୍' ଶପଥ ପାଠ କରିଥିଲେ । ଅଣ-ଯାନ୍ତ୍ରିକ ପରିବହନକୁ ପ୍ରୋତ୍ସାହିତ କରିବା, ବାୟୁ ଗୁଣବତା ମାନରେ ଉନ୍ନତି ଆଣିବା ଏବଂ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେହିପରି ସେପ୍ଟେମ୍ବର, ୭ ତାରିଖ ଦିନ ଯାଜପୁର ଜିଲ୍ଲା ଡୁବୁରୀସ୍ଥିତ ଗୋଳାଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବାଟରେ ଅଚଳ ହେଉଛି ୧୦୮ ଆମ୍ବୁଲାନ୍ସ

### ରୋଗୀଙ୍କ ଜୀବନ ସହ ଖେଳ, ନୂଆ ଗାଡ଼ି ପାଇଁ ଦାବି ସତ୍ତ୍ୱେ ମିଳୁନି ସୁବିଧା



ନାରାୟଣପାଟଣା,୧୧।୯ (ସଂଚାର ବ୍ୟୁରୋ): କେତେବେଳେ ରୋଗୀଙ୍କୁ ନେବାକୁ ଯାଉଥିବା ବେଳେ ତ ଆଉ କେତେବେଳେ ନିଜେ ମରାମତି ପାଇଁ ଯିବା ସମୟରେ। ବାଟରେ ବାରମ୍ବାର ଅଚଳ ହେଉଛି ନାରାୟଣପାଟଣାର ୧୦୮ ଆମ୍ବୁଲାନ୍ସ। ଫଳରେ ଦୁର୍ଗମ ଅଞ୍ଚଳର ରୋଗୀଙ୍କ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ନେଇ ଚିନ୍ତା ବଢ଼ିଛି।

କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍‌ରେ ଗତ କିଛି ମାସ ହେଲା ଆମ୍ବୁଲାନ୍ସ ସେବା ବାରମ୍ବାର ବ୍ୟାଘାତ ହେଉଥିବା ଅଭିଯୋଗ ହୋଇଆସୁଛି। ନୂଆ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ପୁରୁଣା ଗାଡ଼ି ଉପରେ ହିଁ ନିର୍ଭର କରି ରୋଗୀଙ୍କୁ ପରିବହନ କରାଯାଉଥିବାରୁ ସମସ୍ୟା ଲାଗିରହିଛି।

ଗୁରୁବାର ସକାଳେ ନାରାୟଣପାଟଣାସ୍ଥିତ ୧୦୮ ଆମ୍ବୁଲାନ୍ସ ମରାମତି ପାଇଁ ଜୟପୁର ଯାଉଥିବା ବେଳେ ଯୋଗୀପାଲୁର ଗାଁ ତଳ ଡାଉନ୍ ନିକଟରେ ହଠାତ୍ ଖରାପ ହୋଇଯାଇଥିଲା। ଫଳରେ ଜୟପୁର ନଯାଇ ଆମ୍ବୁଲାନ୍ସଟି ରାସ୍ତା ଉପରେ ଦୀର୍ଘ ସମୟ ଧରି ଅଟକି ରହିଥିଲା।

ଆମ୍ବୁଲାନ୍ସରେ କାର୍ଯ୍ୟରତ ଡ୍ରାଇଭର ଓ ଆଟେଣ୍ଡାଣ୍ଟଙ୍କ କହିବାନୁସାରେ, ଗାଡ଼ିର ସମସ୍ୟା ସମ୍ପର୍କରେ ଦାୟିତ୍ୱରେ ଥିବା ସଂସ୍ଥାକୁ ବାରମ୍ବାର ଜଣାଇବା ସହ ନୂଆ ଗାଡ଼ି ଯୋଗାଇବାକୁ ଅନୁରୋଧ କରାଯାଇଛି। ହେଲେ ଏ ଦିଗରେ ଆବଶ୍ୟକ ଗୁରୁତ୍ୱ ଦିଆଯାଉନଥିବାରୁ ଗାଡ଼ିଟି କେତେବେଳେ ରାତିରେ ତ ଆଉ କେତେବେଳେ ଦିନରେ ରାସ୍ତା ମଝିରେ ଅଚଳ ହୋଇ ପଡ଼ିରହୁଛି।

ଦୁର୍ଗମ ଅଞ୍ଚଳରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ୧୦୮ ଆମ୍ବୁଲାନ୍ସ ଉପରେ ଲୋକଙ୍କ ନିର୍ଭରଶୀଳତା ଅଧିକ। ତେଣୁ ପୁରୁଣା ଓ ବାରମ୍ବାର ଅଚଳ ହେଉଥିବା ଆମ୍ବୁଲାନ୍ସ ବଦଳରେ ତୁରନ୍ତ ନୂଆ ଆମ୍ବୁଲାନ୍ସ ଯୋଗାଇ ଦେବା ସହ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଲଗାଣ ବର୍ଷାରେ କପାଚାଷ ବାଧାପ୍ରାପ୍ତ, ଚିନ୍ତାରେ ଚାଷୀକୁଳ



କଳାହାଣ୍ଡି,୧୧।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲାରେ ଚଳିତ ବର୍ଷ ଲଗାଣ ବର୍ଷା କପା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲଗାତାର ବର୍ଷା ଯୋଗୁଁ କପା ଚାଷ ଗୁରୁତର ଭାବେ ପ୍ରଭାବିତ ହୋଇଛି। କେତେକ ସ୍ଥାନରେ ଜମିରେ ପାଣି ଜମି ରହିଥିବା ବେଳେ ଅନେକ ସ୍ଥାନରେ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କପା ଗଛର ବୃଦ୍ଧି ଓ ଫୁଲ-କଳି ଧରିବା ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ଫଳରେ ଚଳିତ ଖରିଫ ଋତୁରେ କପା ଉତ୍ପାଦନ କମିବା ନେଇ ଚାଷୀକୁଳ ଆଶଙ୍କା ପ୍ରକାଶ କରିଛନ୍ତି।

କଳାହାଣ୍ଡି ଜିଲ୍ଲାର ଅନେକ ଅଞ୍ଚଳରେ ଚାଷୀମାନେ କପା ଚାଷ ଉପରେ ନିର୍ଭରଶୀଳ। କପା ଚାଷ ମାଧ୍ୟମରେ ଚାଷୀମାନେ ଭଲ ଆୟର ଆଶା ରଖିଥାନ୍ତି। ଚାଷ ଆରମ୍ଭରୁ ବିହନ, ସାର, କୀଟନାଶକ, ଶ୍ରମିକ ଓ ଜମି ପ୍ରସ୍ତୁତି ପାଇଁ ଚାଷୀଙ୍କୁ ବହୁ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ। କିନ୍ତୁ ଏବେ ଅନିୟମିତ ଓ ଅତ୍ୟଧିକ ବର୍ଷା ଯୋଗୁଁ ଚାଷୀଙ୍କ ଆଶା ଉପରେ ପାଣି ପଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ଚାଷୀମାନଙ୍କ କହିବା ଅନୁସାରେ, କପା ଗଛ ପାଇଁ ଅତ୍ୟଧିକ ପାଣି ଓ ଲଗାତାର ବର୍ଷା ଅନୁକୂଳ ନୁହେଁ। ଜମିରେ ଦୀର୍ଘ ସମୟ ଧରି ପାଣି ଜମି ରହିଲେ ଗଛର ମୂଳ ଅଞ୍ଚଳରେ ସମସ୍ୟା ସୃଷ୍ଟି ହୋଇପାରେ। ଏହା ସହିତ ବିଭିନ୍ନ ରୋଗ ଓ ପୋକମାକଡ଼ର ଆକ୍ରମଣ ବଢ଼ିବାର ଆଶଙ୍କା ମଧ୍ୟ ରହିଛି। ଫୁଲ ଓ କଳି ଝଡ଼ିବା ସହ କପା ଗଛର ସ୍ୱାଭାବିକ ବିକାଶ ମଧ୍ୟ ପ୍ରଭାବିତ ହେଉଥିବା ଚାଷୀମାନେ କହିଛନ୍ତି।

ଏହି ପରିସ୍ଥିତିରେ କପା ଉତ୍ପାଦନ ହ୍ରାସ ପାଇଲେ ଚାଷୀଙ୍କ ଆର୍ଥିକ ସ୍ଥିତି ଆହୁରି ଦୁର୍ବଳ ହେବାର ଆଶଙ୍କା ରହିଛି। ଚାଷ ପାଇଁ ନିଆଯାଇଥିବା ଋଣ ପରିଶୋଧ କରିବା ସହ ପରିବାରର ଦୈନନ୍ଦିନ ଖର୍ଚ୍ଚ ଚଳାଇବା ଚାଷୀଙ୍କ ପାଇଁ ଚ୍ୟାଲେଞ୍ଜ ହୋଇପାରେ। ତେଣୁ ଚାଷୀମାନେ ବର୍ତ୍ତମାନ ଫସଲର ସ୍ଥିତିକୁ ନେଇ ଚିନ୍ତିତ ଅଛନ୍ତି।

## ସମ୍ ହସ୍ପିଟାଲ ପକ୍ଷରୁ କଲ୍‌ସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ



ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ(ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଆନେସ୍ଥେସିଆ ବିଭାଗ ଏବଂ ଇଣ୍ଡିଆନ୍ ସୋସାଇଟି ଅଫ୍ ଆନେସ୍ଥେସିଓଲୋଜିଷ୍ଟସ (ଆଇଏସ୍ଏ) ଭୁବନେଶ୍ୱର ଶାଖାର ମିଳିତ ଉଦ୍ୟମରେ ବିଶ୍ୱ ଆନେସ୍ଥେସିଆ ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ସମ୍ ହସ୍ପିଟାଲ କ୍ୟାମ୍ପସ-୧ ପରିସରରେ ଏକ ଦିବସୀୟ କମ୍ପ୍ରେସନ୍ ଓନ୍‌ଲି ଲାଇଫ୍ ସପୋର୍ଟ (କଲ୍‌ସ) ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ଆନେସ୍ଥେସିଆ ବିଭାଗ ପକ୍ଷରୁ ହସ୍ପିଟାଲର ୬୦ରୁ ଉର୍ଦ୍ଧ୍ୱ ହାଉସ୍‌କିପିଂ, ସିକ୍ୟୁରିଟି, ହସ୍ପିଟାଲ କର୍ମଚାରୀ ଓ ଆଟେଣ୍ଡାଂଟମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କଲ୍‌ସ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା ପ୍ରତ୍ୟେକ ନାଗରିକ ଗୋଟିଏ ଜୀବନ ରକ୍ଷା କରିପାରିବ। ହୃଦଘାତଜନିତ ଜରୁରୀକାଳୀନ ପରିସ୍ଥିତିରେ ଗୋଟିଏ ସାଧାରଣ ଲୋକ କିପରି ସାହସର ସହିତ ଏହାକୁ ଚିହ୍ନଟ କରି ପ୍ରାଥମିକ ଚିକିତ୍ସା ତଥା ଚେଷ୍ଟ କମ୍ପ୍ରେସନ୍ ସପୋର୍ଟ ମାଧ୍ୟମରେ ବ୍ୟକ୍ତିଟିର ଜୀବନ ବଚାଂଇପାରିବ ସେ ନେଇ କଲ୍‌ସ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର କୌଶଳ ଓ ଚିକିତ୍ସା ପ୍ରଣାଳୀର ବ୍ୟବହାର ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ପୂଜା ନାଁରେ ଚାନ୍ଦା, ଭୋଜି ଭାତରେ ଉଡୁଛି ଟଙ୍କା!

### କାକଟପୁର-ଅସ୍ତରଙ୍ଗରେ ଚାନ୍ଦା ଦୌରାତ୍ମ୍ୟ ଚରମରେ

### କାର୍ଡ ଧରି ବେପାରୀଙ୍କୁ ଘେରୁଛନ୍ତି କ୍ଲବ ସଦସ୍ୟ

### ମଦ-ମାଂସ ଭୋଜିରେ ଉଡୁଛି ଲକ୍ଷ ଲକ୍ଷ, ପ୍ରଶାସନ ନିରବ

କାକଟପୁର/ଅସ୍ତରଙ୍ଗ,୧୧।୯ (ସଂଚାର ବ୍ୟୁରୋ): ପୂଜା ଆସିନି, ଚାନ୍ଦା ଆଦାୟ ସରିଲାଣି! ଏହା ଏବେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଗାଁ ଗାଁର ସାଧାରଣ ଚିତ୍ର। ଗଣେଶ ପୂଜା ଆଗକୁ ଆସୁଛି , ଦୁର୍ଗା, ଲକ୍ଷ୍ମୀ, କାଳୀ ପୂଜା ଆଗରେ। ହେଲେ ଏବେଠୁ କ୍ଲବ କାର୍ଡ ଧରି ଗଳି ଗଳି ବୁଲୁଛନ୍ତି କିଛି ଯୁବକ। ଭକ୍ତି ନାହିଁ, ଦୌରାତ୍ମ୍ୟ ଚାଲିଛି।

ଅଭିଯୋଗ ହେଉଛି, ପୂଜା ନାଁରେ ଅଲଗା ଅଲଗା କାର୍ଡ ଛପା ହୋଇଛି। ଗୋଟିଏ ଦୋକାନକୁ ୪-୫ ଥର ଚକ୍କର କାଟୁଛନ୍ତି। ଛୋଟ ପରିବା ବ୍ୟବସାୟୀ ଯିଏ ଦିନକୁ ୫୦୦ ଟଙ୍କା ରୋଜଗାର କରୁଛି, ସେ ୨୦୦ ଟଙ୍କା ଚାନ୍ଦା ଦେବାକୁ ବାଧ୍ୟ ହେଉଛି। ନ ଦେଲେ ଅପମାନ, ଗାଳିଗୁଲଜ, ଧମକ। କେହି କେହି କହୁଛନ୍ତି, ଦୋକାନ ବନ୍ଦ କରିଦେବୁ ବୋଲି ଧମକ ଦେଉଛନ୍ତି। ବ୍ୟବସାୟୀ ତ୍ରାହି ତ୍ରାହି ଡାକୁଛନ୍ତି।

ସବୁଠୁ ବଡ ପ୍ରଶ୍ନ ଏଠି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗୋଟିଏ ଗାଁରୁ ଲକ୍ଷେ-ଦେଢ ଲକ୍ଷ ଚାନ୍ଦା ଉଠୁଛି। ମୂର୍ତ୍ତି, ଲାଇଟ, ପୂଜା ଖର୍ଚ୍ଚ ମାତ୍ର ୫୦ ହଜାର। ବାକି ଟଙ୍କା କୁଆଡେ ଗଲା? ଉତ୍ତର ସବୁ ଜାଣନ୍ତି, ହେଲେ କେହି କହୁନାହାଁନ୍ତି। ପୂଜା ପରେ ରାତି ଅନିଦ୍ରା ହୋଇ ଭୋଜି ଭାତ। ମଦ, ମାଂସ, ଡିଜେରେ ଉଡୁଛି ସବୁ ଚାନ୍ଦା ଟଙ୍କା। ଭକ୍ତିର ନାଁରେ ମଉଜ। ବୟସ୍କ ଲୋକେ କହୁଛନ୍ତି, ପୂଜାର ପବିତ୍ରତା ନଷ୍ଟ ହେଲାଣି। ଯୁବ ପିଢି ବିଗିଡି ଯାଉଛି। ସବୁ ଜାଣି ବି ପୋଲିସ ଓ ପ୍ରଶାସନ ନିରବ। ପୋଲିସର ଗୋଟିଏ ଉତ୍ତର - ଜବରଦସ୍ତ ଚାନ୍ଦା ମାଗିଲେ ୧୧୨ରେ କଲ କରନ୍ତୁ। ହେଲେ ଗାଁ ଲୋକେ ପଚାରୁଛନ୍ତି, ଗାଁରେ ରହି ପଡୋଶୀ ପିଲା ନାଁରେ ୧୧୨ରେ ଅଭିଯୋଗ କଲେ ପରଦିନ ଗାଁରେ ରହି ହେବ କି? ଶତ୍ରୁତା ବଢିବନି କି? ଲୋକେ ଦାବି କରୁଛନ୍ତି, ପୋଲିସ ନିଜେ ଗାଁକୁ ଗାଁ ପାଟ୍ରୋଲିଂ କରୁ, ପ୍ରତି ପଞ୍ଚାୟତରେ ସଚେତନତା ବୈଠକ କରୁ, କ୍ଲବର ଚାନ୍ଦା ଓ ଖର୍ଚ୍ଚର ହିସାବ ଅଡିଟ କରୁ। ନହେଲେ ଏ ଦୌରାତ୍ମ୍ୟ ବଢ଼ିବ। ପୂଜା ନାଁରେ ଗୁଣ୍ଡାଗର୍ଦ୍ଦି ବନ୍ଦ ହେବା ଦରକାର ବୋଲି ସାଧାରଣରେ ଦାବି ହେଉଛି।

**Government of Odisha "e" Procurement Notice**

**Bid Identification No.04 of 2026-27**

| | | |
|---|---|---|
| 1 | Number of Works : | 09 Nos. of Works (Roads- 04 nos & Building-05 nos) |
| 2 | Estimated Cost (Aprox.): | ₹5.03 to ₹48.21 lakh (Approx.) |
| 3 | Period of Completion : | Mentioned against NIT Table Col.06 |
| 4 | Date & Time of availability of Bid documents in the Portal : | 24/09/2026 at 11:00 Hrs. |
| 5 | Last date & time for receipt of Bids in the Portal : | 07/10/2026 at 17:00 Hrs. |
| 6 | Date of Opening of Tender : | 08/10/2026 5at 11:00 Hrs. |
| 7 | Name and address of the Officer Inviting Bid : | Executive Engineer, Rural Works Division, Jagatsinghpur |

Further details can be seen from the Governmentwebsite:www.tendersorissa.gov.in

Executive Engineer
Rural Works Division
Jagatsinghpur

# ଓଏସ୍‌ଏସ୍‌ଏଫ୍ ଯବାନଙ୍କ ପାଇଁ ଏସ୍‌ବିଆଇ-ଓଡ଼ିଶା ପୁଲିସର ଏମ୍‌ଓୟୁ



ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ): ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ (ଓଏସ୍‌ଏସ୍‌ଏଫ୍) ଯବାନମାନଙ୍କୁ ଅତିରିକ୍ତ ସୁବିଧା ଓ ସୁରକ୍ଷା ଯୋଗାଇଦେବା ପାଇଁ ଓଡ଼ିଶା ପୁଲିସର ଅପରେସନ୍ସ ୱିଙ୍ଗ୍ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ସ୍ଥାନୀୟ ଅପରେସନ୍ସ ମୁଖ୍ୟାଳୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ନକ୍ସଲବିରୋଧୀ ଅଭିଯାନର ଡିଜିପି ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏସ୍‌ବିଆଇକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଦୁର୍ଗମ ଅଞ୍ଚଳରେ କଠିନ ପରିସ୍ଥିତିରେ ଦାୟିତ୍ୱ ତୁଲାଉଥିବା ଓଏସ୍‌ଏସ୍‌ଏଫ୍ ଯବାନଙ୍କ ପାଇଁ ଏହି ସୁବିଧାଗୁଡ଼ିକ ଉପଯୋଗୀ ହେବ। ଏହା ଯବାନମାନଙ୍କ ମନୋବଳ ବଢ଼ାଇବ। ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା ବ୍ୟତୀତ ଏଗୁଡ଼ିକ ଅତିରିକ୍ତ ସୁବିଧା ଭାବେ ମିଳିବ।

ଓଡ଼ିଶା ପୁଲିସ ପକ୍ଷରୁ ଆଇଜିପି (ଅପରେସନ) ଡ. ଦୀପକ କୁମାର ଓ ଏସ୍‌ବିଆଇ ପକ୍ଷରୁ ଡିଜିଏମ୍ ଆଶିଷ କୁମାର ମିଶ୍ର ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ବର୍ତ୍ତମାନ ରାଜ୍ୟର ୪ଟି ଓଏସ୍‌ଏସ୍‌ଏଫ୍ ବାଟାଲିୟନ୍‌ରେ ପ୍ରାୟ ୪ ହଜାର ପୂର୍ବତନ ସେନା ଓ ସିଏପିଏଫ୍ ଯବାନ କାର୍ଯ୍ୟରତ ଅଛନ୍ତି। ସେମାନେ ବିଭିନ୍ନ ଅଞ୍ଚଳରେ ବିଶେଷକରି ନକ୍ସଲ ବିରୋଧୀ ଅଭିଯାନରେ ନିୟୋଜିତ ଅଛନ୍ତି। ଏହି ଏମ୍‌ଓୟୁ ଅନୁଯାୟୀ, ଓଏସ୍‌ଏସ୍‌ଏଫ୍ ଯବାନମାନେ ଏସ୍‌ବିଆଇର କର୍ପୋରେଟ୍ ସାଲାରୀ ପ୍ୟାକେଜ୍‌ରେ ବିଭିନ୍ନ ସୁବିଧା ପାଇବେ। ଏଥିରେ ୫୦ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା, ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏୟାର୍ ଆମ୍ବୁଲାନ୍ସ ଖର୍ଚ୍ଚ, ସନ୍ତାନଙ୍କ ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଏବଂ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ରହିଛି। ଏଥିସହ ପରିବାର ସଦସ୍ୟଙ୍କ ପାଇଁ 'ରିଷ୍ଟେ ଆକାଉଣ୍ଟ', ବ୍ୟକ୍ତିଗତ ଋଣ ଓ ବାର୍ଷିକ ୧,୯୯୯ ଟଙ୍କା ପ୍ରିମିୟମ୍‌ରେ ୫ ଲକ୍ଷ ଟଙ୍କାର ଇଚ୍ଛାଧୀନ ସ୍ୱାସ୍ଥ୍ୟ ବୀମା ଭଳି ସୁବିଧା ମଧ୍ୟ ମିଳିବ। କାର୍ଯ୍ୟକ୍ରମରେ ଏସ୍‌ଓଜି କମାଣ୍ଡାଣ୍ଟ ଲୋଚନ ପଶାୟତ, ଓଏସ୍‌ଏସ୍‌ଏଫ୍‌ର ଭାରପ୍ରାପ୍ତ କମାଣ୍ଡାଣ୍ଟ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ଓଏସ୍‌ଏସ୍‌ଏଫ୍ ଓ ଏସ୍‌ବିଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଜାତୀୟ ମାନ୍ୟତା ପାଇଁ ବିଏମସିକୁ ଅଭିନନ୍ଦନ

# ଆଗକୁ ପ୍ରତିବଦ୍ଧତାର ସହ କାମ କରିବାକୁ ମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ): ଜାତୀୟ ୱାର୍ଡସ୍ତରୀୟ ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଏକ ପ୍ରତିନିଧି ଦଳ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ମିଳିଥିବା ଟ୍ରଫି ଓ ପ୍ରମାଣପତ୍ର ଓ ଚେକ ପ୍ରଦର୍ଶିତ କରି ଅବଗତ କରାଇଥିଲେ। ବିଏମସି ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଏମସିର ପ୍ରତିନିଧି ଦଳ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଭେଟିଥିଲେ। ଏହି ଦଳରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମସି କମିଶନର ଚଞ୍ଚଳ ରାଣା, ଡେପୁଟି କମିଶନର (ପରିମଳ) ଏନ୍. ଗଣେଶ ବାବୁ, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷଙ୍କ ସହ ୱାର୍ଡ ନମ୍ବର ୩୦, ୩୬ ଓ ୨୨ର ପ୍ରତିନିଧିମାନେ ସାମିଲ ହୋଇଥିଲେ।

ଜାତୀୟ ୱାର୍ଡସ୍ତରୀୟ ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ବିଏମସିର ୱାର୍ଡ ନମ୍ବର ୩୬ ଓ ୩୦ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏଥିସହ ରାଉରକେଲା ମ୍ୟୁନିସିପାଲ କର୍ପୋରେସନର ୱାର୍ଡ ନମ୍ବର ୧୩ ମଧ୍ୟ ଶୀର୍ଷ ସ୍ଥାନ ଅଧିକାର କରିଛି। ଏହି ସଫଳତା ସହରୀ ବାୟୁର ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ ଓଡ଼ିଶାର ପ୍ରୟାସକୁ ଆହୁରି ସ୍ୱୀକୃତି ଦେଇଛି। ଏହି ସଫଳତା ସ୍ୱଚ୍ଛ-ବାୟୁ ପରିଚାଳନା ପାଇଁ ଓଡ଼ିଶାର ବିକେନ୍ଦ୍ରୀକୃତ ଓ ଗୋଷ୍ଠୀଭିତ୍ତିକ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ସ୍ଥାନୀୟ ଯୋଜନା, ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ତଥା ଭାଗୀଦାରୀ ଓ ତୃଣମୂଳ ସ୍ତରରେ ପରିବେଶ ସମ୍ପର୍କିତ ପଦକ୍ଷେପର ନିରନ୍ତର କାର୍ଯ୍ୟାନ୍ୱୟନ ଏହାର ମୁଖ୍ୟ ଆଧାର ବୋଲି କୁହାଯାଇଛି।

ବିଏମସି ଟିମକୁ ଅଭିନନ୍ଦନ ଜଣାଇବା ସହ ଜାତୀୟ ସ୍ତରରେ ଏହି ସ୍ୱୀକୃତି ପାଇଁ ମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ନିର୍ବାଚିତ ପ୍ରତିନିଧି, ଅଧିକାରୀ ଓ ନାଗରିକଙ୍କ ସାମୂହିକ ପ୍ରୟାସକୁ ପ୍ରଶଂସା କରିଛନ୍ତି ମନ୍ତ୍ରୀ ଡ. ମହାପାତ୍ର। ଭୁବନେଶ୍ୱର ଓ ଓଡ଼ିଶା ପାଇଁ ଏହି ସଫଳତା ଗର୍ବର ବିଷୟ ବୋଲି ସେ କହିବା ସହ ଆଗାମୀ ଦିନରେ ଆହୁରି ଭଲ ଫଳାଫଳ ପାଇଁ ନୂତନ ପ୍ରତିବଦ୍ଧତା ସହ କାର୍ଯ୍ୟ କରିବାକୁ ବିଏମସି ଟିମକୁ ଆହ୍ୱାନ ଦେଇଛନ୍ତି। ସ୍ୱଚ୍ଛ ବାୟୁ ବଜାୟ ରଖିବା ଏକ ନିରନ୍ତର ଦାୟିତ୍ୱ। ଏଥିପାଇଁ ନିରନ୍ତର ପ୍ରୟାସ, ପ୍ରଭାବଶାଳୀ ସ୍ଥାନୀୟ କାର୍ଯ୍ୟାନୁଷ୍ଠାନ ଓ ସକ୍ରିୟ ଗୋଷ୍ଠୀ ଅଂଶଗ୍ରହଣ ଆବଶ୍ୟକ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସ୍ୱଚ୍ଛ ବାୟୁ ସହ ଏକ ସୁସ୍ଥ, ସବୁଜ ଓ ସ୍ଥାୟୀ ବାସୋପଯୋଗୀ ଭୁବନେଶ୍ୱର ଗଠନ ପାଇଁ ୱାର୍ଡସ୍ତରୀୟ ପଦକ୍ଷେପକୁ ଆହୁରି ସୁଦୃଢ଼ କରିବାକୁ ସେ ପରାମର୍ଶ ଦେଇଛନ୍ତି।

### ● ରିଲ୍ସ କରିବା ପଡ଼ିଲା ମହଙ୍ଗା

## ୮ ଜଣଙ୍କୁ ବାନ୍ଧିଲା ଝାରସୁଗୁଡ଼ା ପୁଲିସ



ଝାରସୁଗୁଡ଼ା,୧୧।୯ (ସଂଚାର ବ୍ୟୁରୋ): ରିଲ୍ସ କରି ଜେଲ ଗଲେ। ୫ ଜଣ ଯୁବକ ଓ ୪ ଜଣ ନାବାଳକଙ୍କୁ ଗିରଫ କରି ଝାରସୁଗୁଡ଼ା ପୁଲିସ କୋର୍ଟ ଚାଲାଣ କରିଛି। ୫ ଯୁବକଙ୍କ ସହ ୩ ଜଣ ନାବାଳକ ହାତରେ ଛୁରା ଧରି ଝାରସୁଗୁଡ଼ାରେ ଖାଲି ଏମିତି ଚାଲେ କହି ସାଧାରଣ ଲୋକଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଏକ ରିଲ୍ସ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। ବଞ୍ଜାରୀ ଅଞ୍ଚଳର ଏହି ଯୁବକଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ରହିଥିବା ପୁଲିସ ଜାଣିବା ପରେ ଏମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହିଭଳି ଭିଡିଓ କରି ଯଦି କେହି ଲୋକଙ୍କୁ ଭୟଭୀତ ବା ଭ୍ରମିତ କରିବାକୁ ଚେଷ୍ଟା କରେ, ଝାରସୁଗୁଡ଼ା ପୁଲିସ ହାତବାନ୍ଧି ବସିବ ନାହିଁ ବୋଲି ରୋକଠୋକ ଶୁଣାଇଛନ୍ତି ଏସ୍‌ପି ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ।

### ● ଜମିଜମା ବିବାଦରୁ ହତ୍ୟାକାଣ୍ଡ

## ପୁତୁରା ଟାଙ୍ଗିଆ ଚୋଟରେ ଦାଦା ମୃତ

ଫୁଲବାଣୀ,୧୧।୯ (ସଂଚାର ବ୍ୟୁରୋ): ଜମିଜମା ବିବାଦକୁ କେନ୍ଦ୍ର କରି ହତ୍ୟାକାଣ୍ଡ। ପୁତୁରାର ଟାଙ୍ଗିଆ ଚୋଟରେ ଦାଦା ମୃତ। ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଡ୍ରୁକୁମ୍ପା ଫାଣ୍ଡି ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ବାପାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ପୁଅ ମଧ୍ୟ ଗୁରୁତର ଭାବେ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ସୁଡ୍ରୁକୁମ୍ପା ଫାଣ୍ଡି ଅନ୍ତର୍ଗତ ସାରକେଶରୁ ଗ୍ରାମର ରତ୍ନାକର ମାଝୀ। ମିଳିଥିବା ସୂଚନାନୁଯାୟୀ, ସାରକେଶରୁ ଗ୍ରାମର ରତ୍ନାକର ମାଝୀ ଓ ତାଙ୍କ ଭାଇଙ୍କ ପରିବାର ମଧ୍ୟରେ ଜମିଜମା ମାମଲାକୁ କେନ୍ଦ୍ର କରି ପୂର୍ବରୁ ବିବାଦ ରହିଥିଲା। ଶୁକ୍ରବାର ଭୋର୍ ୫ଟା ସମୟରେ ରତ୍ନାକର ଶୋଇଥିବା ବେଳେ ପୁତୁରା ରବୀନ୍ଦ୍ର ଘରେ ପଶି ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା। ବାପାଙ୍କ ଚିତ୍କାର ଶୁଣି ପୁଅ ଶିବ ଦୌଡ଼ି ଆସି ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ବେଳେ ରବୀନ୍ଦ୍ର ଶିବଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ସେ ଏବେ ଗୁରୁତର ଅବସ୍ଥାରେ ଫୁଲବାଣୀ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଥିବା ଥାନାଧିକାରୀ ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି।

## ପିକ୍‌ଅପ୍‌ରୁ ୪୨ ଖଣ୍ଡ ଶାଗୁଆନ କାଠ ଜବତ

ବ୍ରହ୍ମପୁର,୧୧।୯ (ସଂଚାର ବ୍ୟୁରୋ): ମ୍ୟାକ୍ସ ପିକ୍‌ଅପ୍‌ରୁ ଜବତ ହେଲା ୪୨ ଖଣ୍ଡ ଶାଗୁଆନ କାଠ। ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ବନାଞ୍ଚଳରେ ଏହା ଦେଖିବାକୁ ମିଳିଛି। ବନ ବିଭାଗର ଚଢ଼ାଉ ବେଳେ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି ଚୋରା କାଠ ଚାଲାଣକାରୀ। ଜବତ ଶାଗୁଆନ କାଠର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ବୋଲି ବନ ବିଭାଗ ସୂଚନା ଦେଇଛି। ଗତକାଲି ବିଳମ୍ବିତ ରାତିରେ ଚନ୍ଦ୍ରଗିରି ବନାଞ୍ଚଳ ପକ୍ଷରୁ ପେଟ୍ରୋଲିଂ ଚାଲିଥିବା ବେଳେ ନାରଙ୍ଗୀ ଗାଁ ନିକଟରେ ଏକ ସନ୍ଦେହଜନକ ମ୍ୟାକ୍ସ ପିକ୍‌ଅପ୍‌କୁ ଅଟକାଇଥିଲା ବନ ବିଭାଗ। ଗାଡ଼ି ଅଟକିବା ପରେ ସେଥିରେ ଥିବା ଡ୍ରାଇଭରଙ୍କ ସମେତ କେତେକ ଯୁବକ ଗାଡ଼ି ଛାଡ଼ି ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ବନ ବିଭାଗ ଗାଡ଼ିରେ ଯାଞ୍ଚ କରିବା ବେଳେ ଚୋରା ଚାଲାଣ ହେଉଥିବା ଶାଗୁଆନ କାଠ ଥିବା ଜଣାପଡ଼ିଥିଲା। ଗାଡ଼ିରୁ ମୋଟ ୪୨ ଖଣ୍ଡ ଶାଗୁଆନ କାଠ ଜବତ କରାଯାଇଛି। ବନଖଣ୍ଡ ଅଧିକାରୀ କେ. ନାଗରାଜୁଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଜବତ କାଠ ସହ ପିକ୍‌ଅପ୍ ଗାଡ଼ିକୁ ବନ ବିଭାଗ ନିଜ ହେପାଜତକୁ ନେଇଛି।

## ପିଡିଏସ୍ ଚାଉଳ ଚାଲାଣ ବେଳେ ଧରିଲେ ଏସ୍‌ପି

କୁଆଁରମୁଣ୍ଡା,୧୧।୯ (ସଂଚାର ବ୍ୟୁରୋ): ଚୋରା ଚାଲାଣ ହେଉଥିବା ୧୪୦ କ୍ୱିଣ୍ଟାଲ ପିଡିଏସ୍ ଚାଉଳ ବୋଝେଇ ଏକ ଟ୍ରକକୁ ଶୁକ୍ରବାର କୁଆଁରମୁଣ୍ଡା ବ୍ଲକ ବିଜାବାହାଲ ଗ୍ରାମ ରାମପାଲ ଛକ ନିକଟ ଜୟ ଗୋସାଇଁ ଆଗ୍ରୋ ଫୁଡସ ପ୍ରାଇଭେଟ ଲିମିଟେଡ ପରିସରରୁ ଜବତ କରାଯାଇଛି। ଓଡି୧୪କେ ୮୪୪୭ ନମ୍ବରବିଶିଷ୍ଟ ଏହି ଟ୍ରକ୍‌ଟି ଏଫସିଆଇର ଏଲ-୨ ଠିକାଦାର ସନ୍ତୋଷ ଯାଦବଙ୍କର ବୋଲି ଜଣାପଡ଼ିଛି। ଲାଠିକଟାର ଶ୍ରୀ ମା' ଦୁର୍ଗା ଫୁଡ ପ୍ରଡକ୍ଟ ଲଟ୍ ନମ୍ବର-୩୦୭ ଚାଉଳ ଏଫସିଆଇକୁ ଯାଇଥିଲା। ସେଠାରୁ ଲାଠିକଟାର ଡିଲର୍ ଫୁଲେଶ୍ୱରି ଆଚାର୍ଯ୍ୟଙ୍କ ପାଖକୁ ଯିବା ପାଇଁ ଉକ୍ତ ଟ୍ରକରେ ୨୮୦ ବସ୍ତା ପିଡିଏସ୍ ଚାଉଳ ବୋଝେଇ କରାଯାଇଥିଲା। ହେଲେ ତାହା ଲାଠିକଟା ନ ଯାଇ କୁଆଁରମୁଣ୍ଡା ବିଜାବାହାଲ ଜୟ ଗୋସାଇଁ ଆଗ୍ରୋ ଫୁଡ୍ସ ପରିସରକୁ ଯାଇଥିଲା। ଏନେଇ କୌଣସି ସୂତ୍ରରୁ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତ ପାଲ କୌର ଖବର ପାଇ ସମ୍ପୃକ୍ତ ଚୋରା ଚାଲାଣ ଚାଉଳ ଗାଡ଼ିକୁ ଜବତ କରିବା ପାଇଁ ବୀରମିତ୍ରପୁର ପୁଲିସକୁ ସୂଚନା ଦେଇଥିଲେ। ବୀରମିତ୍ରପୁର ଏସଡିପିଓ ପୁଷ୍ପେନ୍ଦୁ ସାଗର, ଆଇଆଇସି ରାମ ପ୍ରସାଦ ନାଗ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରି କୁଆଁରମୁଣ୍ଡା ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ଅଞ୍ଜଳି ହାଁସଦାଙ୍କ ଜିମା ଦେଇଥିଲେ।

## ମ୍ୟାଲେରିଆରେ ଚାଲିଗଲା ଛାତ୍ରୀଙ୍କ ଜୀବନ

ନାରାୟଣପାଟଣା,୧୧।୯ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ନିଲାବାଡ଼ିସ୍ଥିତ ସରକାରୀ (ଏସଏସଡି) ବାଳିକା ଉଚ୍ଚ ବିଦ୍ୟାଳୟର ସେବାଶ୍ରମରେ ମ୍ୟାଲେରିଆ ଜ୍ୱରରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ସକାଳ ପ୍ରାୟ ୬ଟାରେ ଛାତ୍ରୀ ଜି. ଆମୀପାଙ୍କର ମୃତ୍ୟୁ ହୋଇଛି। ମିଳିଥିବା ସୂଚନାନୁଯାୟୀ, ସପ୍ତମ ଶ୍ରେଣୀର ଛାତ୍ରୀ ଆମୀପା ଗତ କିଛି ଦିନ ଧରି ଜ୍ୱରରେ ଆକ୍ରାନ୍ତ ଥିଲେ। ଝିଅ ଅସୁସ୍ଥ ଥିବା ଖବର ପାଇ ବାପା ଜି. ଗୁରୁୱାନା ଓ ମା' ଜି. ଆମଲା ସେବାଶ୍ରମରେ ପହଞ୍ଚି ଝିଅକୁ ଦେଖିବାକୁ ଚାହିଁଥିଲେ। ହେଲେ ପ୍ରଧାନଶିକ୍ଷକ ଲକ୍ଷ୍ମଣ ପାଙ୍ଗଶାଣୀ ସେମାନଙ୍କୁ ଝିଅକୁ ଦେଖିବାକୁ ଦେଇ ନ ଥିବା ନେଇ ପରିବାର ପକ୍ଷରୁ ଗୁରୁତର ଅଭିଯୋଗ ହୋଇଛି। ଏପଟେ ବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗତ ୫ ତାରିଖରେ ଛାତ୍ରୀଙ୍କୁ ଜ୍ୱର ହେବାରୁ ତାଙ୍କୁ ନିଲାବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ରକ୍ତ ପରୀକ୍ଷା ପରେ ତାଙ୍କୁ ମ୍ୟାଲେରିଆ ହୋଇଥିବା ଜଣାପଡ଼ିଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଗତ ୭ ତାରିଖରେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଅଧିକ ଖରାପ ହେବାରୁ ୮ ତାରିଖରେ ତାଙ୍କୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଚିକିତ୍ସା ସମୟରେ ଛାତ୍ରୀ ବ୍ରେନ୍ ମ୍ୟାଲେରିଆରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା।

# କେନ୍ଦ୍ରାଞ୍ଚଳ ଆଇଜିଙ୍କୁ 'ବିଶ୍ୱନିୟନ୍ତାଙ୍କ ରଥ ସେବା ସମ୍ମାନ-୨୦୨୬'



ପୁରୀ,୧୧।୯ (ସଂଚାର ବ୍ୟୁରୋ): ଐତିହାସିକ ରଥଯାତ୍ରାର ସୁରକ୍ଷିତ, ଶୃଙ୍ଖଳିତ ଓ ମର୍ଯ୍ୟାଦାପୂର୍ଣ୍ଣ ପରିଚାଳନାରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ରାଞ୍ଚଳ ପୁଲିସ୍ ମହାନିରୀକ୍ଷକ (ଆଇଜିପି) ଡକ୍ଟର ସତ୍ୟଜିତ୍ ନାଏକଙ୍କୁ ଏଠାରେ ଆୟୋଜିତ ଏକ ଉତ୍ସବରେ 'ବିଶ୍ୱନିୟନ୍ତାଙ୍କ ରଥ ସେବା ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ଏହି ସମ୍ମାନ ଗ୍ରହଣ କରି ଡକ୍ଟର ନାଏକ ଆୟୋଜକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ଏହି ସମ୍ମାନକୁ ସେହି ବିଶାଳ ପୁଲିସ୍ ବାହିନୀ, ପ୍ରଶାସନିକ ଅଧିକାରୀ, ସେବାୟତ, ସ୍ୱେଚ୍ଛାସେବୀ, ଜରୁରୀକାଳୀନ ସେବା କର୍ମଚାରୀ, ଚିକିତ୍ସା ଦଳ ଓ ସାଧାରଣ ନାଗରିକଙ୍କୁ ଉତ୍ସର୍ଗ କରିଥିଲେ ଯେଉଁମାନେ ମିଳିତ ଭାବେ ଏହି ଉତ୍ସବର ସୁଚାରୁ ପରିଚାଳନା ସୁନିଶ୍ଚିତ କରିଥିଲେ। ଏହି ଅବସରରେ ଡକ୍ଟର ନାଏକ କହିଥିଲେ ଯେ ଏହି ସମ୍ମାନ କେବଳ ଏକ ବ୍ୟକ୍ତିଗତ ସ୍ୱୀକୃତି ନୁହେଁ, ବରଂ ରଥଯାତ୍ରାର ସଫଳ ପରିଚାଳନା ପଛରେ ଥିବା ସାମୂହିକ ପ୍ରୟାସ। ସେ ଏହି ଉତ୍ସବକୁ ବିଶ୍ୱାସ, ସମାନତା, ଭକ୍ତି ଓ ମାନବୀୟ ଏକତାର ଏକ ଅସାଧାରଣ ଅଭିବ୍ୟକ୍ତି ବୋଲି ବର୍ଣ୍ଣନା କରିଥିଲେ।

ସେ କହିଥିଲେ ଯେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥ ଲକ୍ଷ ଲକ୍ଷ ଭକ୍ତଙ୍କ ବିଶ୍ୱାସ ଓ ଭାବନାକୁ ବହନ କରିଥାନ୍ତି। ତେଣୁ ତୀର୍ଥଯାତ୍ରୀଙ୍କ ସୁରକ୍ଷା ସହ ରଥର ସୁରକ୍ଷିତ ଗତିବିଧି ସୁନିଶ୍ଚିତ କରିବା କେବଳ ପୁଲିସ୍‌ଗତ ଦାୟିତ୍ୱ ନୁହେଁ, ବରଂ ଏକ ପବିତ୍ର କର୍ତ୍ତବ୍ୟ ମଧ୍ୟ। ରଥଯାତ୍ରା-୨୦୨୬ର ସଫଳ ପରିଚାଳନା ସମ୍ପର୍କରେ ଆଲୋଚନା କରି ଡକ୍ଟର ନାଏକ ମାସ ମାସ ଧରି ଚାଲିଥିବା ଯୋଜନା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, କ୍ଷେତ୍ରସ୍ତରୀୟ ପ୍ରସ୍ତୁତି ଓ ସାମୁଦାୟିକ ଅଂଶ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ରଥଯାତ୍ରାର ସଫଳତା କେବେହେଲେ କୌଣସି ଗୋଟିଏ ବିଭାଗ କିମ୍ବା ବ୍ୟକ୍ତିବିଶେଷଙ୍କ ସଫଳତା ନୁହେଁ; ଏହା ହେଉଛି 'ଟିମ୍ ଜଗନ୍ନାଥ'ର ସଫଳତା' ବୋଲି ଡକ୍ଟର ନାଏକ କହିଥିଲେ। ସେହିପରି ପୁଲିସ୍ ସେବାର ବ୍ୟାପକ ଅର୍ଥ ଉପରେ ଆଲୋକପାତ କରି ଡକ୍ଟର ନାଏକ କହିଲେ ଯେ ପୁଲିସ୍ ପୋଷାକ କ୍ଷମତା ଓ ଦାୟିତ୍ୱର ପ୍ରତୀକ; କିନ୍ତୁ ଜଗନ୍ନାଥ ଧାମରେ ସେବା କରିବା ପୁଲିସ୍ କର୍ମଚାରୀଙ୍କୁ ମନେ ପକାଇଦିଏ ଯେ ସେମାନେ ପ୍ରକୃତରେ ଜନସାଧାରଣ ଓ ମହାପ୍ରଭୁଙ୍କର ସେବକ। ପୁଲିସ୍ କାର୍ଯ୍ୟ କେବଳ ଶୃଙ୍ଖଳା ରକ୍ଷା କରିବା ନୁହେଁ, ବରଂ ମାନବିକ ମର୍ଯ୍ୟାଦାକୁ ସୁରକ୍ଷିତ ରଖିବା ମଧ୍ୟ। ପୁରୀକୁ ଆସୁଥିବା ପ୍ରତ୍ୟେକ ଭକ୍ତ ନିଜ ହୃଦୟରେ ଗଭୀର ବିଶ୍ୱାସ ନେଇ ଆସିଥାନ୍ତି; ତେଣୁ ସେହି ବିଶ୍ୱାସକୁ ସମ୍ମାନ ଦେବା ଏବଂ ପ୍ରତ୍ୟେକ ତୀର୍ଥଯାତ୍ରୀ ଯେପରି ନିରାପଦ ଓ ସୁରକ୍ଷିତ ଅନୁଭବ କରିବେ ତଥା ଉପଯୁକ୍ତ ଯତ୍ନ ପାଇବେ, ତାହା ସୁନିଶ୍ଚିତ କରିବା ପୋଲିସ୍ ଓ ପ୍ରଶାସନର ଦାୟିତ୍ୱ ବୋଲି ଶ୍ରୀ ନାଏକ କହିଥିଲେ।

## ଜମ୍ବୁରୁ ତାମିଲନାଡୁକୁ ଗୋ' ଚାଲାଣ

ମହାକାଳପଡ଼ା,୧୧।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଜମ୍ବୁ-ବାବର ରାସ୍ତା ନିକଟ ଭାଟେଣୀ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରକ୍ (ନଂ. ଟିଏନ ୩୯-ସିକେ-୧୯୫୯)ରେ ଗୋରୁ ଚାଲାଣ ବେଳେ ସ୍ଥାନୀୟ ଲୋକେ ଅଟକାଇଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ଟ୍ରକ୍‌କୁ ଭଙ୍ଗାରୁଜା କରିଥିବା କୁହାଯାଉଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିରେ ଥିବା ୯ଗୋରୁଙ୍କୁ ଉଦ୍ଧାର କରିଛି। ଏଥିସହ ଟ୍ରକ୍ ଡ୍ରାଇଭରଙ୍କ ସହ ୨ଜଣଙ୍କୁ ଥାନାକୁ ନେଇ ପୋଲିସ ପଚରାଉଚରା କରିଥିଲା। ଗୁରୁବାର ସେମାନଙ୍କ ଡାକ୍ତରୀ ପରୀକ୍ଷା କରାଯାଇ କୋର୍ଟଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୬/୨୬) ମାମଲା ରୁଜୁ ହୋଇଛି। ଏହି ଗୋରୁଙ୍କୁ ଜମ୍ବୁରୁ ତାମିଲନାଡୁକୁ ଚାଲାଣ କରାଯାଉଥିବା ଜଣାପଡିଛି। ଅଟକ ଗାଡ଼ି ଡ୍ରାଇଭର ତାମିଲନାଡୁର ବୋଲି କୁହାଯାଉଛି। ଉଦ୍ଧାର ପରେ ଗୋରୁଙ୍କୁ ଜିଲ୍ଲାର ଏକ ଗୋଶାଳାରେ ଛାଡି ଦେବା ବ୍ୟବସ୍ଥା କରାଯାଇଛି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ଅନିତା ସ୍ୱାଇଁଙ୍କୁ ପଚାରିବାରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି କହିଛନ୍ତି।

### ● ଡିଜିଟାଲ୍ ଯୁଗରେ ନୂଆ ରୂପରେ ରାଜସ୍ୱ ପର୍ଷଦ

# ତ୍ୱରିତ ହେବ ରାଜସ୍ୱ ମାମଲାର ଫଇସଲା

## ଖୁବ୍‌ଶୀଘ୍ର ଯାଜପୁର ସମେତ ୩ ଜିଲ୍ଲାରେ ରାଜସ୍ୱ ରିଭିଜନାଲ୍ କୋର୍ଟ



ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ): ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ, ସୁଗମ, ସୁସଂଗଠିତ ଓ ନାଗରିକମୁଖୀ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ଆଜି ରାଜସ୍ୱ ପର୍ଷଦ, ଓଡ଼ିଶାର ନୂତନ ୱେବସାଇଟ୍ ଓ ତ୍ରୈମାସିକ ଜର୍ଣ୍ଣାଲର ଶୁଭାରମ୍ଭ କରାଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ନୂତନ ୱେବସାଇଟ୍ ଓ ଜର୍ଣ୍ଣାଲର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଜସ୍ୱ ପର୍ଷଦର ସଦସ୍ୟ ସତ୍ୟବ୍ରତ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ରାଜସ୍ୱ ପ୍ରଶାସନରେ ପ୍ରଯୁକ୍ତି, ସୂଚନା ଓ ନ୍ୟାୟିକ ଜ୍ଞାନକୁ ଅଧିକ ବ୍ୟାପକ ଭାବେ ଉପଲବ୍ଧ କରାଇବାର ଏକ ନୂତନ ଅଧ୍ୟାୟର ଆରମ୍ଭ ହୋଇଛି। ରାଜସ୍ୱ ପର୍ଷଦ, ଓଡ଼ିଶାର ଏକ ଦୀର୍ଘ ଓ ଗୌରବମୟ ପ୍ରଶାସନିକ ଐତିହ୍ୟ ରହିଛି। ରାଜ୍ୟର ରାଜସ୍ୱ ପ୍ରଶାସନର ବିକାଶ ସହିତ ଏହି ପ୍ରତିଷ୍ଠାନର ଭୂମିକା ଗଭୀର ଭାବେ ଜଡ଼ିତ। ଜମି, ଭୂ-ଅଭିଲେଖ, ଅଧିକାର, ରାଜସ୍ୱ ଆଇନ ଓ ଜମିଜମା ସମ୍ବନ୍ଧୀୟ ବିବାଦର ସମାଧାନ କ୍ଷେତ୍ରରେ ରାଜସ୍ୱ ପର୍ଷଦ ଏକ ଗୁରୁତ୍ୱପୂର୍ଣ୍ଣ ଶୀର୍ଷ ପ୍ରତିଷ୍ଠାନ ଭାବେ ନିଜର ଦାୟିତ୍ୱ ନିର୍ବାହ କରିଆସିଛି। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ରାଜସ୍ୱ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ତଥା ଜମିଜମା ସମ୍ବନ୍ଧୀୟ ମାମଲାଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ପର୍ଷଦଙ୍କ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ୀକରଣ ଓ ପର୍ଯ୍ୟାପ୍ତ ମାନବ ସମ୍ବଳ ବ୍ୟବସ୍ଥା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଏଥିସହ ରାଜସ୍ୱ ମନ୍ତ୍ରୀ ରାଜସ୍ୱ ମାମଲାର ତ୍ୱରିତ ବିଚାର ଓ ଫଇସଲା ନିମନ୍ତେ ରାଜସ୍ୱ ପର୍ଷଦଙ୍କ ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ରାଜସ୍ୱ ପ୍ରଶାସନକୁ କ୍ରିୟାଶୀଳ କରିବା ଦିଗରେ ରାଜସ୍ୱ ପର୍ଷଦର ବିଭିନ୍ନ ଆବଶ୍ୟକତା ପୂରଣ କରିବା ଦିଗରେ ଗୁରୁତ୍ୱାରୋପ କରିବା ସହ ନିକଟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ସୁରକ୍ଷା ଓ ପୁନରୁଦ୍ଧାର ଦିଗରେ ରାଜସ୍ୱ ପର୍ଷଦଙ୍କ ତ୍ୱରିତ, ନିରପେକ୍ଷ ଓ ସକାରାତ୍ମକ ନିଷ୍ପତ୍ତି ନିମନ୍ତେ ସାଧୁବାଦ ଜଣାଇଥିଲେ। ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁ କହିଥିଲେ ଯେ ନୂତନ ୱେବସାଇଟ୍ ମାଧ୍ୟମରେ ରାଜସ୍ୱ ପର୍ଷଦର ବିଭିନ୍ନ କାର୍ଯ୍ୟକଳାପ, ଶାଖା ଓ ବିଭାଗ ସମ୍ପର୍କରେ ଆବଶ୍ୟକ ସୂଚନାକୁ ଏକ ସୁସଂଗଠିତ ଡିଜିଟାଲ୍ ମଞ୍ଚରେ ଉପଲବ୍ଧ କରାଯାଇଛି। ଏଥିସହ ଭୂ-ସଂସ୍କାର ଆୟୁକ୍ତ, ଭୂ-ଅଭିଲେଖ ଓ ବନ୍ଦୋବସ୍ତ ଆୟୁକ୍ତ, ଚକବନ୍ଦୀ ଓ ନିବନ୍ଧନ ମହାନିରୀକ୍ଷକ ଭଳି ପ୍ରମୁଖ ରାଜସ୍ୱ ସଂସ୍ଥା ସମ୍ପର୍କରେ ମଧ୍ୟ ସୂଚନାକୁ ସହଜରେ ଉପଲବ୍ଧ କରାଯାଇଛି।

# ଓରାଙ୍ଗଉଟାନ୍ ଉଦ୍ଧାରସ୍ଥଳରେ ବାଡ଼

### ନିଷିଦ୍ଧାଞ୍ଚଳ ଘୋଷଣା



ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ୫ଟି ଶିଶୁ ଓରାଙ୍ଗଉଟାନ ଉଦ୍ଧାର ହେବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପ୍ରାଣୀମାନେ କେଉଁ ପରିସ୍ଥିତିରେ ଓଡ଼ିଶାରେ ପହଞ୍ଚିଲେ, ସେ ସମ୍ପର୍କରେ ସବିଶେଷ ତଦନ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଓରାଙ୍ଗଉଟାନ ଉଦ୍ଧାର ସ୍ଥଳରେ ବାଡ଼ ଦିଆଯାଇଛି। ଉକ୍ତ ସ୍ଥାନକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଛି ବନ ବିଭାଗ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ବିଚିତ୍ରପୁର ବଡ଼ସାହି ଜଙ୍ଗଲରୁ ୫ ଓରାଙ୍ଗଉଟାନ୍ ଉଦ୍ଧାର ହୋଇଥିଲେ।

ଏସଟିଏଫ ତନାଘନା ପରେ ଆଜି ଓଡିଶା ଆସିପାରନ୍ତି ୱାଇଲ୍ଡଲାଇଫ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି) ଟିମ। ପଶ୍ଚିମବଙ୍ଗର ଏସଟିଏଫ ଟିମ୍, ବନ୍ୟଜନ୍ତୁ ଉଦ୍ଧାର ହେବା ପୂର୍ବ ରାତିରେ ସେହି ଅଞ୍ଚଳକୁ ଆସିଥିବା ବ୍ଲାକ୍ ଥାର ଗାଡ଼ି ବାବଦରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ବିଭିନ୍ନ ସ୍ଥାନରୁ ୧୫୦ ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି। ଗତକାଲି ଓରାଙ୍ଗଉଟାନ୍ ଉଦ୍ଧାର ହୋଇଥିବା ସ୍ଥାନରୁ ମାସ୍କ ଉଦ୍ଧାର ହୋଇଥିଲା। ଏହି ମାସ୍କ କାହାର ସେନେଇ ଖୋଳତାଡ଼ ହେଉଛି। ଘଟଣା ସ୍ଥଳରେ ବନ ବିଭାଗ ପକ୍ଷରୁ କ୍ୟାମ୍ପ କରାଯାଇଛି। ବନ କର୍ମଚାରୀମାନେ ଦିନ ରାତି ଜଗି ରହିଛନ୍ତି।

### ଶତାଧିକ ଛାତ୍ର ହଷ୍ଟେଲ୍ ଛାଡ଼ିବା ଘଟଣା

## କମିଶନଙ୍କଠାରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଝରିଗାଁ,୧୧।୯ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକ ଅନ୍ତର୍ଗତ ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ ଓ ନିମ୍ନମାନର ଖାଦ୍ୟ ଯୋଗୁଁ ଗତ ଅଗଷ୍ଟ ୬ ତାରିଖରେ ୧୪୦ ଜଣ ଅନ୍ତେବାସୀ ହଷ୍ଟେଲ ଛାଡ଼ିଥିଲେ। ଘଟଣାର ପରଦିନ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀଶଙ୍କର ମାଝୀ, ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ, ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ପ୍ରମୁଖ ଘଟଣାର ତଦନ୍ତ କରିବାକୁ ଆସିଥିଲେ। ଏନେଇ ଗତ ଅଗଷ୍ଟ ୬ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସାନଟେମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣାଙ୍କୁ ନିଲମ୍ବିତ କରି ଝରିଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରିଥିଲେ। ସେହିପରି ୨୦୧୭ରୁ ବିନା ଆବଶ୍ୟକ ଭିତ୍ତିଭୂମିରେ ହଷ୍ଟେଲଟି ଚାଲିଥିଲା। ୯ ବର୍ଷ ଧରି ପିଲାମାନେ ନିଜସ୍ୱ ହଷ୍ଟେଲ, ଶୌଚାଳୟ, ଡାଇନିଂ ହଲ ଓ ବିଶୁଦ୍ଧ ପାନୀୟ ଜଳ ଭଳି ସୁବିଧାରୁ ବଞ୍ଚିତ ହେଉଥିଲେ।

### ମାନବାଧିକାର ଆୟୋଗ ଅଧ୍ୟକ୍ଷଙ୍କୁ ଗଣଶିକ୍ଷା ବିଭାଗ ସଚିବଙ୍କ ଉତ୍ତର

# ଫି' ନିର୍ଦ୍ଧାରଣ କମିଟି ସୁପାରିସ୍ ଲାଗୁ ପାଇଁ ପୂର୍ବ ସରକାର ଅନିଚ୍ଛୁକ ଥିଲେ

ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ): ବେସରକାରୀ ବିଦ୍ୟାଳୟ ଫି' ନିର୍ଦ୍ଧାରଣ କମିଟି ରିପୋର୍ଟ ତୁରନ୍ତ ଲାଗୁ କରିବା ନିମନ୍ତେ ନ୍ୟାସନାଲ ପ୍ୟାରେଣ୍ଟ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ପକ୍ଷରୁ ମାନବାଧିକାର ଆୟୋଗଙ୍କ ପାଖରେ ଦାଖଲ କରାଯାଇଥିବା ଏକ ମାମଲାର ପ୍ରାଥମିକ ଶୁଣାଣିରେ ପୂର୍ବ ସରକାରଙ୍କ ଦ୍ୱାରା ଗଠିତ ଫି' ନିର୍ଦ୍ଧାରଣ କମିଟି ସୁପାରିସ୍‌କୁ ସରକାର ନିଜେ କାର୍ଯକାରୀ କରିବାକୁ ଚାହୁଁ ନ ଥିଲେ ବୋଲି ଗଣଶିକ୍ଷା ବିଭାଗ ସଚିବ ଏକ ସ୍ପଷ୍ଟୀକରଣରେ ଅଧ୍ୟକ୍ଷଙ୍କୁ ଅବଗତ କରିଛନ୍ତି। ଏହି ସୂଚନା ପରେ ଲକ୍ଷାଧିକ ଅଭିଭାବକଙ୍କ ସହ ପୂର୍ବ ସରକାର ପ୍ରତାରଣା କରିଥିଲେ ବୋଲି ଶ୍ରୀ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇବା ସହ ପରବର୍ତ୍ତୀ ପଦକ୍ଷେପ ନିମନ୍ତେ ଆଇନଗତ ସହାୟତା ନିଆଯିବ ବୋଲି କହିଛନ୍ତି।

### ଅଭିଭାବକଙ୍କୁ ଭୁଆଁ ବୁଲାଉଥିଲେ ବିଜେଡି ସରକାର




ଏଠାରେ ଉଲ୍ଲେଖଯୋଗ୍ୟ ଯେ ବେସରକାରୀ ବିଦ୍ୟାଳୟରେ ଫି' ନିର୍ଦ୍ଧାରଣକୁ ନେଇ ଓଡ଼ିଶା ଶିକ୍ଷା ଆଇନ୍-୧୯୬୯ ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅଧିନିୟମ ନଂ.୩୦୭୨୦, ୨୩ ସେପ୍ଟେମ୍ବର ୧୯୯୬ ଅନୁଯାୟୀ ପ୍ରାବଧାନ ଅଛି। କିନ୍ତୁ ଏହାକୁ ପ୍ରକୃତ ଅର୍ଥରେ ପାଳନ କରାଯାଉନାହିଁ। ଫଳରେ ବିଭିନ୍ନ ସମୟରେ ଅଭିଭାବକମାନଙ୍କ ଧାରଣା, ଧର୍ମଘଟ ଓ ଆମରଣ ଅନଶନ ଭଳି କାର୍ଯ୍ୟକ୍ରମ ଚାଲୁଛି ଏବଂ ଫି' ସମସ୍ୟାକୁ ନେଇ ଛାତ୍ରଛାତ୍ରୀମାନଙ୍କ ଉପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆକ୍ରୋଶମୂଳକ ଆଚରଣ ଓ ଆତ୍ମହତ୍ୟା ଭଳି ଦୁଃଖଦ ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାରଙ୍କ ଆଦେଶ ଅନୁଯାୟୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶାନୁସାରେ ୨୦୧୮ରେ ଏକ ଫି' ନିର୍ଦ୍ଧାରଣ କମିଟି ଗଠନ କରାଯାଇଥିଲା, ଯେଉଁଥିରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଅଧ୍ୟକ୍ଷ ଥିଲେ ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ବେସରକାରୀ ବିଦ୍ୟାଳୟର ଅଧ୍ୟକ୍ଷ, ପୃଷ୍ଠପୋଷକ, ଅଭିଭାବକ ସଂଘ, ଅଭିଭାବକ, ଆଇନ୍ ବିଭାଗ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ଥିଲେ। ବିଭିନ୍ନ ପର୍ଯ୍ୟାୟରେ ବହୁ ବୈଠକ ବସି ଆଲୋଚନା ପରେ ସମସ୍ତଙ୍କ ସହମତିରେ ଏକ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା। ଏହି ନିର୍ଦ୍ଦେଶନାମାକୁ ଲାଗୁ କରିବା ପାଇଁ ପ୍ରଚେଷ୍ଟା ଚାଲିଥିବା ସମୟରେ କୋଭିଡ୍ ମହାମାରୀ ଯୋଗୁଁ ଦୀର୍ଘ ଦୁଇ ବର୍ଷ ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଲା। କୋଭିଡ ମହାମାରୀ ପରେ ତତ୍କାଳିନ ଶିକ୍ଷାମନ୍ତ୍ରୀ, ଗଣଶିକ୍ଷା ସଚିବ ଓ ଶିକ୍ଷା ବିଭାଗ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏ ସମ୍ବନ୍ଧରେ ବିଧାନସଭାରେ ପଚରାଯାଇଥିବା ପ୍ରଶ୍ନରେ ଶିକ୍ଷାମନ୍ତ୍ରୀ ଉତ୍ତର ରଖିଥିଲେ କି ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବ। କିନ୍ତୁ ସେତେବେଳକୁ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇସାରିଥିଲା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶନିବାର ୧୨ ସେପ୍ଟେମ୍ବର ୨୦୨୬
BUSINESS

# ସାମସଙ୍ଗ ଓ ଆପଲ ପାର୍ଟନର ସହ ମିଶି ବିକୁଛନ୍ତି ପୁରୁଣା ଫୋନ

**ନୂଆଦିଲ୍ଲୀ,୧୦।୯:** ଭାରତରେ ସ୍ମାର୍ଟଫୋନର ଦାମ ବଢ଼ିବା ଏବେ ମୋବାଇଲ୍ ବଜାରର ଚିତ୍ର ବଦଳାଇବା ଆରମ୍ଭ କରିଛି। ନୂଆ ସ୍ମାର୍ଟଫୋନ୍ କିଣିବା ମହଙ୍ଗା ହେଉଥିବାରୁ ଗ୍ରାହକଙ୍କର ଏକ ବଡ଼ ଅଂଶ ଏବେ ରିଫର୍ବିସ୍ଡ ବା ପୁରୁଣା ମରାମତି ସ୍ମାର୍ଟଫୋନ୍ ଆଡ଼କୁ ମୁହାଇଁଛନ୍ତି। କାଉଣ୍ଟରପଏଣ୍ଟ ରିସର୍ଚର ତଥ୍ୟ ଅନୁସାରେ, ୨୦୨୬ କ୍ୟାଲେଣ୍ଡର ବର୍ଷର ପ୍ରଥମ ୬ ମାସରେ ଭାରତର ରିଫର୍ବିସ୍ଡ ସ୍ମାର୍ଟଫୋନ୍ ବିକ୍ରି ପରିମାଣ ବର୍ଷକୁ ବର୍ଷ ୧୩ ପ୍ରତିଶତ ବଢ଼ିଛି। ଏହି ସମୟରେ ନୂଆ ସ୍ମାର୍ଟଫୋନ୍ ବିକ୍ରି ପ୍ରାୟ ୧୧ ପ୍ରତିଶତ କମିଛି। ବିଶେଷକରି ଏଣ୍ଟ୍ରି ଓ ମିଡ୍-ରେଞ୍ଜ୍ ସ୍ମାର୍ଟଫୋନର ଦାମ ବୃଦ୍ଧି ଗ୍ରାହକଙ୍କୁ ସେକେଣ୍ଡାରୀ ବଜାର ଆଡ଼କୁ ନେଉଛି। ନୂଆ ଫୋନର ଦାମ ବଢ଼ିଲେ ମଧ ପୁରୁଣା ଫୋନର ଦାମ ତୁଳନାତ୍ମକ ଭାବେ କମ୍ ରହୁଥିବାରୁ ରିଫର୍ବିସ୍ଡ ଫୋନ୍ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ବିକଳ୍ପ ହୋଇଛି।

**ଦାମ ବଢ଼ିବାରୁ ରିଫର୍ବିସ୍ଡ ଫୋନ୍ର ଚାହିଦା ବଢ଼ିଛି**

କ୍ୟାଶିଫାଏରର ସହ-ପ୍ରତିଷ୍ଠାତା ତଥା ସଇଓ ମନଦୀପ ମନୋଚାଙ୍କ ଅନୁସାରେ, ରିଫର୍ବିସ୍ଡ ଫୋନ୍ ନୂଆ ଡିଭାଇସ୍ ତୁଳନାରେ ବଢ଼ୁଥିବା କମ୍ପୋନେଣ୍ଟ ଖର୍ଚ୍ଚର ପ୍ରଭାବରେ କମ୍ ପଡ଼େ। କାରଣ ଏହି ଫୋନ୍ଗୁଡ଼ିକ ନୂଆ କରି ତିଆରି ହୁଏନାହିଁ, ବରଂ ପୂର୍ବରୁ ବ୍ୟବହୃତ ଡିଭାଇସକୁ ମରାମତି ଓ ନବୀକରଣ କରି ପୁଣି ବଜାରକୁ ଅଣାଯାଏ। ତେବେ ଡିସପ୍ଲେ, ବ୍ୟାଟେରୀ ଓ କ୍ୟାମେରା ମଡ୍ୟୁଲର ମୂଲ୍ୟ ବଢ଼ିଲେ ରିଫର୍ବିସ୍ମେଣ୍ଟ ଖର୍ଚ୍ଚ ମଧ ବଢ଼ିପାରେ।

Also Read- ସୁନାର ଗ୍ରେ ମାର୍କେଟ୍ରେ ବଢ଼ୁଛି ଚୋରା କାରବାରଃ ୧୦ ଗ୍ରାମରେ ୮ ହଜାର ଟଙ୍କା ପର୍ଯ୍ୟନ୍ତ ଡିସକାଉଣ୍ଟ, କ୍ଷତି ସହୁଛନ୍ତି ଲିଗାଲ ଡିଲର

(ଓମଡିଆ) Omdia ତଥ୍ୟ ଅନୁସାରେ, ୨୦୨୬ର ପ୍ରଥମ ତ୍ରୈମାସିକରେ ରିଫର୍ବିସ୍ଡ ଫୋନ୍ ବଜାର ପାଇଁ ୨୯୮ ନିୟୁତ ଡିସପ୍ଲେ ପ୍ୟାନେଲ୍ ପଠାଯାଇଥିଲା। ଏହା ବର୍ଷକୁ ବର୍ଷ ୨୦ ପ୍ରତିଶତ ବଢ଼ିଛି ଏବଂ ନୂଆ ସ୍ମାର୍ଟଫୋନ୍ ନିର୍ମାତାଙ୍କୁ ପଠାଯାଇଥିବା ୨୮୯ ନିୟୁତ ପ୍ୟାନେଲ୍ ଠାରୁ ମଧ ଅଧିକ। ଏହାର ଓଲେଡ୍ ଡିସପ୍ଲେର ଅଂଶ ୭ ପ୍ରତିଶତରେ ପହଞ୍ଚିଛି, ଯାହା ଗତବର୍ଷ ୨ ପ୍ରତିଶତ ଥିଲା। **Trade-inରୁ ବଢ଼ୁଛି ସପ୍ଲାଇ** ନୂଆ ଓ ରିଫର୍ବିସ୍ଡ ଫୋନ୍ ବଜାର ମଧ୍ୟରେ Trade-in ଓ Buyback ଏକ ଗୁରୁତ୍ୱପୂର୍ଣ୍ଣ କଡ଼ି ପାଲଟିଛି। ଗ୍ରାହକ ନୂଆ ଫୋନ୍ କିଣିବା ସମୟରେ ପୁରୁଣା ଫୋନ୍ ବଦଳାଇ ଦେଉଛନ୍ତି। ଏହି ଫୋନ୍ଗୁଡ଼ିକ ପରେ ରିଫର୍ବିସ୍ଡ ହୋଇ ପୁଣି ବଜାରକୁ ଆସୁଛି। କାଉଣ୍ଟରପଏଣ୍ଟ ୨୦୨୬ରେ ଭାରତର ରିଫର୍ବିସ୍ଡ ସ୍ମାର୍ଟଫୋନ୍ ବଜାର ୧୬ ପ୍ରତିଶତ ବଢ଼ିବ ବୋଲି ଆକଳନ କରିଛି। ଦ୍ୱିତୀୟାର୍ଦ୍ଧରେ ପର୍ବପର୍ବାଣୀ ସମୟର ବିକ୍ରି ଓ ନୂଆ ଫ୍ଲାଗ୍ସିପ୍ ଫୋନ୍ ଲଞ୍ଚ୍ ହେବା ଫଳରେ Trade-in ବଢ଼ିବ ଏବଂ ନୂଆ ପିଢ଼ିର ପୁରୁଣା ଫୋନର ଉପଲବ୍ଧତା ମଧ ବଢ଼ିବ। ସାମସଙ୍ଗ ଭାରତରେ ସାଇର୍ଟିଫାଏଡ ରିନ୍ୟୁ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏଥିରେ ପ୍ରକୃତ ପାର୍ଟ ଓ ୧ ବର୍ଷର ୱାରେଣ୍ଟି ସହ ରିଫର୍ବିସ୍ଡ ଗାଲାକ୍ସି ଫୋନ୍ ବିକ୍ରି କରାଯାଉଛି। ଗୁଗଲ ମଧ କ୍ୟାସିଫାଏ ମାଧମରେ ଭାରତରେ ଅଥୋରାଇଜ୍ଡ ରିଫର୍ବିସ୍ଡ ଫୋନ୍ ବିକ୍ରି କରୁଛି। ୨୦ରୁ ୪୫ ହଜାର ଟଙ୍କାର ଫୋନର ଚାହିଦା ଅଧିକ କ୍ୟାସିଫାଏର ୨୦୨୫ ତଥ୍ୟ ଅନୁସାରେ, ରିଫର୍ବିସ୍ଡ ଫୋନ୍ ବିକ୍ରିର ସବୁଠାରୁ ବଡ଼ ଅଂଶ ୨୦ ହଜାରରୁ ୪୫ ହଜାର ଟଙ୍କା ମୂଲ୍ୟ ବର୍ଗରେ ରହିଛି। ୨୦-୩୦ ହଜାର ଟଙ୍କା ବର୍ଗର ଅଂଶ ୨୬.୯ ପ୍ରତିଶତ ଏବଂ ୩୦-୪୫ ହଜାର ଟଙ୍କା ବର୍ଗର ଅଂଶ ୨୫.୧ ପ୍ରତିଶତ ରହିଛି। ୪୫-୬୦ ହଜାର ଟଙ୍କା ବର୍ଗର ଅଂଶ ୨୦୨୪ର ୭.୫ ପ୍ରତିଶତରୁ ବଢ଼ି ୨୦୨୫ରେ ୧୧.୨ ପ୍ରତିଶତ ହୋଇଛି। ୬୦ ହଜାର ଟଙ୍କାରୁ ଅଧିକ ଦାମର ଫୋନ୍ର ଅଂଶ ମଧ ୩.୪ ପ୍ରତିଶତରୁ ବଢ଼ି ୬.୨ ପ୍ରତିଶତ ହୋଇଛି। ଅର୍ଥାତ୍ ଗ୍ରାହକମାନେ କେବଳ ଶସ୍ତା ଫୋନ୍ ନୁହେଁ, ବରଂ ଅଧିକ ଦାମର ପ୍ରିମିୟମ୍ ଫୋନ୍ ମଧ ରିଫର୍ବିସ୍ଡ ଭାବେ କିଣୁଛନ୍ତି। ଏହି ପରିବର୍ତ୍ତନରେ ଆପଲର ଭୂମିକା ବେଶ୍ ବଡ଼। ୨୦୨୫ରେ କ୍ୟାସିଫାଏର ରିଫର୍ବିସ୍ଡ ସ୍ମାର୍ଟଫୋନ୍ ବିକ୍ରିରେ ଆପଲର ଅଂଶ ୬୫.୩ ପ୍ରତିଶତ ଥିଲା।



# ସାମସଙ୍ଗ ଇଣ୍ଡିଆର ୧୦୦ କର୍ମଚାରୀଙ୍କୁ ଛଟେଇ

**ନୂଆଦିଲ୍ଲୀ,୧୦।୯:** ସାମସଙ୍ଗ ଇଣ୍ଡିଆରେ ଛଟେଇର ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, କମ୍ପାନୀର ଟିଭି ଓ ହୋମ୍ ଆପ୍ଲାଏନ୍ସ ବ୍ୟବସାୟ ସହ ଜଡ଼ିତ ପ୍ରାୟ ୮୦ରୁ ୧୦୦ ଅଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ଚାକିରି ଛାଡ଼ିବାକୁ କୁହାଯାଇଛି। ଏଥିରେ ଡାଇରେକ୍ଟର ସ୍ତରର ଅଧିକାରୀ, ଟିମ୍ ଲିଡ୍, ବ୍ରାଞ୍ଚ ମ୍ୟାନେଜର ଓ ଏରିଆ ମ୍ୟାନେଜରଙ୍କ ଭଳି ପଦବୀ ମଧ ରହିଛି। କମ୍ପାନୀର ଏହି ନିଷ୍ପତ୍ତି ପଛରେ ବର୍ଦ୍ଧିତ ମୂଲ୍ୟ ଏବଂ ଖରାପ ବିକ୍ରୟକୁ ମୁଖ୍ୟ କାରଣ ଭାବରେ ଦର୍ଶାଯାଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ମେମୋରୀ ଚିପ୍ ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ, ସେମାନଙ୍କର ମୂଲ୍ୟ ଦ୍ୱିଗୁଣିତରୁ ଅଧିକ ହୋଇଛି। ଏହା ଟିଭି ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଉତ୍ପାଦ ନିର୍ମାଣ କରୁଥିବା କମ୍ପାନୀଗୁଡ଼ିକର ଖର୍ଚ୍ଚ ବୃଦ୍ଧି କରିଛି। ବିକ୍ରି ହ୍ରାସ, ମାର୍ଜିନ୍ ଉପରେ ଚାପ ମେମୋରି ଚିପ୍ ଦାମ ବୃଦ୍ଧି ସହ ଭାରତରେ ସ୍ମାର୍ଟଫୋନ୍ ବିକ୍ରିରେ ମଧ ହ୍ରାସ ଦେଖାଯାଇଛି। ରିପୋର୍ଟ ଅନୁସାରେ, ସ୍ମାର୍ଟଫୋନ୍ ବିକ୍ରି ପରିମାଣ ପ୍ରାୟ ୧୧–୧୨ ପ୍ରତିଶତ କମିଛି। ଏହା ସାମସଙ୍ଗର ମାର୍ଜିନ୍ ଉପରେ ଚାପ ବଢ଼ାଇଛି। ଏଭଳି ସ୍ଥିତିରେ କମ୍ପାନୀ ପାଇଁ କମ୍ ଦାମ୍ ପ୍ରଡକ୍ଟ ବିକ୍ରି କରି ପୂର୍ବଭଳି ପ୍ରଫିଟ୍ ମାର୍ଜିନ୍ ରଖିବା ଖୁବ୍ କଷ୍ଟକର। ଏପର୍ଯ୍ୟନ୍ତ ଯେଉଁ ଛଟେଇ ବିଷୟରେ ଜଣାପଡିଛି ତାହା ମୁଖ୍ୟତଃ ଟିଭି ଏବଂ ଘରୋଇ ଉପକରଣ ବ୍ୟବସାୟରେ ହୋଇଛି। ତଥାପି, ରିପୋର୍ଟରୁ ଜଣାପଡୁଛି ଯେ କିଛି କର୍ମଚାରୀ ଭବିଷ୍ୟତରେ ସେମାନଙ୍କର ଚାକିରି ହରାଇପାରନ୍ତି। ଆଗକୁ ଆହୁରି ଛଟେଇ ସମ୍ଭାବନା ଏବେ ହୋଇଥିବା ଛଟେଇ ମୁଖ୍ୟତଃ ଟିଭି ଓ ହୋମ୍ ଆପ୍ଲାଏନ୍ସ ବ୍ୟବସାୟରେ ସୀମିତ ରହିଛି। ତେବେ ଦୀପାବଳି ପରେ ଏହି ବ୍ୟବସାୟରେ ଆହୁରି କର୍ମଚାରୀ କମାଇବାର ସମ୍ଭାବନା ଥିବା ରିପୋର୍ଟରେ କୁହାଯାଇଛି। ଇଲେକ୍ଟ୍ରୋନିକ୍ସ ବ୍ୟବସାୟର ସେଲ୍ସ ଓ ମାର୍କେଟିଂ ଟିମ୍ ପ୍ରାୟ ୨୫ ପ୍ରତିଶତ କର୍ମଚାରୀ ଭବିଷ୍ୟତରେ ପ୍ରଭାବିତ ହୋଇପାରନ୍ତି ବୋଲି ଇଣ୍ଡଷ୍ଟ୍ରି ସୂତ୍ରରୁ ଜଣାପଡ଼ିଛି। ତେବେ ସାମସଙ୍ଗର ସ୍ମାର୍ଟଫୋନ୍ ବ୍ୟବସାୟରେ ଏପର୍ଯ୍ୟନ୍ତ ଏହି ଛଟେଇର ପ୍ରଭାବ ପଡ଼ିନାହିଁ। ଆଗାମୀ ପର୍ବ ଓ ଦୀପାବଳି ସମୟରେ ଫୋନ୍ ବିକ୍ରି ବଢ଼ିବ ବୋଲି କମ୍ପାନୀ ଆଶା ରଖିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।



# ଏଟିଏମ୍ରୁ ମିଳିବ ଡେବିଟ୍ ଓ କ୍ରେଡିଟ୍ କାର୍ଡ

**ନୂଆଦିଲ୍ଲୀ,୧୦।୯:** ଏଟିଏମରୁ ଏବେ କେବଳ କ୍ୟାସ ବାହାରିବନି। ଏବେ ଏଟିଏମ୍ରୁ ବାହାରିବ ଡେବିଟ୍ କାର୍ଡ ଏବଂ କ୍ରେଡିଟ୍ କାର୍ଡ। କାରଣ ଭାରତୀୟ ବ୍ୟାଙ୍କିଂ ସେକ୍ଟରରେ ଆସିଛି ଐତିହାସିକ ପରିବର୍ତ୍ତନ। ଫଳରେ ଗ୍ରାହକଙ୍କୁ ଆଉ ଡେବିଟ୍ କାର୍ଡ ପାଇଁ ବ୍ୟାଙ୍କରେ ଲାଇନ୍ ଲଗାଇବା ପଡିବନି କିମ୍ବା କୋରିୟରରେ ଆସିବାକୁ ୭ ରୁ ୧୦ ଦିନ ଅପେକ୍ଷା କରିବାକୁ ପଡିବନି।ଏବେ ଏଟିଏମ ମେସିନ୍ରୁ ହିଁ ତୁରନ୍ତ ଜାରି ହୋଇପାରିବ ଡେବିଟ୍ କାର୍ଡ, କ୍ରେଡିଟ୍ ଏବଂ NCMC କାର୍ଡ। ଏହି ନୂଆ ଟେକ୍ନୋଲୋଜି ଏଟିଏମକୁ ଆର୍ଥିକ ସେବା ବିଭାଗର ସଚିବ ସଞ୍ଜୟ ଲୋହିଆ ଲଞ୍ଚ କରିଛନ୍ତି। ଏହି ଏଟିଏମ୍ କେବଳ ଟଙ୍କା ଉଠାଇବା କିମ୍ବା ଜମା କରିବା ପାଇଁ ନୁହେଁ, ବରଂ ଅନେକ ଡିଜିଟାଲ୍ ବ୍ୟାଙ୍କିଂ ସେବା ମଧ ଦେବାକୁ ସକ୍ଷମ ହେବ। ATMରୁ ତୁରନ୍ତ ମିଳିବ କାର୍ଡ ନୂଆ ଆଣ୍ଡ୍ରଏଡ ବେସଡ୍ ATM ଗ୍ରାହକଙ୍କ ତଥ୍ୟ ଆଧାରରେ ପର୍ସନାଲାଇଜ୍ଡ RuPay ଡେବିଟ୍ କାର୍ଡ, କ୍ରେଡିଟ୍ ଏବଂ NCMC କାର୍ଡ ତୁରନ୍ତ ଜାରି କରିପାରିବ ଏହାର ଅର୍ଥ ହେଉଛି, କାର୍ଡ ପାଇବା ପାଇଁ ବ୍ୟାଙ୍କ ଶାଖାକୁ ଯିବା ଏବଂ ଘରକୁ ଫିଜିକାଲ୍ କାର୍ଡ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାର ଆବଶ୍ୟକତା ଆଗାମୀ ଦିନରେ କମିପାରେ। ବିଶେଷକରି ଯେଉଁ ଅଞ୍ଚଳରେ ବ୍ୟାଙ୍କ ଶାଖା ଦୂରରେ ରହିଛି କିମ୍ବା ଗ୍ରାହକଙ୍କୁ ତୁରନ୍ତ କାର୍ଡର ଆବଶ୍ୟକତା ରହିଛି, ସେଠାରେ ଏହି ଟେକ୍ନୋଲୋଜି ଅଧିକ ଉପଯୋଗୀ ହୋଇପାରେ। କେବଳ ଟଙ୍କା ଉଠାଇବା ନୁହେଁ, ଆହୁରି ଅନେକ କାମ ଏଟିଏମ୍ ମାଧମରେ ଆଗାମୀ ଦିନରେ ଚେକ୍ ଜମା କରିବା, ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ଲୋନ୍ ପାଇଁ ଆବେଦନ କରିବା ଭଳି ସୁବିଧା ମଧ ମିଳିପାରେ। ଏହା ସହିତ ୟୁପିଆଇ ପେମେଣ୍ଟ ଗ୍ରହଣ କରୁଥିବା ଦୋକାନୀ ଏବଂ ବ୍ୟବସାୟୀଙ୍କ ପାଇଁ Merchant QR Code ତିଆରି କରିବାର ସୁବିଧା ମଧ ରହିବ। ଅର୍ଥାତ୍, ଭବିଷ୍ୟତର ଏଟିଏମ୍ କେବଳ ଟଙ୍କା ଉଠାଇବା ମେସିନ୍ ନୁହେଁ, ବରଂ ଏକ ଛୋଟ ଡିଜିଟାଲ୍ ବ୍ୟାଙ୍କିଂ ସେଣ୍ଟର୍ ଭଳି କାମ କରିପାରେ। ୯ଟି ବ୍ୟାଙ୍କ କରୁଛନ୍ତି ପରୀକ୍ଷା ତେବେ ଏହି ସୁବିଧା ଏବେ ସମସ୍ତ ବ୍ୟାଙ୍କର ଗ୍ରାହକଙ୍କ ପାଇଁ ଉପଲବ୍ଧ ହୋଇନାହିଁ। ବର୍ତ୍ତମାନ ୯ଟି ବ୍ୟାଙ୍କ, NPCI ଏବଂ ଏଟିଏମ ନିର୍ମାତା କମ୍ପାନୀମାନଙ୍କ ସହିତ ଏହି ସମାଧାନର ସମ୍ଭାବନା ଏବଂ ବ୍ୟବହାରିକତା ନେଇ ଆକଳନ କରୁଛନ୍ତି। ଏହି ୯ଟି ବ୍ୟାଙ୍କ ହେଉଛି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା SBI,ବ୍ୟାଙ୍କ ଅଫ୍ ବରୋଦା,ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ,ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ବା PNB,ବ୍ୟାଙ୍କ ଅଫ୍ ଇଣ୍ଡିଆ,ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ସ୍ଲାଇସ୍ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଏବଂ ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କ। ଏହି ବ୍ୟାଙ୍କଗୁଡ଼ିକ ଏବେ ଏହି ଟେକ୍ନୋଲୋଜିକୁ ବୁଝିବା ସହ ଏହାକୁ ବ୍ୟାଙ୍କିଂ ସେବାରେ କିପରି ବ୍ୟବହାର କରାଯାଇପାରିବ, ସେନେଇ ଆକଳନ କରୁଛନ୍ତି। ଗ୍ରାହକଙ୍କ ପାଇଁ କଣ ହେବ ଲାଭ ? ଯଦି ଏହି ଟେକ୍ନୋଲୋଜି ବ୍ୟାପକ ଭାବରେ ଲାଗୁ ହୁଏ, ତେବେ ଗ୍ରାହକଙ୍କୁ ବ୍ୟାଙ୍କ ଶାଖା ଯିବାର ଆବଶ୍ୟକତା କମିପାରେ। କାର୍ଡ ଜାରି କରିବା, ଆକାଉଣ୍ଟ ଖୋଲିବା, ଲୋନ୍ ଆବେଦନ କରିବା ଏବଂ ଅନ୍ୟାନ୍ୟ ବ୍ୟାଙ୍କିଂ ସେବା ପାଇଁ ଗୋଟିଏ ଏଟିଏମ୍ କିଓସ୍କରୁ ହିଁ ଅନେକ କାମ କରିହେବ। ଏହା ଏବେ ଆରମ୍ଭିକ ପର୍ଯ୍ୟାୟରେ ରହିଛି। ସମସ୍ତ ବ୍ୟାଙ୍କ ଓ ସମସ୍ତ ଗ୍ରାହକଙ୍କ ପାଇଁ ଏହି ସୁବିଧା କେବେଠାରୁ ଉପଲବ୍ଧ ହେବ, ସେନେଇ ଅପେକ୍ଷା କରିବାକୁ ପଡ଼ିବ।




# ବର୍ଷକୁ ଜେନ୍-ଜି ଖର୍ଚ୍ଚ କରୁଛନ୍ତି ୮୧ ଲକ୍ଷ କୋଟି

**ନୂଆଦିଲ୍ଲୀ,୧୦।୯:** ଭାରତର ଖାଉଟି ବଜାରରେ ଏବେ ଜେନ୍-ଜିଙ୍କ ଦବ୍‌ଦବା । ଦେଶର ସ୍ପେଣ୍ଡିଂ ଫୋର୍ସ ପାଲଟିଛନ୍ତି ଏହି ନୂତନ ପିଢ଼ି । ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ଭାରତର ୩୭.୭ କୋଟି ଜେନ୍-ଜି ଦେଶର ଖାଉଟି ବଜାରରେ ବଡ଼ ଯୋଗଦାନ ଦେଉଛନ୍ତି । ବର୍ଷକୁ ଏମାନେ ବଜାରରେ ପ୍ରାୟ ୮୬୦ ବିଲିୟନ ଡଲାର ବା ୮୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଯାହାକି ମୋଟ ଖାଉଟି ବ୍ୟୟର ୪୩% । ବୋଷ୍ଟନ କନ୍‌ସଲ୍‌ଟିଂ ଗ୍ରୁପ୍(ବିସିଜି) ଏବଂ ସ୍ନାପ୍ ଇଙ୍କ୍ ପକ୍ଷରୁ ପ୍ରସ୍ତୁତ ଏକ ମିଳିତ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ୨୦୩୫ ସୁଦ୍ଧା ଜେନ୍-ଜିଙ୍କ ଦ୍ୱାରା ବଜାରରେ ବ୍ୟୟ ପରିମାଣ ୨ ଟ୍ରିଲିୟନ ଡଲାର ଛୁଇଁବ ବୋଲି ଅନୁମାନ କରାଯାଇଛି । ଉକ୍ତ ସମୟରେ ଦେଶବାସୀଙ୍କ ଦ୍ୱାରା ବଜାରରେ ମୋଟ ଖର୍ଚ୍ଚ ପରିମାଣ ୩.୯ ବିଲିୟନ ଡଲାର ହୋଇପାରେ ବୋଲି ବିସିଜି ଆକଳନ କରିଛି । ଅର୍ଥାତ୍ ମୋଟ ଖୁଚୁରା ବ୍ୟୟରେ ଜେନ୍-ଜିଙ୍କ ଯୋଗଦାନ ରହିବ ଅଧା । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନୂତନ ପିଢ଼ି କେଉଁଥିରେ ଅଧିକ ଖର୍ଚ୍ଚ କରୁଛନ୍ତି । ରିପୋର୍ଟ ଅନୁସାରେ, ଏମାନେ ବିଶେଷ କରି ଫୁଟ୍‌ୱେର୍, ବାହାରେ ଖାଇବା, ଭ୍ରମଣ, ଏଣ୍ଟର୍‌ଟେନ୍‌ମେଣ୍ଟ ଓ ଓଟିଟି, ଫ୍ୟାଶନ ଏବଂ ବିଉଟି ସେଗ୍‌ମେଣ୍ଟରେ ଅଧିକ ବ୍ୟୟ କରୁଛନ୍ତି । ଏହି ବଜାରରେ ଲୋକମାନେ ଯେତିକି ଖର୍ଚ୍ଚ କରୁଛନ୍ତି ସେଥିରୁ ଅଧା ଏହି ଜେନ୍-ଜି କରୁଛନ୍ତି । ରିପୋର୍ଟ ଅନୁସାରେ, ଭାରତର ଜେନ୍-ଜିଙ୍କ ସଂଖ୍ୟା ଆମେରିକାର ମୋଟ ଜନସଂଖ୍ୟାଠୁ ଅଧିକ । ପ୍ରତି ୪ ଜଣରେ ଜଣେ ଜେନ୍-ଜି ଚାକିରି କରୁଛନ୍ତି । ଏହି ଭାଗ ୨୦୩୦ ସୁଦ୍ଧା ୩୬% ଏବଂ ୨୦୩୫ ସୁଦ୍ଧା ୪୭%କୁ ବୃଦ୍ଧି ପାଇବ ବୋଲି ଅନୁମାନ ରହିଛି । ଉକ୍ତ ହିସାବରେ ଏମାନଙ୍କ ଦ୍ୱାରା ବ୍ୟୟ ପରିମାଣ ତଦନୁସାରେ ବଢ଼ିବ । ୨୦୨୪ରେ ଜେନ୍-ଜିଙ୍କ ଦ୍ୱାରା ଖୁଚୁରା ବଜାରରେ ବ୍ୟୟ ୮୬୦ ବିଲିୟନ ଡଲାର ଥିବାବେଳେ ୨୦୩୫ ସୁଦ୍ଧା ୨ ଟ୍ରିଲିୟନ ଡଲାରକୁ ବଢ଼ିବ ବୋଲି ଆକଳନ କରାଯାଇଛି । ବର୍ତ୍ତମାନ ଏହି ଜେନ୍-ଜି ଅଧିକ ସଂଖ୍ୟାରେ ମାତାପିତାଙ୍କ ଟଙ୍କାରେ ଖର୍ଚ୍ଚ କରୁଛନ୍ତି । ଏ ବାବଦ ଖର୍ଚ୍ଚ ରହିଛି ୬୬୦ ବିଲିୟନ ଡଲାର ଏବଂ ନିଜ ଆୟରୁ ଜେନ୍-ଜି ଖର୍ଚ୍ଚ କରିଛନ୍ତି ୨୦୦ ବିଲିୟନ ଡଲାର । ୨୦୩୫ ସୁଦ୍ଧା ନିଜ ଆୟରୁ ଜେନ୍‌ଜିଙ୍କ ଖର୍ଚ୍ଚ ଭାଗ ବୃହତ୍ ରହିବ । କୋଟାକ୍ ମ୍ୟୁଚୁଆଲ ଫଣ୍ଡର ଗବେଷଣାରୁ ଜଣାପଡ଼ିଛି ଯେ, ଜେନ୍-ଜି ନିଜର ନିତିଦିନିଆ ଖର୍ଚ୍ଚ ପାଇଁ ୟୁପିଆଇ ଏବଂ ଡେବିଟ୍ କାର୍ଡର ଅଧିକ ବ୍ୟବହାର କରିଥାନ୍ତି । ଗାଡ଼ି ସଉକ ଏମାନଙ୍କ ନିକଟରେ ଅଧିକ ଦେଖିବାକୁ ମିଳୁଛି । ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆର ସଭାପତି ଏବଂ ସିଇଓ ହରଦୀପ ସିଂହ ବ୍ରାର କୁହନ୍ତି, ବିଏମ୍‌ଡବ୍ଲ୍ୟୁ ପାଇଁ ଏବେ କେବଳ କର୍ପୋରେଟ୍ ଅଧିକାରୀ, ଡାକ୍ତର ଏବଂ ବ୍ୟବସାୟୀମାନଙ୍କ କ୍ଷେତ୍ରରେ ଚାହିଦା ରହିନାହିଁ, ଯୁବ ପେସାଦାର, ଟେକ୍ ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କ ମଧ୍ୟରେ ବି ବିଳାସ ଗାଡ଼ିକୁ ନେଇ ଚାହିଦା ବୃଦ୍ଧି ପାଇଛି । ଖାଲି ବିଳାସ ଗାଡ଼ି ନୁହେଁ ଲକ୍‌ଜ୍ୟୁରୀ ସାମଗ୍ରୀରେ ଅଧିକ ବ୍ୟୟ କରୁଛନ୍ତି ଏହି ପିଢ଼ି ।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୮୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୧୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୧୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୮୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୧୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୦୪୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୩୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୨,୮୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୧୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୮୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୧୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮ .୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୮ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୭୧ ପଇସା ରହିଛି ।

ସଂଚାର THE SANCHAR

## ବିଜୁ ପଟ୍ଟନାୟକ ଛକରେ ଗର୍ଜିଲେ ଯୁବ ମୋର୍ଚ୍ଚା



**ହିଞ୍ଜିଳିକାଟୁ,୧୧।୯ (ସଂଚାର ବ୍ୟୁରୋ):** ହିଞ୍ଜିଳି ଅଂଚଳ ଦେଇ ବିଭିନ୍ନ ବାଲିଘାଟରୁ ପ୍ରତ୍ୟେକ ଦିନ ଶହ ଶହ ହାଇୱା ଯୋଗେ ବାଲି ଚୋରା ଚାଲାଣ ହେଉଛି । କିଛି ଗାଡ଼ି ବିନା ଟ୍ରାଞ୍ଜିଟରେ ବେଧଡ଼କ ବାଲି ଚାଲାଣ କରୁଛନ୍ତି । ତେବେ କିଛି ଦିନ ହେବ ବାଲି ଚୋରା ଚାଲାଣକୁ ରୋକିବା ପାଇଁ ହିଞ୍ଜିଳି ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଜୋରଦାର ବିରୋଧ କରିବା ସହ ମୁଖ୍ୟ ବଜାରରେ ରାତି ଅନିଦ୍ରା ହୋଇ ଜଗୁଛନ୍ତି କର୍ମକର୍ତ୍ତା | ବାରମ୍ବାର ଚଢ଼ଉ ସତ୍ତ୍ୱେ ବି ଆସିକାରୁ ଶହ ଶହ ବାଲି ହାଇୱା ବିଳମ୍ବିତ ରାତିରେ ହିଞ୍ଜିଳି ବିଜୁ ପଟ୍ଟନାୟକ ଛକ ପାର କରି ଯାଉଛି |

ତେବେ ବୁଧବାର ଦିନ ଆସିକା ଅଞ୍ଚଳର କିଛି ଯୁବକ ୬-୭ ଟି କାରରେ ଆସି ହିଞ୍ଜିଳି ମୁଖ୍ୟ ବଜାରରେ ଆତଙ୍କ ଖେଳାଇଥିବା ଅଭିଯୋଗ ଆଣି ହିଞ୍ଜିଳି ଯୁବ ମୋର୍ଚ୍ଚା ଗର୍ଜନ କରିଛି | ବିନା ଟ୍ରାଞ୍ଜିଟ ପାସରେ ଗୋଟିଏ ବି ବାଲି ହାଇୱା ଛାଡ଼ିବୁନି ବୋଲି ଅଡ଼ି ବସିଥିଲେ | ତେବେ ଆସିକା ଅଞ୍ଚଳର କେଉଁମାନେ ହିଞ୍ଜିଳିରେ ଆତଙ୍କ ଖେଳାଇଥିଲେ ଏବେ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି | ଆଗାମୀ ଦିନରେ ଏଭଳି ବେଆଇନ ବାଲି ଚାଲାଣକୁ ଘୋର ବିରୋଧ କରାଯିବ ବୋଲି ଯୁବ ମୋର୍ଚ୍ଚା ପକ୍ଷରୁ ସୂଚନା ମିଳିଛି | ଏହି ବିରୋଧ ଆଗାମୀ ଦିନରେ ସବୁଠି ହେବ ନେଇ କହିଛନ୍ତି ଯୁବ ମୋର୍ଚ୍ଚା |

# ଦୁଇ ଫାଳ ହେଲା ପଦ୍ମ ଶିବିର



**କାକଟପୁର/ଅସ୍ତରଙ୍ଗ,୧୧।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକରେ ଶାସକ ଭାରତୀୟ ଜନତା ପାର୍ଟି ଭିତରେ ବିଭାଜନ ରେଖା ଅତ୍ୟନ୍ତ ସ୍ପଷ୍ଟ ହୋଇଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିକଟ ହେଉଥିବା ବେଳେ ପଦ୍ମ ଶିବିର ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଉଛନ୍ତି ପୂର୍ବତନ ବିଧାୟକ ଓ ତାଙ୍କ ଅନୁଗାମୀ, ଅନ୍ୟ ଗୋଷ୍ଠୀର ନେତୃତ୍ୱରେ ଅଛନ୍ତି ବର୍ତ୍ତମାନର ବ୍ଲକ ସ୍ତରୀୟ ନେତୃତ୍ୱ, ବର୍ତ୍ତମାନର ସରପଞ୍ଚ, ସମିତି ସଭ୍ୟ ଏବଂ ଅନ୍ୟ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ। ଉଭୟ ଗୋଷ୍ଠୀ ମଧ୍ୟରେ ପଞ୍ଚାୟତ ସିଂହାସନ ଦଖଲକୁ ନେଇ ତୀବ୍ର ଛକାପଞ୍ଝା ଚାଲିଛି। ଏହାକୁ ନେଇ ଦଳର ପୁରାତନ କର୍ମୀ ଅସନ୍ତୁଷ୍ଟ, ସାଧାରଣ ଜନତା ବି ବିରକ୍ତ ହେଲେଣି। ଦଳ ଭିତରେ ଏକତା ନାହିଁ ବୋଲି ଚର୍ଚ୍ଚା ଜୋର ଧରିଛି।

ଗତ ଚାରି ବର୍ଷ ଧରି ଅସ୍ତରଙ୍ଗ ବ୍ଲକର ପନ୍ଦରଟି ପଞ୍ଚାୟତ ମଧ୍ୟରୁ ଅନେକ ପଂଚାୟତ ରେ ଶାସନ ବିଜେପି ହାତରେ ରହିଛି। ହେଲେ ଗାଁ ଲୋକ କହୁଛନ୍ତି ବିକାଶ ବଦଳରେ ଦୁର୍ନୀତି ବଢ଼ିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମାଟି ନ ଖୋଳି ବିଲ୍ ଉଠିଛି, ଜେସିବି ମେସିନରେ କାମ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ହଡପ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରତି ଘର ପିଛା ଦଶ ହଜାରରୁ କୋଡିଏ ହଜାର ଟଙ୍କା କମିଶନ ନିଆଯାଉଥିବା ଅଭିଯୋଗ ହେଉଛି।ଏମିତିକି ପ୍ରକୃତ ହିତାଧିକାରୀ ଙ୍କୁ ଆବାସ ମିଳୁନାହିଁ, ଦଳୀୟ ଭିତ୍ତିରେ ଦିଆଯାଉଛି, ମୋଟା ଅଙ୍କର ପିସି ରାଜନେତା ନେଉଥିବା ଚର୍ଚ୍ଚା ଗାଁ ଗାଁରେ।ଗରିବ ହିତାଧିକାରୀ ଆଜି ବି କୁଡିଆରେ ରହୁଥିବା ବେଳେ କିଛି ନେତାଙ୍କ କୋଠା ଘର ଉଠିଛି, ଆଗରେ ଦାମୀ ଚାରି ଚକିଆ ଗାଡି। ରାସ୍ତା, ପାନୀୟ ଜଳ, ପେନସନ ଯୋଜନାରେ ବି ସମାନ ଅନିୟମିତତା ଦେଖିବାକୁ ମିଳୁଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି।

ଏହି ଅସନ୍ତୋଷକୁ ପୁଞ୍ଜି କରି ପୂର୍ବତନ ବିଧାୟକ ଗୋଷ୍ଠୀ ପ୍ରତି ପଞ୍ଚାୟତରେ ବନ୍ଧୁ ମିଳନ ବୈଠକ ଆୟୋଜନ କରୁଛି। ଉପରକୁ ନାଁ ବନ୍ଧୁ ମିଳନ, ଭିତରେ ବର୍ତ୍ତମାନର ସରପଞ୍ଚ ଓ ସମିତି ସଭ୍ୟ, ବ୍ଲକ ନେତୃତ୍ୱ ଙ୍କ ଦୁର୍ନୀତିର ପୋଲ ଖୋଲାଯାଉଛି। ବୈଠକରେ କୁହାଯାଉଛି - ପଞ୍ଚାୟତକୁ ଲୁଟି ଖାଇଥିବା ନେତାଙ୍କୁ ହଟାଅ, ଏଥର ପରିବର୍ତ୍ତନ କର। ଏହା ସିଧା ନିଜ ଦଳ ବିରୋଧରେ ବିଦ୍ରୋହ ବୋଲି ଚର୍ଚ୍ଚା। ପୁରୁଣା କର୍ମୀଙ୍କୁ ଏକାଠି କରି ନିଜ ଶକ୍ତି ପ୍ରଦର୍ଶନ କରିବାକୁ ଏହା ଏକ ରଣନୀତି ବୋଲି ରାଜନୈତିକ ମହଲରେ କୁହାଯାଉଛି।

ଅନ୍ୟ ପଟେ ବର୍ତ୍ତମାନର ଗୋଷ୍ଠୀ ଏହାର ପାଲଟା ଜବାବ ଦେବାକୁ ଗାଁ ଗାଁରେ ମିଶ୍ରଣ ପର୍ବ ଆରମ୍ଭ କରିଛି। ହେଲେ ଏହି ମିଶ୍ରଣ ପର୍ବକୁ ନେଇ ବିରୋଧୀ ଶିବିରରେ ଓ ନିଜ ଦଳ ଭିତରେ ପ୍ରବଳ ଚର୍ଚ୍ଚା। ଅଭିଯୋଗ ହେଉଛି - ବିଜେଡି ଓ କଂଗ୍ରେସରୁ କେହି ଆସୁନାହାନ୍ତି, ବରଂ ନିଜ ଦଳର ପୁରୁଣା କର୍ମୀଙ୍କୁ ବିଜେପି ଟୋପି ପିନ୍ଧାଇ ପୁଣି ବିଜେପିରେ ମିଶାଇବାର ନାଟକ ଚାଲିଛି। ମଞ୍ଚରେ ଫୁଲମାଳ ପକାଇ ଫଟୋ ଉଠାଇ ଭିଡ ଦେଖାଯାଉଛି। ଏହି କୌଶଳ ଓଲଟା ପଡିଛି। ପୁରାତନ କର୍ମୀ କହୁଛନ୍ତି - ଆମେ ଦଳ ପାଇଁ ଦୀର୍ଘ ବର୍ଷ ଧରି ଝଣ୍ଡା ବୋହିଲୁ, ପରିଶ୍ରମ କଲୁ, ଏବେ ଆମକୁ ଅଣଦେଖା କରାଯାଉଛି। ବାହାରୁ ଆସିଥିବା ଲୋକଙ୍କୁ ନେତା କରାଯାଉଛି ଯାହା ଗ୍ରହଣୀୟ ନୁହେଁ। କେନ୍ଦ୍ରାପଟି, ଆଳିସାହି, ଅସ୍ତରଙ୍ଗ ବଜାର ଅଞ୍ଚଳରେ ଏହାକୁ ନେଇ ଖୋଲା ଚର୍ଚ୍ଚା ଚାଲିଛି। ଜନତା କହୁଛନ୍ତି - ଯେଉଁ ଦଳ ନିଜ ଭିତରେ ଏକ ନୁହେଁ, ସେ ଆମ ସମସ୍ୟା କିପରି ବୁଝିବ। କେବଳ କ୍ଷମତା ଓ ପଦବୀ ଲୋଭ। ୨୦୨୨ରେ ପରିବର୍ତ୍ତନ ପାଇଁ ଭୋଟ ଦେଲୁ, ହେଲେ ସ୍ଥିତି ସମାନ। ଯେଉଁ ସରପଞ୍ଚ ସାଇକେଲରେ ବୁଲୁଥିଲେ, ସେ ଏବେ ଦାମୀ ଗାଡିରେ। ଏହି ଗୋଷ୍ଠୀ କନ୍ଦଳର ପୂରା ଫାଇଦା ନେବାକୁ ବିଜେଡି ଓ କଂଗ୍ରେସ ଜଗି ବସିଛନ୍ତି। ଯଦି ଶୀର୍ଷ ନେତୃତ୍ୱ ତୁରନ୍ତ ହସ୍ତକ୍ଷେପ ନ କରେ, ତେବେ ୨୦୨୭ ପଞ୍ଚାୟତରେ ଅସ୍ତରଙ୍ଗରେ ପଦ୍ମ ମଉଳିବା ନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି।

**ବନ୍ଧୁମିଳନ ଜରିଆରେ ଶକ୍ତି ପ୍ରଦର୍ଶନ**

**ବଦଳିବ କି ପଞ୍ଚାୟତ ସମିତି ସିଂହାସନ**

# ବିରଳ ରକ୍ତ ଦେଇ ଶିଶୁର ଜୀବନ ବଞ୍ଚାଇବାକୁ ଆଗେଇ ଆସିଲେ କୃଷ୍ଣ ମାଝୀ

**ମାନବିକତାର ନିଆରା ପରିଚୟ ଦେଲା ଜନତା ଜାଗରଣ ମଞ୍ଚ**



**କୋରାପୁଟ,୧୧।୯ (ସଂଚାର ବ୍ୟୁରୋ):** ରକ୍ତର ସମ୍ପର୍କ ନଥିଲେ ମଧ୍ୟ ରକ୍ତଦାନ ମାଧ୍ୟମରେ ଜଣେ ଶିଶୁର ଜୀବନ ପାଇଁ ଆଶାର କିରଣ ସାଜିଛନ୍ତି ଜଣେ ଯୁବକ। ବିରଳ "ବି ନେଗେଟିଭ" ରକ୍ତଗ୍ରୁପ୍ ଆବଶ୍ୟକ ଥିବା ଖବର ପାଇବା ପରେ ମହାଦେଇପୁଟ ଅଞ୍ଚଳର କୃଷ୍ଣ ମାଝୀ ଆଗେଇ ଆସି ରକ୍ତଦାନ କରିଛନ୍ତି। ସୂଚନା ଅନୁସାରେ, କୋରାପୁଟ ପୌରାଞ୍ଚଳର କୋଲାବ ନଗରର ଦୁର୍ଯ୍ୟ ଟାକିରିଙ୍କ ଶିଶୁ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିବାବେଳେ ତାଙ୍କ ପାଇଁ ବି ନେଗେଟିଭ ରକ୍ତର ଜରୁରୀ ଆବଶ୍ୟକତା ଦେଖାଦେଇଥିଲା। ବିରଳ ରକ୍ତଗ୍ରୁପ୍ ହୋଇଥିବାରୁ ରକ୍ତ ଯୋଗାଡ଼ କରିବା ପରିବାର ପାଇଁ ଚିନ୍ତାର ବିଷୟ ପାଲଟିଥିଲା। ଏହି ସମୟରେ ଖବର ପାଇ କୃଷ୍ଣ ମାଝୀ କୌଣସି ବିଳମ୍ବ ନକରି ରକ୍ତଦାନ ପାଇଁ ଆଗେଇ ଆସିଥିଲେ। ତାଙ୍କ ରକ୍ତଦାନ ଫଳରେ ଶିଶୁଟିକୁ ଆବଶ୍ୟକ ରକ୍ତ ଯୋଗାଇବା ସମ୍ଭବ ହୋଇଥିଲା।

ଏହି ମାନବିକ କାର୍ଯ୍ୟକୁ ସଫଳ କରିବାରେ ଜନତା ଜାଗରଣ ମଞ୍ଚର ସଭାପତି ପ୍ରଦୀପ ପାଣ୍ଡେ ଓ ସମ୍ପାଦକଙ୍କ ପ୍ରବୀଣ ବେହେରାଙ୍କର ସହଯୋଗ ମଧ୍ୟ ରହିଥିଲା। ସମସ୍ତଙ୍କ ସମନ୍ୱିତ ପ୍ରୟାସରେ ଜଣେ ଅସହାୟ ପରିବାରକୁ ଏହି କଠିନ ସମୟରେ ସହାୟତାର ହାତ ମିଳିଛି।ରକ୍ତଦାନ କେବଳ ଏକ ସାମାଜିକ କାର୍ଯ୍ୟ ନୁହେଁ, ଏହା ଜଣେ ମଣିଷକୁ ନୂଆ ଜୀବନ ଦେବାର ଏକ ମହତ୍ ଉଦ୍ୟମ। କୃଷ୍ଣ ମାଝୀଙ୍କ ଏହି ପଦକ୍ଷେପ ସମାଜ ପାଇଁ ଏକ ସୁନ୍ଦର ବାର୍ତ୍ତା ଦେଇଛି। ଉର୍ଦ୍ଧରେ ଶ୍ରୀ ମାଝୀ କେବଳ ମେଡିକାଲ କ୍ଷେତ୍ରରେ ନାହିଁ ଶିକ୍ଷା କ୍ଷେତ୍ରରେ ମଧ୍ୟ ଜନତା ଜାଗରଣ ମଞ୍ଚର ଅନେକ ଅତୁଳନୀୟ ଅବଦାନ ରହିଥିବାରୁ ଜନତା ଜାଗରଣ ମଞ୍ଚକୁ ଧନ୍ୟବାଦ୍ ଜଣାଇଛନ୍ତି।

## ବିଶ୍ୱସଂସ୍କୃତ ଦିବସ ପାଳିତ

**ବାଲିଆପାଳ,୧୧।୯ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ହସିମପୁର ଗ୍ରାମର ଉଦୟ ନାରାୟଣ ଉଚ୍ଚ ବିଦ୍ୟାଳୟ ରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଛି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରାଜରୋଶନ ବାଗଙ୍କ ଅଧକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ମୁଖ୍ୟ ବକ୍ତା ଭାବରେ ପଣ୍ଡିତ ବିଜୟ କୁମାର ପାଠୀ ଏବଂ ମୁରଲୀ ମୋହନ ସାହୁ ମୁଖ୍ୟ ଅତିଥି ରାଜେନ୍ଦ୍ର ରାଉତ, ସମ୍ମାନିତ ଅତିଥି ସତ୍ୟବାଦୀ ପଣ୍ଡା, ବରଣ୍ୟ ଅତିଥି ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ସଂସ୍କୃତ ଦିବସ ର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ଏହି ଅବସରରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ବକ୍ତୃତା, ସଂଗୀତ, ଗୀତବୃତ୍ତି, ସଂସ୍କୃତ ପ୍ରବନ୍ଧ, ରାମାୟଣ ଓ ମହାଭାରତ କୁ ଆଧାର କରି ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ଦେବାଶିଷ ଜେନା, କାହ୍ନୁଚରଣ ହାଁସଦା, କଳ୍ପନା ମାଝୀ, ସ୍ୱଗତିକା ସେଠି, ସଞ୍ଜୟ ଦଳାଇ, ନୃସିଂହନାଥ ରାଉତ, ଓ ସନ୍ତୋଷ କୁମାର ଦାସ ସହଯୋଗ କରିଥିଲେ ଏହି ସଭା ରେ ବିଦ୍ୟାଳୟ ର ସ୍ୱର୍ଣ୍ଣ ପଦକ ପ୍ରାପ୍ତ ଶିକ୍ଷକ ପଣ୍ଡିତ ଅକ୍ଷୟ କୁମାର ପଣ୍ଡା ସଭା ପରିଚାଳନା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ ।




## ପଶୁ ଚିକିତ୍ସାଳୟ ପୁନରୁଦ୍ଧାର ଦାବି

### ମନ୍ତ୍ରୀଙ୍କୁ ଭେଟିଲେ ସ୍ଥାନୀୟ ଲୋକେ



**ଛତ୍ରପୁର,୧୧।୯ (ସଂଚାର ବ୍ୟୁରୋ):** ହୁମ୍ମା ଶୁଖୁଆ ବଜାର ପରିଦର୍ଶନ ସମୟରେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଭେଟି ହୁମ୍ମା ପଶୁ ଚିକିତ୍ସାଳୟର ପୁନରୁଦ୍ଧାର ଓ କର୍ମଚାରୀଙ୍କ ପାଇଁ ବାସଗୃହ ନିର୍ମାଣ ଦାବି ଜଣାଇଛନ୍ତି ସ୍ଥାନୀୟ ପ୍ରତିନିଧି ଦଳ । ହୁମ୍ମା, ଖଣ୍ଡଦେଉଳି, ମଲାଡ଼ ଓ ଝାରେଡ଼ି ରାଧାଗୋବିନ୍ଦପୁର ସମେତ ବିଭିନ୍ନ ଅଞ୍ଚଳର ଲୋକେ ଏହି ଦାବି ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଦୀର୍ଘଦିନ ଧରି ଚିକିତ୍ସାଳୟର ମରାମତି ହୋଇନଥିବାରୁ ଏହାର ବିଭିନ୍ନ ଘର ଜରାଜୀର୍ଣ୍ଣ ହୋଇପଡ଼ିଛି। ତୁରନ୍ତ ମରାମତି ଓ ପୁନରୁଦ୍ଧାର ନକଲେ ଆଗାମୀ ଦିନରେ ସମସ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି। ଅନ୍ୟପକ୍ଷରେ, ଚିକିତ୍ସାଳୟ କର୍ମଚାରୀଙ୍କ ପାଇଁ ବାସଗୃହ ନଥିବାରୁ ରାତି ସମୟରେ ଜରୁରୀ ପଶୁ ଚିକିତ୍ସା ସେବା ପାଇବାରେ ପଶୁପାଳକମାନେ ଅସୁବିଧାରେ ପଡୁଥିବା ଅଭିଯୋଗ ହୋଇଛି।

ସମିତି ସଭ୍ୟ ଧ୍ରୁବ ଚରଣ ପଲାଇଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଭେଟି ଚିକିତ୍ସାଳୟର ମରାମତି ସହ କର୍ମଚାରୀଙ୍କ ପାଇଁ ବାସଗୃହ ନିର୍ମାଣ ଦାବି କରିଥିଲେ। ଏହା ହେଲେ ଅଞ୍ଚଳର ପଶୁପାଳକମାନେ ଆବଶ୍ୟକ ସମୟରେ ଉନ୍ନତ ଚିକିତ୍ସା ସେବା ପାଇପାରିବେ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ଙ୍କ, ଉପଜିଲ୍ଲାପାଳ ଶିବାଶିଷ ବରାଳ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ଯୋଡ଼ା ବ୍ରାହ୍ମଣ ସମାଜର ମାସିକ ବୈଠକ



**ନୂତନ କାର୍ଯ୍ୟକାରୀ କମିଟି ଗଠିତ**

**ଏକତା ଓ ସଂଗଠନ ସୁଦୃଢ଼ କରିବା ସହ ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ**

**ଯୋଡ଼ା,୧୧।୯ (ସଂଚାର ବ୍ୟୁରୋ):** ଯୋଡ଼ା ଇଷ୍ଟ ଟାଟା କଲୋନୀସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଯୋଡ଼ା ବ୍ରାହ୍ମଣ ସମାଜର ମାସିକ ବୈଠକ ଗୁରୁବାର ସନ୍ଧ୍ୟା ୭ଟାରୁ ରାତି ୧୦ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମାଜର ଏକତା, ସଂଗଠନ, କଲ୍ୟାଣ ଓ ଆଗାମୀ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଠକରେ ସମାଜର କାର୍ଯ୍ୟକଳାପକୁ ସୁଚାରୁ ଭାବେ ପରିଚାଳନା ପାଇଁ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସ୍ମୃତି ରଞ୍ଜନ ଦାଶ, ଉପସଭାପତି ଭାବେ ପ୍ରମୋଦ କୁମାର ପତି, ସମ୍ପାଦକ ଭାବେ ବିଶ୍ୱଜିତ ଦୀକ୍ଷିତ, ସହସମ୍ପାଦକ ଭାବେ ଭୁବନ ମୋହନ ରଥ ଏବଂ କୋଷାଧ୍ୟକ୍ଷ ଭାବେ ରାଜେଶ କୁମାର କରଙ୍କୁ ଚୟନ କରାଯାଇଥିଲା।

ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଡ. ପଲ୍ଲବ ଗୁଞ୍ଜନ ଶତପଥୀ, ଶାରଦା ପ୍ରସାଦ ଆଚାର୍ଯ୍ୟ, ଗୋକୁଳାନନ୍ଦ ଦାସ, ଶ୍ରଦ୍ଧାର୍ଥ ପତି, ରବୀନ୍ଦ୍ର କୁମାର ପଢ଼ି ଓ ନିରଞ୍ଜନ ପଣ୍ଡାଙ୍କୁ ଚୟନ କରାଯାଇଥିଲା।

ବୈଠକରେ ଯୋଡ଼ା ଅଞ୍ଚଳରେ ବସବାସ କରୁଥିବା ସମସ୍ତ ବ୍ରାହ୍ମଣ ପରିବାରକୁ ଏକତ୍ରିତ କରି ସମାଜର ଏକତା ଓ ସଂଗଠନକୁ ଅଧିକ ସୁଦୃଢ଼ କରିବା ଉପରେ ମତ ପ୍ରକାଶ ପାଇଥିଲା। ଏଥିସହ ସମାଜର କଲ୍ୟାଣ, ପରସ୍ପର ସହଯୋଗ, ସାମାଜିକ ଦାୟିତ୍ୱ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ନେବା ନେଇ ଆଲୋଚନା ହୋଇଥିଲା।

ଏହି ଅବସରରେ ସମାଜର ବରିଷ୍ଠ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଓ ଯୁବବର୍ଗ ଯୋଗଦେଇ ନିଜ ନିଜର ମୂଲ୍ୟବାନ ମତାମତ ଓ ପରାମର୍ଶ ରଖିଥିଲେ। ବୈଠକ ଶେଷରେ "ଏକତା ହିଁ ଆମ ଶକ୍ତି" ବାର୍ତ୍ତା ସହ ସମାଜକୁ ଏକଜୁଟ କରି ଆଗକୁ ବଢ଼ାଇବା ଏବଂ ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ସଦସ୍ୟମାନେ ସଂକଳ୍ପ ନେଇଥିଲେ।

## ଶିଆଳିରେ ପହଞ୍ଚିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଦାମଙ୍କୁ ବାଡେଇ ଭାଙ୍ଗିଲେ, ବିଜୁଙ୍କୁ କାଟିନେଲେ**



**ପାରାଦ୍ୱୀପ,୧୧।୯ (ସଂଚାର ବ୍ୟୁରୋ):** ଗୋଟିଏ ପରେ ଗୋଟିଏ ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ନେଇ ବିବାଦ। ଗତ କିଛି ମାସ ତଳେ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ପରେ ଏବେ ଶିଆଳି ବେଳାଭୂମି ନିକଟରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି କାଟି ନେଇଯିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଶିଆଳି ବେଳାଭୂମି ନିକଟରେ ଘଟିଥିବା ଏହି ଘଟଣାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଘଟଣାର ଗୁରୁତ୍ୱକୁ ନେଇ ବିଜେଡି ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶିଆଳିରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଛି।

ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ବିଜେଡିର ବରିଷ୍ଠ ନେତା ଚିରଞ୍ଜିବୀ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବିଧାୟକ ସାରଦା ପ୍ରସନ୍ନ ଜେନା, ପାରାଦ୍ୱୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ରାଜଶ୍ରୀ ମଲ୍ଲିକ, ଲୋରା ମହାପାତ୍ର,ବିଜେଡି ନେତା ବାପି ସାର୍କେଲଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଜେଡି ନେତାମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ନେଇ ବାରମ୍ବାର ଏଭଳି ଘଟଣା ଘଟିବାକୁ ନେଇ ନେତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

## ମୀନାକ୍ଷୀ କୋଇଲା ଖଣି ପାଇଁ ଜନଶୁଣାଣି ମିଳିଲା ପ୍ରବଳ ଜନସମର୍ଥନ



**ସୁନ୍ଦରଗଡ଼,୧୧।୯ (ସଂଚାର ବ୍ୟୁରୋ):** ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧୀନରେ ମେସର୍ସ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ପ୍ରସ୍ତାବିତ ମୀନାକ୍ଷୀ କୋଇଲା ଖଣି ପାଇଁ ଏକ ଜନ ଶୁଣାଣି ଶୁକ୍ରବାର ଦିନ ହେମଗିର ବ୍ଲକର କିରିପସିରା ଗ୍ରାମରେ ଅନୁଷ୍ଠିତ ହୋଇଥିଲା, ଯାହାକୁ ସ୍ଥାନୀୟ ଗ୍ରାମବାସୀ, ପଞ୍ଚାୟତିରାଜ ବିଭାଗର ପ୍ରତିନିଧି ଏବଂ ଅଞ୍ଚଳବାସୀଙ୍କ ଠାରୁ ଦୃଢ଼ ସମର୍ଥନ ମିଳିଥିଲା। ଅଂଶଗ୍ରହଣକାରୀମାନେ ଆଶା ପ୍ରକାଶ କରିଥିଲେ ଯେ ଏହି ପ୍ରକଳ୍ପ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଆଣିବ।

ସୁନ୍ଦରଗଡ଼ର ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଝାରସୁଗୁଡ଼ାର ଓଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ ଇଞ୍ଜିନିୟର ହିରଣ୍ୟ କୁମାର ନାୟକ, ଅନ୍ୟାନ୍ୟ ସରକାରୀ ଅଧିକାରୀ ଏବଂ ପଞ୍ଚାୟତିରାଜ ସଦସ୍ୟଙ୍କ ଉପସ୍ଥିତିରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ଲୋକଙ୍କ ସକ୍ରିୟ ଅଂଶ ଗ୍ରହଣ ସହିତ ଶୁଣାଣି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଏବଂ ଶୃଙ୍ଖଳିତ ଭାବରେ ହୋଇଥିଲା।

# ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳିତ




**ନୀଳଗିରି,୧୧।୯ (ସଂଚାର ବ୍ୟୁରୋ):** ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ-୨୦୨୬ ଅବସରରେ ପ୍ରୟୋଗାତ୍ମକ ମନୋବିଜ୍ଞାନ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଆତ୍ମହତ୍ୟା ନିବାରଣ କ୍ଷେତ୍ରରେ ସଞ୍ଚାର, ସହାନୁଭୂତି ଓ ସାମୂହିକ ଦାୟିତ୍ୱବୋଧର ବାର୍ତ୍ତାକୁ କେନ୍ଦ୍ର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଖୋଲା ଆଲୋଚନା, ପ୍ରାରମ୍ଭିକ ସହାୟତା ଓ ସମୟୋପଯୋଗୀପରାମର୍ଶର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା।

କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ମାନସିକ ସୁସ୍ଥତା ସାମଗ୍ରିକ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଏଭଳି ପରିବେଶ ସୃଷ୍ଟି କରିବା ଉଚିତ, ଯେଉଁଠାରେ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜକୁ ଶୁଣାଯାଉଥିବା, ସମ୍ମାନିତ ଓ ସହଯୋଗ ପ୍ରାପ୍ତ ଅନୁଭବ କରିବେ। ଏଥିସହ ସମାଜ କ୍ଷେତ୍ରରେ ନିଜର ମତାମତ ପ୍ରକାଶର ଦକ୍ଷତା, ଆଶା ଓ ମାନବୀୟ ସମ୍ପର୍କ ଜୀବନ ରକ୍ଷା କରିପାରେ ବୋଲି ସେ ଉଲ୍ଲେଖ କରିଥିଲେ।

ମୁଖ୍ୟବକ୍ତା ଭାବେ କଲିକତା ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଦୀପଶିଖା ରାୟ ଯୋଗଦେଇ, ଆତ୍ମହତ୍ୟାର ସତର୍କ ସଙ୍କେତକୁ ଚିହ୍ନଟ କରିବା, ମାନସିକ ସ୍ୱାସ୍ଥ୍ୟକୁ ନେଇ ଥିବା ସଙ୍କୋଚ ଦୂର କରିବା ଓ ସମୟୋଚିତ ମନସ୍ତାତ୍ତ୍ୱିକ ସହାୟତା ମାଧ୍ୟମରେ ମାନସିକ ଦୃଢ଼ତା ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

ମୁଖ୍ୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ କହିଥିଲେ ଯେ, ଆତ୍ମହତ୍ୟା ନିବାରଣ କେବଳ ବ୍ୟକ୍ତିଗତ ନୁହେଁ, ବରଂ ସମସ୍ତଙ୍କର ସାମୂହିକ ଦାୟିତ୍ୱ। ସହାନୁଭୂତି, ମନୋଯୋଗ ସହ ଶୁଣିବାର ମନୋଭାବ ଓ ସହଯୋଗପୂର୍ଣ୍ଣ ଶିକ୍ଷା ପରିବେଶ ଏଥିପାଇଁ ଅତ୍ୟନ୍ତ ଜରୁରୀ। ସେ ଛାତ୍ରଛାତ୍ରୀଙ୍କୁ ବିନା ଦ୍ୱିଧାରେ ସହାୟତା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ।

ବିଭାଗର ସଂଯୋଜିକା ଡ଼କ୍ଟର ରାଜଶ୍ରୀ ଦତ୍ତ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଆୟୋଜନ ସମ୍ପାଦକ ତଥା ସହକାରୀ ଅଧ୍ୟାପକ ଶ୍ରୀ ଶଶାଙ୍କ ଶେଖର ଗଡ଼ନାୟକ ଦିବସ ପାଳନର ତାତ୍ପର୍ଯ୍ୟ ଓ ଯୁବପିଢ଼ି ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ଆଞ୍ଚଳିକ ବିକାଶ ଓ ଆଦର୍ଶ ଗ୍ରାମ ଯୋଜନାର ସମୀକ୍ଷା କଲେ ବିଧାୟକ



**ମାଲକାନଗିରି,୧୧।୯ (ସଂଚାର ବ୍ୟୁରୋ):** ମାଲକାନଗିରି ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ନିର୍ବାଚନମଣ୍ଡଳୀ ଉନ୍ନୟନ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ଏବଂ ଆଦର୍ଶ ଗ୍ରାମ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମାସିକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାସଭାରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଅଧ୍ୟକ୍ଷତା କରି ଆଞ୍ଚଳିକ ବିକାଶମୂଳକ କାର୍ଯ୍ୟାବଳୀର ତଦାରଖ କରିଥିଲେ।

ଉକ୍ତ ଆଲୋଚନାରେ ବିଶେଷ ଭାବେ ବିଧାୟକ ନିର୍ବାଚନ ମଣ୍ଡଳୀ ଉନ୍ନୟନ ପାଣ୍ଠି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଏବଂ ପ୍ରସ୍ତାବିତ ଆଦର୍ଶ ଗ୍ରାମ ନିର୍ମାଣ ଅଧୀନରେ ଥିବା ବିଭିନ୍ନ ଯୋଜନାର ସାମ୍ପ୍ରତିକ ସ୍ଥିତି, କାର୍ଯ୍ୟକାରିତାର ସଫଳତା, ଅସମାପ୍ତ ନିର୍ମାଣସମୂହ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚାରୁ ରୂପେ ପର୍ଯ୍ୟାଲୋଚନା କରାଯାଇଥିଲା।

ବିଧାୟକ ଶ୍ରୀ ମାଡ଼କାମୀଙ୍କ ଦ୍ୱାରା ଚିହ୍ନଟ ଆଦର୍ଶ ଗ୍ରାମଗୁଡ଼ିକର ନକ୍ସା ଏବଂ ନିର୍ଦ୍ଧାରିତ ପ୍ରକଳ୍ପଗୁଡ଼ିକ ସମ୍ବନ୍ଧରେ ସମ୍ପୃକ୍ତ ପ୍ରଶାସନିକ କର୍ମଚାରୀମାନେ ବିଶଦ ସୂଚନା ପ୍ରଦାନ କରିଥିଲେ। ଏହି ଗ୍ରାମସମୂହରେ ଅପରିହାର୍ଯ୍ୟ ଭିତ୍ତିଭୂମି, ମୌଳିକ ସେବା ପ୍ରଦାନ ଓ ଅନ୍ୟାନ୍ୟ ପ୍ରଗତିଶୀଳ କାର୍ଯ୍ୟକୁ ସୁଚିନ୍ତିତ ମାର୍ଗରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଅନୁଦାନର ବ୍ୟବହାର ଓ ଏହା ଅଧୀନରେ ମଞ୍ଜୁରପ୍ରାପ୍ତ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଆବଣ୍ଟିତ ପାଣ୍ଠିର ନିର୍ମଳ ଓ ସ୍ୱଚ୍ଛ ଉପଯୋଗ ସହିତ ଜନସାଧାରଣଙ୍କ ସାମ୍ପ୍ରତିକ ଦାବିକୁ ଦୃଷ୍ଟିରେ ରଖି ନୂତନ ପ୍ରକଳ୍ପ ମନୋନୟନ ଓ ସଂପାଦନ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା।

ଉକ୍ତ ସମୀକ୍ଷା ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ହଳଧର ଶବର, ମାଲକାନଗିରି ପୌର ପରିଷଦର ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ପରମେଶ୍ୱର ରାଉତଙ୍କ ସମେତ ମାଲକାନଗିରି, ପୋଡ଼ିଆ, କାଲିମେଳା, ଚିତ୍ରକୋଣ୍ଡା ଓ କୋରୁକୋଣ୍ଡା ଅଞ୍ଚଳର ସମସ୍ତ ପଞ୍ଚାୟତ ସମିତି ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅସରାଏ ବର୍ଷା ହେଲେ ବଢ଼େ ଦୁର୍ଦ୍ଦଶା

**ରାସ୍ତା ମରାମତି ଦାବି**



**ବାଲିକୁଦା,୧୧।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତ ଅଧୀନ ବୁଦ୍ଧିସାହି ଠାରୁ ଅଚ୍ଯୁତପୁରକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘଦିନ ଧରି ଅବ୍ୟବସ୍ଥାରେ ପଡ଼ିରହିଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବା ବେଳେ ବର୍ଷା ହେଲେ ସେଥିରେ ପାଣି ଜମି ଯାତାୟାତ ଅଧିକ କଷ୍ଟକର ହୋଇପଡୁଛି। ଏହି ରାସ୍ତା ଉପରେ ବୁଦ୍ଧିସାହି, ଅଚ୍ଯୁତପୁର ସମେତ ଆଖପାଖ ଅଞ୍ଚଳର ଲୋକଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ପଲିଟେକନିକ କଲେଜକୁ ଯାତାୟାତ କରନ୍ତି।

ରାସ୍ତାର ଦୁରବସ୍ଥା ଯୋଗୁଁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଏଥିସହ ଚାଷୀମାନେ କୃଷି ସାମଗ୍ରୀ ନେବା ଓ ଉତ୍ପାଦିତ ଫସଲ ବଜାରକୁ ଆଣିବାରେ ମଧ୍ୟ ଅସୁବିଧା ଭୋଗୁଛନ୍ତି। ଜରୁରୀ ସମୟରେ ରୋଗୀଙ୍କୁ ଚିକିତ୍ସାଳୟ ନେବା ସହ ବୟସ୍କ, ମହିଳା ଓ ଛୋଟ ପିଲାଙ୍କ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି।

ଏନେଇ ପୂର୍ବରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ରାସ୍ତାର ଖାଲଖମା ପୂରଣ କରି ମରାମତି କରିବା ସହ ସ୍ଥାୟୀ ଉନ୍ନତୀକରଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ସଂଚାର SANCHAR ଶନିବାର ୧୨ ସେପ୍ଟେମ୍ବର ୨୦୨୬

# ସ୍ୱାସ୍ଥ୍ୟ



## ଟେଷ୍ଟୋଷ୍ଟେରୋନ୍ ସ୍ତର ବଜାୟ ରଖିବେ କିପରି ?

ଆମ ଶରୀର ଦ୍ୱାରା ସଂପନ୍ନ ଯୌନ କ୍ରିୟା, ଅସ୍ଥି ସ୍ୱାସ୍ଥ୍ୟ, ମାନସିକ ସ୍ଥିରତା, ମାଂସପେଶୀ ବୃଦ୍ଧି ଏବଂ ଲୋହିତ ରକ୍ତକଣିକା ସୃଷ୍ଟି ପରି ବହୁବିଧ କାର୍ଯ୍ୟ ପାଇଁ ଟେଷ୍ଟୋଷ୍ଟେରୋନ୍ ହରମୋନ୍ ସ୍ତର ସନ୍ତୁଳିତ ରହିବା ଦରକାର। ମାତ୍ର ତ୍ରୁଟିପୂର୍ଣ୍ଣ ଜୀବନଚର୍ଯ୍ୟା ଓ ଅସ୍ୱାସ୍ଥ୍ୟକର ଖାଦ୍ୟଶୈଳୀ ଆପଣେଇବା ଆଦି କାରଣରୁ ଏହି ସ୍ତର ବଜାୟ ରହିପାରେନାହିଁ। ସୁତରାଂ ଯେଉଁ ସବୁ କାର୍ଯ୍ୟରେ ଟେଷ୍ଟୋଷ୍ଟେରୋନ୍‌ର ଭୂମିକା ରହିଛି, ସେସବୁରେ ଅହେତୁକ ବ୍ୟତିକ୍ରମ ଦେଖାଦେବା ସହ ଜୀବନ ନିରସ ହୋଇପଡ଼େ। ତେଣୁ ଶରୀରର ଟେଷ୍ଟୋଷ୍ଟେରୋନ୍ ସ୍ତର ବଜାୟ ରଖିବା ପାଇଁ କିଛି ସହଜ ଉପାୟ ସମ୍ପର୍କରେ ଜାଣିବା। ଅତି ମାତ୍ରାରେ ପ୍ରକ୍ରିୟାକୃତ ଖାଦ୍ୟ, ଅଧିକ ଶର୍କରାଯୁକ୍ତ ଖାଦ୍ୟ, ସୋୟା, ଫ୍ଲାକ୍ସସିଡ୍, ମଦ୍ୟ, ମିଣ୍ଟ ପରି କିଛି ଖାଦ୍ୟ ଶରୀରର ଟେଷ୍ଟୋଷ୍ଟେରୋନ୍ ସ୍ତର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ସୁତରାଂ ସେହି ସବୁ ଖାଦ୍ୟର ଯଥାସମ୍ଭବ କମ୍ ବ୍ୟବହାର କରିବା ଉଚିତ। ନାନା ସ୍ୱାସ୍ଥ୍ୟ ସମସ୍ୟା ଆଣୁଥିବା ମୋଟାପଣ ବା ମେଦବହୁଳତାର ଟେଷ୍ଟୋଷ୍ଟେରୋନ୍ ସ୍ତର ହ୍ରାସ କରିଦେଇଥାଏ। ତେଣୁ ସ୍ୱାସ୍ଥ୍ୟପ୍ରଦ ଉପାୟରେ ଓଜନ କମାଇପାରିଲେ ଟେଷ୍ଟୋଷ୍ଟେରୋନ୍ ସ୍ତର ସ୍ୱାଭାବିକ ସ୍ତରକୁ ଆଣିହେବ। ଦୈନିକ ଆବଶ୍ୟକ ସମୟ ନିଦ୍ରା ନଗଲେ ଆମର ମନୋଭାବରେ ପରିବର୍ତ୍ତନ, ଓଜନବୃଦ୍ଧି, ଉଚ୍ଚ ରକ୍ତଚାପ ପରି ସମସ୍ୟା ଦେଖାଦେଇଥାଏ। ପରୋକ୍ଷରେ ଏହା ଟେଷ୍ଟୋଷ୍ଟେରୋନ୍ ସ୍ତରକୁ ମଧ୍ୟ ପ୍ରଭାବିତ କରିଥାଏ। ତେଣୁ ଯେତେ ବ୍ୟସ୍ତବହୁଳ ଜୀବନ କଟାଇଲେ ମଧ୍ୟ ଦୈନିକ ସାତରୁ ଆଠ ଘଣ୍ଟା ଗାଢ଼ ନିଦ୍ରା ଯିବା ଦରକାର। ରକ୍ତଶର୍କରା ଓ ଉଚ୍ଚ ରକ୍ତଚାପ ଅନିୟନ୍ତ୍ରିତ ହୋଇଗଲେ ଟେଷ୍ଟୋଷ୍ଟେରୋନ୍ ସ୍ତର କମିଯିବାର ଯଥେଷ୍ଟ ଆଶଙ୍କା ରହିଛି। ସେହିପରି ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତର ବଢ଼ିଗଲେ ମଧ୍ୟ ଅନୁରୂପ ଭାବେ ଟେଷ୍ଟୋଷ୍ଟେରୋନ୍ ସ୍ତର କମିଯାଏ। ତେଣୁ ତନ୍ତୁଯୁକ୍ତ ତଥା ସବୁଜ ପନିପରିବା ଓ ଫଳମୂଳ ପରି ସନ୍ତୁଳିତ ଖାଦ୍ୟ ଖାଇଲେ କୋଲେଷ୍ଟ୍ରଲ୍ ସ୍ତର କମିବା ସହ ଟେଷ୍ଟୋଷ୍ଟେରୋନ୍ ସ୍ତର ବଢ଼ିପାରିବ।



## ଘରେ ତିଆରି କରନ୍ତୁ ଅର୍ଗାନିକ୍ କାଜଲ

କଜଳ ତିଆରି ଏକ ପାରମ୍ପରିକ କଳା। ଆଗରୁ ଜେଜେମା, ଆଈମାନେ ନବଜାତକ ପାଇଁ ଅତି ଯତ୍ନରେ ଘରେ ଏହାକୁ ତିଆରି କରୁଥିଲେ। ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ। ତେବେ ବଜାର ତିଆରି କଜଳ ଲଗାଇବାରେ ଆମେ ଅଭ୍ୟସ୍ତ ହୋଇ ଏହାକୁ ଧୀରେ ଧୀରେ ପାସୋରି ଗଲୁଣି। ଆସନ୍ତୁ ଏଥର ଟିକେ ସମୟ ଦେଇ ଘରେ ଥିବା ସାମଗ୍ରୀରେ କଜଳ ତିଆରି କରି ବ୍ୟବହାର କରିବା। ଏଥିପାଇଁ ପ୍ରଥମେ କିଛି ଷ୍ଟେରିଲାଇଜ୍‌ଡ ତୁଳାକୁ ନେଇ ତାକୁ ହାତରେ ଭିଣି ପତଳା ସିଟ୍‌ଟିଏ ତିଆରି କରିବା। ପାଖାପାଖି ୪/୬ ଆଙ୍ଗୁଳି ଅନ୍ଦାଜରେ ତିଆରି କରି ପାପୁଲିରେ ରଖି ତା'ଉପରେ କିଛି ଜୁଆଣି ନେଇ ସିଧା ରଖି ତୁଳାକୁ ଦୁଇ ହାତରେ ବଳି ଗୋଟିଏ ଲମ୍ବା ବତିର ଆକାର ଦେବା। ଏପରି ଦୁଇଟି ବତି ତିଆରି କରିବା। ଏଥର ଗୋଟିଏ ସଫା ମାଟି ବା ପିତ୍ତଳ ଦୀପ ଆଣି ସେଥିରେ ଖାଣ୍ଟି ସୋରିଷ ତେଲ ବା ଯଦି ଚାହାନ୍ତି ଘର ତିଆରି ଗୁଆଘିଅରେ ଭର୍ତ୍ତି କରିବା। ଏଥର ପ୍ରଥମେ ପ୍ରସ୍ତୁତ କରିଥିବା ବତି ଦୁଇଟିକୁ ଏମିତି ରଖିବା ଯାହା ଫଳରେ ଚାରିଟି ଧାର ଦୀପର ଚାରିପଟକୁ ରହିବ। ଏଥର ଚାରିଟି ଆଲ୍‌ମଣ୍ଡ ନେଇ ତେଲ/ଘିଅରେ ବୁଡ଼େଇ ଦିଅନ୍ତୁ। ଦରକାର ପଡ଼ିଲେ ତେଲ ବା ଘିଅ ଭର୍ତ୍ତି କରନ୍ତୁ। ଏଥର ଦୀପଟିକୁ ଗୋଟିଏ ପାତ୍ର ଉପରେ ରଖନ୍ତୁ। ସେଇ ସମାନ ଉଚ୍ଚତାରେ ୩/୪ଟି ଗ୍ଲାସ୍ ବା ଯେକୌଣସି ପାତ୍ର ରଖନ୍ତୁ। ଏଥର ଦୀପଟିର ୪ଟି ବତିକୁ ଜଳାନ୍ତୁ ଏବଂ ଗୋଟିଏ ସଫା ଷ୍ଟିଲ୍/ପିତ୍ତଳ ଥାଳିରେ ଦୀପଟିକୁ ଢାଙ୍କି ଦିଅନ୍ତୁ। ଶିଖାର ନିଆଁ ଥାଳିରେ ବାଜି ଏଥିରେ କଜଳ ସଂଗ୍ରହ ହେବ। ପାଖାପାଖି ଅଧଘଣ୍ଟା ବା ଘଣ୍ଟାଏ ଭିତରେ ଦୀପର ତେଲ ସରି ଥାଳିରେ ଶୁଖିଲା କଜଳତକ ସଂଗ୍ରହ ହୋଇଥିବ। ଏହାକୁ ଗୋଟିଏ ସଫା କାଗଜରେ କୋରି ଦିଅନ୍ତୁ। ତା'ପରେ ଏକତ୍ର କରି ଛୋଟ କାଚ ବୋତଲରେ ପୂରେଇ ସେଥିରେ ଗୋଟେ ଭିଟାମିନ୍-ଇ କ୍ୟାପ୍‌ସୁଲ୍ ଓ ଗାଈଘିଅ ଆବଶ୍ୟକ ପରିମାଣରେ ମିଶେଇ ଭଲକରି ଘାଣ୍ଟି କାଜଲ୍ ପ୍ରସ୍ତୁତ କରନ୍ତୁ। ଏହା ଆଖିକୁ ଥଣ୍ଡା ରଖିବା ସହ ୱାଟରପ୍ରୁଫ୍ ମଧ୍ୟ ହୋଇଥାଏ।

## ଶୀତଦିନେ ମୋଜା ପିନ୍ଧି ଶୋଇବା ଶରୀର ପାଇଁ କ୍ଷତିକାରକ

ଶୀତଦିନ ଆସିବା ମାତ୍ରେ ଆମେ ଶୀତ ପୋଷାକ ଉପରେ ନିର୍ଭର କରିଥାଉ। ସ୍ୱେଟର, ମୋଜା, ମଫଲର ଇତ୍ୟାଦିର ବ୍ୟବହାର କରିଥାଉ। ଅନେକ ଲୋକ ଶୀତଦିନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ରାତିରେ ଉଲ୍ କପଡ଼ା ପିନ୍ଧି ହିଁ ଶୋଇ ଯାଆନ୍ତି। କିନ୍ତୁ ଏହା ଏକ ଖରାପ ଅଭ୍ୟାସ, ରାତିରେ ଉଲ୍ କପଡ଼ା ପିନ୍ଧି ଶୋଇଲେ ଶରୀରକୁ ଅନେକ କ୍ଷତି ପହଞ୍ଚିଥାଏ। ଯଦି ଆପଣ ସ୍ୱେଟର ପିନ୍ଧି ଶୋଇବାକୁ ଚାହୁଁଛନ୍ତି, ତ ପ୍ରଥମେ କଟନ ବସ୍ତ୍ର ପିନ୍ଧି ତା' ଉପରେ ସ୍ୱେଟର ପିନ୍ଧିପାରିବେ। କିଛି ଲୋକ ରାତିରେ ଥଣ୍ଡାରୁ ବଞ୍ଚିବା ପାଇଁ ମୋଜା ପିନ୍ଧି ଶୋଇଥାନ୍ତି। ଏହାଛଡା ମୋଜା ପିନ୍ଧିବା ଦ୍ୱାରା ଗୋଡ ପାଟିବା କମ୍ ହୋଇଥାଏ। ପାଦ ଗରମ ରହିଥାଏ। ଝାଳରୁ ଛୁଟକାରା ମିଳିଥାଏ। ହେଲେ ମୋଜା ପିନ୍ଧି ଶୋଇବା ଦ୍ୱାରା ଅନେକ କ୍ଷତି ମଧ୍ୟ ହୋଇଥାଏ। ଯଦି ଆପଣ ଏମିତି କରୁଛନ୍ତି, ତେବେ ତୁରନ୍ତ ଆପଣଙ୍କ ଅଭ୍ୟାସ ବଦଳାଇଦିଅନ୍ତୁ। ରାତିରେ ଶୋଇବା ସମୟରେ ଆପଣ ଯଦି ମୋଜା ପିନ୍ଧି ଶୋଉଛନ୍ତି, ତେବେ ଏହା ଆପଣଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଇବ। ତେବେ ଜାଣନ୍ତୁ କ'ଣ ପ୍ରଭାବ ପଡିବ। ଯଦି ଆପଣ ଅଧିକ ସମୟ ପର୍ଯ୍ୟନ୍ତ ମୋଜା ପିନ୍ଧୁଛନ୍ତି ତାହେଲେ ଏହାଦ୍ୱାରା ପାଦ ଷ୍ଟିଫ ହୋଇଯାଇଥାଏ ଏବଂ ପାଦ ଝିମଝିମ ହେବା ଭଳି ସମସ୍ୟା ଦେଖାଦେଇଥାଏ। ପାଦରୁ ଝାଳ ବାହାରିବା ସହିତ ଏହା ପାଦରେ ଫଙ୍ଗଲ ଇନଫେକ୍ସନ ଭଳି ସମସ୍ୟା ସୃଷ୍ଟି କରିଥାଏ। ଯାହାଦ୍ୱାରା ପାଦର ତ୍ୱଚା ଖରାପ ହୋଇଯାଇଥାଏ। ଟାଇଟ ମୋଜା ପିନ୍ଧିବାର ଅଭ୍ୟାସ ଆପଣଙ୍କୁ ଭ୍ୟାରିକୋଜ ଭେନସ(ପାଦର ଶିରାପ୍ରଶିରା ନୀଳ ପଡିଯିବା)ଭଳି ରୋଗର ଶିକାର ବନାଇଥାଏ। କେବଳ ସେତିକି ନୁହେଁ ଯଦି ଏହି ରୋଗ ଆପଣଙ୍କୁ ପୂର୍ବରୁ ଅଛି ତାହେଲେ ପରିସ୍ଥିତି ସଙ୍କଟାପର୍ଣ୍ଣ ହେବାର ଆଶଙ୍କା ରହିଥାଏ।

**ରକ୍ତ ସଞ୍ଚାଳନରେ ସମସ୍ୟା:** ଶୋଇବା ସମୟରେ ମୋଜା ପିନ୍ଧି ଶୋଇବା ଦ୍ୱାରା ରକ୍ତ ସଂଚାଳନରେ ସମସ୍ୟା ଆସିଥାଏ। ଶୋଇବା ସମୟରେ ଅଧିକ ଟାଇଟ ମୋଜା ପିନ୍ଧିବା ଦ୍ୱାରା ବ୍ଲଡ ଫ୍ଲୋ କମ୍ ହୋଇଯାଏ।

**ଓଭର ହିଟିଂ ସମସ୍ୟା:** ରାତିରେ ମୋଜା ପିନ୍ଧି ଶୋଇବା ଦ୍ୱାରା ବ୍ୟକ୍ତିକୁ ଓଭରଯିଟିଂ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଯାହାଦ୍ୱାରା ଶରୀରର ତାପମାତ୍ରା ହଠାତ୍ ବଢିଯିବା ସହିତ ବିଚଳିତ ଏବଂ ଅସହଜ ଅନୁଭବ ଲାଗିଥାଏ।

**ସ୍କିନ ଆଲର୍ଜି:** ଦିନଯାକ ମୋଜା ପିନ୍ଧି ବୁଲିବା ଯୋଗୁଁ ଧୂଳି ମଳି ଜମି ରହିଥାଏ। ଆଉ ଯଦି ରାତିରେ ମୋଜା ପିନ୍ଧି ଶୋଇବେ, ତେବେ ପାଦରେ ସଂକ୍ରମଣ ବଢ଼ିଯାଏ।

**ହୃଦୟ ପାଇଁ କ୍ଷତିକାରକ:** ଶୀତଦିନରେ ଟାଇଟ ମୋଜା ପିନ୍ଧିବା ଦ୍ୱାରା ପାଦର ଶିରା ଉପରେ ପ୍ରଭାବ ପଡିଥାଏ। ଯାହା ଦ୍ୱାରା ହୃଦୟରେ ରକ୍ତ ସଂଚାଳନ ହେବାରେ ସମସ୍ୟା ଆସିଥାଏ। ଏଥିଯୋଗୁଁ ହୃଦୟ ଉପରେ ପ୍ରଭାବ ପଡେ।



## ଅତ୍ୟଧିକ ବାଦାମ ଖାଉଥିଲେ ସାବଧାନ !



ଆପଣମାନେ ଜାଣିଥିବେ ସମସ୍ତେ ବାଦାମି ଖାଇବାକୁ ବହୁତ ପସନ୍ଦ କରନ୍ତି। ଏହା ଏତେ ସ୍ୱାଦିଷ୍ଟ ହେଇଥାଏ ଯେ ପିଲା, ଯୁବକ ଏବଂ ବୟସ୍କମାନେ ମଧ୍ୟ ଖାଇବା ପାଇଁ ଭାରି ଭଲ ପାଇଥାନ୍ତି। ବାଦାମକୁ ପୁଷ୍ଟିକର ଭଣ୍ଡାର ମଧ୍ୟ କୁହାଯାଏ। ବାଦାମ ସ୍ୱାଦିଷ୍ଟ ହେବା ସହ ଏହା ଶରୀର ପାଇଁ ମଧ୍ୟ ଲାଭଦାୟକ, କିନ୍ତୁ ଏହାର ଅତ୍ୟଧିକ ସେବନ ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିପାରେ। କିଛି ଲୋକ ବିଶ୍ୱାସ କରନ୍ତି ଯେ ଅତ୍ୟଧିକ ବାଦାମ ଖାଇବା ଦ୍ୱାରା ଲିଭର, ବ୍ଲଡ୍ ପ୍ରେସର ଏବଂ କ୍ୟାନ୍ସର ରୋଗର ଆଶଙ୍କା ବଢ଼ିପାରେ। ତେବେ ଆସନ୍ତୁ ଜାଣିବା ବିଶେଷଜ୍ଞମାନେ ଏ ବିଷୟରେ କ'ଣ କୁହନ୍ତି। ସୂଚନା ମୁତାବକ ଚିନାବାଦାମରେ ପ୍ରୋଟିନ୍, ଭିଟାମିନ୍, ଖଣିଜ ପଦାର୍ଥ ଭଳି ପୋଷକ ତତ୍ତ୍ୱ ମିଳିଥାଏ। କିନ୍ତୁ ଏହାର ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ ହୋଇପାରେ।

**ଲିଭର ପ୍ରଭାବିତ ହୋଇପାରେ:** ବାଦାମରେ ବିଭିନ୍ନ ପ୍ରକାରର ଫ୍ୟାଟ୍ ଥାଏ, ଯାହା ହାର୍ଟ ପାଇଁ ଭଲ, କିନ୍ତୁ ଅତ୍ୟଧିକ ସେବନ ଲିଭର ଏବଂ ହାର୍ଟକୁ କ୍ଷତି ପହଞ୍ଚାଇପାରେ। କାରଣ ଚିନାବାଦାମରେ ଅଧିକ ପରିମାଣର ଯୌଗିକ ପଦାର୍ଥ ଥାଏ। ଏପରି ପରିସ୍ଥିତିରେ, ଲିଭର୍ କ୍ୟାନ୍ସର ରୋଗର ଆଶଙ୍କା ବଢ଼ିପାରେ। ଏପରି ପରିସ୍ଥିତିରେ, ଆପଣ ଅଧିକ ପରିମାଣରେ ବାଦାମ ଖାଇବା ଉଚିତ୍ ନୁହେଁ।

**କ୍ୟାଲୋରୀ ବୃଦ୍ଧି ହେତୁ ଫ୍ୟାଟି ଲିଭର ସମସ୍ୟା ହୋଇପାରେ:** ବାଦାମରେ ଅଧିକ ପରିମାଣର କ୍ୟାଲୋରୀ ଥାଏ। ଏଗୁଡ଼ିକର ଅତ୍ୟଧିକ ସେବନ ଯୋଗୁଁ ଓଜନ ବୃଦ୍ଧି ହେବାର ଆଶଙ୍କା ରହିଛି। ଓଜନ ବୃଦ୍ଧି ଲିଭର ରୋଗର ଆଶଙ୍କା ବଢ଼ାଇଥାଏ। କାରଣ ବାଦାମରେ ଅଧିକ ପରିମାଣର ଫ୍ୟାଟ ଥାଏ ଏବଂ ଏହା ଲିଭରରେ ଜମା ହୋଇଯାଏ। ଏପରି ପରିସ୍ଥିତିରେ, ଫ୍ୟାଟି ଲିଭର ଏବଂ ଲିଭର ଫୁଲିବା ସମସ୍ୟା ବୃଦ୍ଧି ପାଏ।

**କିଡନି ଷ୍ଟୋନ ହେବାର ଆଶଙ୍କା:** ଯଦିଓ ବାଦାମ ଖାଇବା ଶରୀର ପାଇଁ ଭଲ ବୋଲି ବିବେଚନା କରାଯାଏ, କିନ୍ତୁ ବାଦାମରେ ଅକ୍ସାଲେଟର ପରିମାଣ ଅଧିକ ଥାଏ। ଯାହା କିଡନି ଷ୍ଟୋନ କରିବାରେ କାମ କରେ। ଏହି କାରଣରୁ, କିଡନି ଷ୍ଟୋନ ଯୋଗୁଁ ଲିଭର କ୍ଷତି ହେବାର ସମ୍ଭାବନା ରହିଛି।

ଆଲର୍ଜି ସମସ୍ୟା: ବାଦାମ ଗରମ ଏବଂ ଯଦି ଆପଣ ଅତ୍ୟଧିକ ବାଦାମ ସେବନ କରନ୍ତି ତେବେ ଏହା ଆଲର୍ଜି ସମସ୍ୟା ସୃଷ୍ଟି କରିପାରେ। ତେଣୁ, ବାଦାମି ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଯଦି ଆପଣ ବାଦାମ୍ ପସନ୍ଦ କରନ୍ତି, ତେବେ ଆପଣ ଦୈନିକ ୫୦ ଗ୍ରାମରୁ କମ୍ ସେବନ କରିବା ଉଚିତ। ଯେତେବେଳେ ଆପଣ ବାଦାମ ଖାଆନ୍ତି, ତାକୁ ଲୁଣ ବିନା ଖାଆନ୍ତୁ। କାରଣ ଏହାକୁ ଲୁଣ ସହିତ ଖାଇବା ଦ୍ୱାରା ହାର୍ଟ ଆଟାକର ଆଶଙ୍କା ବଢ଼ିପାରେ ଏବଂ ଲିଭରକୁ ମଧ୍ୟ କ୍ଷତି ପହଞ୍ଚାଇପାରେ। ସେଥିପାଇଁ ଏହି ସବୁ ସମସ୍ୟା ଥିଲେ ଆପଣ ବାଦାମ ସଠିକ ପରିମାଣରେ ଖାଇବା ଉଚିତ। ଯାହାଫଳରେ ଆପଣ ଫିଟ ଏବଂ ହେଲଦି ରହିବେ।

## ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବା ସହ ସ୍ମରଣ ଶକ୍ତି ବଢାଇଥାଏ ବିଟ୍



ଶୀତଦିନେ ସୁସ୍ଥ ରହିବା ପାଇଁ ଲୋକମାନେ ନିଜ ଡାଏଟରେ ପରିବର୍ତ୍ତନ ଆଣିଥାନ୍ତି। ଡାଏଟରେ ପରିବର୍ତ୍ତନ ଆଣିବା ସହ ବିଟ୍‌କୁ ସାମିଲ୍ କରିବା ଆବଶ୍ୟକ। ଆଣ୍ଟିଅକ୍ସିଡାଣ୍ଟରେ ଭରା ବିଟ୍ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିଥାଏ। ଅନେକ ଲୋକ ଏହାରା ଉପକାରିତା ବିଷୟରେ ଜାଣନ୍ତି ନାହିଁ। ବିଟ୍ ଜୁସ୍ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବା ସହ ସ୍ମରଣ ଶକ୍ତିକୁ ବଢାଇଥାଏ। ବିଟ୍ ଜୁସରେ ଆଣ୍ଟିଇନଫ୍ଲାମେଟୋରୀ ଗୁଣ ରହିଥାଏ। ଫାଇବରରେ ଭରା ବିଟ୍ ଜୁସ୍ ପାଚନ ତନ୍ତ୍ର ପାଇଁ ଖୁବ୍ ଉପକାରୀ। ଏପରିକି ଏହାକୁ ସୁପରଫୁଡ୍ ଭାବେ ମଧ୍ୟ ଗ୍ରହଣ କରାଯାଇଛି। ବିଟ୍ ଭିଟାମିନ୍, ଖଣିଜ ପଦାର୍ଥ ଓ ଆଣ୍ଟି-ଅକ୍ସିଡାଣ୍ଟରେ ଭରା, ଯାହାକୁ ଶୀତ ଋତୁରେ ଡାଏଟରେ ସାମିଲ୍ କରିବା ଖୁବ୍ ଲାଭଦାୟକ ହୋଇଥାଏ। ଏହି ଜୁସରେ ଆଣ୍ଟି-ଅକ୍ସିଡାଣ୍ଟ ସହ ଇଲୋକ୍ଟ୍ରୋଲାଇଟ୍ସ ପରି ତତ୍ତ୍ୱ ରହିଛି, ଯାହା ମସ୍ତିଷ୍କ ଓ ହୃଦୟକୁ ସୁସ୍ଥ ରଖିଥାଏ। ଫାଇବରରେ ଭରପୂର ବିଟ୍ ପାଚନତନ୍ତ୍ର ପାଇଁ ବେଶ୍ ଲାଭଦାୟକ। ଯେଉଁମାନଙ୍କର କଫ ସମସ୍ୟା ରହିଛି, ସେମାନେ ଡାଏଟ୍ରେ ବିଟ୍ ଜୁସ୍ ସାମିଲ୍ କରିବା ଉଚିତ୍। ଫଳରେ ମଳତ୍ୟାଗ ଜନିତ ସମସ୍ୟା ଦୂର ହୋଇପାରିବ। ସ୍ମରଣଶକ୍ତି ବଢ଼ାଏ ନିୟମିତ ବିଟ୍ ଜୁସ୍ ପିଇବା ଦ୍ୱାରା ସ୍ମରଣଶକ୍ତି ବଢିଥାଏ। ଏଥିରେ ଥିବା ନାଇଟ୍ରେଟ୍ ରକ୍ତବାହିକା ନଳୀକୁ ସଂପ୍ରସାରିତ କରି ମସ୍ତିଷ୍କକୁ ରକ୍ତ ପ୍ରବାହ ବଢାଇଥାଏ। ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି ବିଟ୍ ଜୁସ୍ ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରା। ସେହିପରି ପୋଷକ ତତ୍ତ୍ୱରେ ଭରା। ଏହି ଜୁସ୍ ପିଇବା ରୋଗ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ଫଳରେ ଅନେକ ରୋଗ ସଂକ୍ରମଣରୁ ରକ୍ଷା ମିଳିପାରିବ। ବିଟ୍ ଜୁସରେ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରହିଥାଏ, ଯାହା ଶରୀରର ଅନେକ ଗମ୍ଭୀର ସମସ୍ୟାକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏହି ଜୁସ୍ ପିଇବା ଦ୍ୱାରା ମୋଟାପଣ, ହୃଦ୍ଘାତ, ଯକୃତ ରୋଗ ପରି ଅନେକ ଘାତକ ରୋଗରୁ ରକ୍ଷା ମିଳିଥାଏ।

ଯୋଡ଼ାରେ ବାଲି ମାଫିଆଙ୍କ ରାଜ୍

# ଦିନରାତି ଚାଲିଛି ଚୋରା ବାଲି ଚାଲାଣ



**ଯୋଡ଼ା,୧୧।୯ (ସଂଚାର ବ୍ୟୁରୋ):** ଯୋଡ଼ା ବ୍ଲକ୍ ବାରିଆ ଥାନା ଅଧୀନ ନିଶ୍ଚିନ୍ତପୁର ଗାଁରେ ବେଆଇନ ବାଲି କାରବାରକୁ ନେଇ ଚିନ୍ତା ବଢ଼ିଛି । ମେର୍ହେଦା ନାଳରୁ ଦିନରାତି ବାଲି ଉତ୍ତୋଳନ କରାଯାଇ ଟ୍ରାକ୍ଟରରେ ଚାଲାଣ ହେଉଥିବା ଗାଁ ଲୋକ ଅଭିଯୋଗ କରିଛନ୍ତି। ଦୈନିକ ଶହଶହ ଟ୍ରିପ୍ ବାଲି ଚାଲାଣ ହେଉଥିବାରୁ ଅଞ୍ଚଳର ପରିବେଶ ଓ ରାସ୍ତାଘାଟ ଉପରେ ଏହାର ପ୍ରଭାବ ପଡୁଥିବା କୁହାଯାଇଛି। ଅଭିଯୋଗ ଅନୁସାରେ, ନାଳର ଚେକ୍ ଡ୍ୟାମ୍ ତଳୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯିବାରୁ ଚେକ୍ ଡ୍ୟାମ୍‌ଟି ଭୁଶୁଡ଼ି ପଡ଼ିଛି। ଏହା ସହ ନିଶ୍ଚିନ୍ତପୁର କମାଣ୍ଡ ରୋଡ୍‌ରେ ଥିବା ମେର୍ହେଦା ନାଳର ପୋଲ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ଥିବା ଗାଁ ଲୋକ କହିଛନ୍ତି। ଭାରୀ ଯାନରେ ଲଗାତାର ବାଲି ଚାଲାଣ ହେଉଥିବାରୁ ପୋଲର ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି । କେବଳ ନାଳରୁ ବାଲି ଉତ୍ତୋଳନ ନୁହେଁ, ଚାଲାଣ ପାଇଁ ନାଳ କଡ଼ରେ ଥିବା ଶହଶହ ଗଛ କାଟି ରାସ୍ତା ତିଆରି କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏହା ଫଳରେ ମେର୍ହେଦା ନାଳର ସ୍ୱାଭାବିକ ଗତିପଥ ପରିବର୍ତ୍ତନ ହେଉଛି। ଏଥିସହ ନାଳ ନିକଟବର୍ତ୍ତୀ ଧାନଜମି ମଧ୍ୟ କ୍ଷତିଗ୍ରସ୍ତ ହେବାରେ ଲାଗିଥିବା ଗାଁ ଲୋକଙ୍କ ଅଭିଯୋଗ । ବେଆଇନ ବାଲି କାରବାର ବନ୍ଦ କରିବାକୁ ଗ୍ରାମବାସୀ ଅନେକଥର ପୁଲିସ ଓ ଜିଲ୍ଲା ଲଘୁ ଖଣି ବିଭାଗର ଦ୍ୱାରସ୍ଥ ହୋଇଥିବା କହିଛନ୍ତି । ହେଲେ ଅଭିଯୋଗ ସତ୍ତ୍ୱେ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବାରୁ ଏବେ ଗାଁ ଲୋକ ଏକାଠି ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଉପରେ ତୁରନ୍ତ ରୋକ୍ ଲଗାଇବା ସହ ଏହି କାରବାରରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଧଳା ଜହର ବେପାରୀକୁ କାବୁ କରି ପୁଲିସକୁ ଜିମା ଦେଲେ ଗ୍ରାମବାସୀ

**ବାଲିଆପାଳ,୧୧।୯ (ସଂଚାର ବ୍ୟୁରୋ):** ବାଲିଆପାଳ ଅଞ୍ଚଳରେ ବଢ଼ିଚାଲିଛି ଧଳାଜହର ରାକେଟ ଟେରେ ପାଉନି ବାଲିଆପାଳ ପୋଲିସ। ଅତିଷ୍ଠ ହେଲେଣି ଗ୍ରାମବାସୀ।ଖୋଲୁମ ଖୋଲା ରାତି ଦିନ କିଛି ମାନୁନାହାନ୍ତି ବେପାରୀ।ଛକ ବଜାର, ଚା ଦୋକାନୀ କୋଉଠି ବାକି ନାହିଁ ଯୁବ ପୀଢ଼ି ପଥଭ୍ରଷ୍ଟ। ଦୀର୍ଘ ଦିନ ଧରି ବେତଗଡ଼ିଆ ପଞ୍ଚାୟତରେ ଥିବା ନାରାୟଣପୁର ଅଞ୍ଚଳରେ ଦିନକୁ ଏହି ଧଳା ଜହରର ସାମ୍ରାଜ୍ୟ ବିସ୍ତାର ହୋଉଥିବାରୁ



ଚିନ୍ତାରେ ଗ୍ରାମବାସୀ। ଶୁକ୍ରବାର ସକାଳେ ବାଇକରେ ସ୍ଥାନୀୟ ଯୁବକ ମାଧବ ଦାସ ନାରାୟଣପୁର ଗାଁ ଭିତର ଦେଇ ଧଳା ଜହର ନେଇଯାଉଥିବାର ସନ୍ଦେହ ବଢ଼ିଥିଲା।ଜନୈକ ଯୁବକ ଠାରୁ କିଛି ଛୋଟ ଛୋଟ ପୁଡିଆ, ମାଟି କଲକି, ଗଞ୍ଜେଇ ବାହାରିଥିଲା। ଗ୍ରାମବାସୀ ତାକୁ କାବୁ କରିବା ସହିତ ବାଲିଆପାଳ ପୁଲିସକୁ ଖବର ଦେଇଥିଲେ।ମାତ୍ର ବହୁ ବିଳମ୍ବରେ ପୋଲିସ ପହଞ୍ଚି ଯୁବକକୁ ଗିରଫ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି। ତେବେ ଗିରଫ ହୋଇଥିବା ବ୍ୟକ୍ତି ଜଣକ ବାଲିଆପାଳ ଖଗଡ଼ାପାଳ ବସ୍ତିରୁ ସଲିମ ଡାକ ନାମ (ସଲ) ଠାରୁ ନେଇ ବିକ୍ରି କରିଆସୁଛନ୍ତି ବୋଲି ସ୍ପଷ୍ଟ ଭାବେ କେମେରା ଆଗରେ କହିଛନ୍ତି। ତେବେ ଏବିଷୟରେ ବାଲିଆପାଳ ଏସଆଇ ଶୁଭସ୍ମିତା ପାଳ କହିଛନ୍ତି ସେ ପୁଡିଆରେ ଥିବା ପାଉଡର ମାତ୍ରା ଏକ ଗ୍ରାମରୁ କମ ତାଛଡା ତାର ରଙ୍ଗ ପାଉଁଶିଆ ହୋଇଥିବାରୁ ବ୍ରାଉନସୁଗର ସଠିକ ଭାବେ ଜଣାପଡୁନାହିଁ।

ନୂଆଁଖାଇ ପାଇଁ ଆଲୋକରେ ଝଲସିବ ଦେବୀଙ୍କ ମନ୍ଦିର

## ଦୁଇଟି ଗେଟ ନିର୍ମାଣ କରିବ ପୌର ପ୍ରଶାସନ

**ବଲାଙ୍ଗିର,୧୧।୯ (ସଂଚାର ବ୍ୟୁରୋ):** ବଲାଙ୍ଗିର ନୂଆଁଖାଇ ପାଇଁ ସହରସାରା ଭିଡ ଜମିଥିବା ବେଳେ ମନ୍ଦିର ଓ ରାସ୍ତାଘାଟ ଆଲୋକ ସଜ୍ଜାରେ ପ୍ରସ୍ତୁତି ଚାଲିଛି। ଏ ନେଇ ଦେବାଳୟ ସୁରକ୍ଷା କମିଟି ପୌର ପ୍ରଶାସନ ନିକଟରେ ବିଭିନ୍ନ ଦାବି ନେଇ ଦ୍ୱାରସ୍ଥ ହୋଇଥିଲା। ବଲାଙ୍ଗିର ୧୮୭୨ ମସିହାରେ ନୂତନ ଭାବେ ରାଜଧାନୀ ସ୍ଥାପନ ହୋଇଥିବା ବେଳେ ପୂର୍ବରୁ ବଳରାମ ଗଡ଼ ଭାବେ ମୁଖ୍ୟ ଭୂମିକା ନେଇଥିଲା। ପାଟଣାର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ଗଡ଼ର ଇଷ୍ଟଦେବୀ ଭାବେ ପୂଜା ପାଇ ଆସୁଛନ୍ତି। ୧୯୧୫ ମସିହାରେ ମାଁ ପାଟଣେଶ୍ୱରୀ ଦେବୀଙ୍କ



ସାନ ଭଉଣୀ ମାଁ ସମଲେଶ୍ୱରୀ ବି ପୂଜା ପାଉଛନ୍ତି ଏହି ଗଡ଼ରେ। ରାଜ ଶାସନ ହାତରୁ ଚାଲିଯାଇଥିବା ବେଳେ ସରକାରଙ୍କ ହାତରେ ଚାଲିଛି। ବଲାଙ୍ଗିର ସହର ସୌନ୍ଦର୍ଯ୍ୟକରଣ, ବିଭିନ୍ନ ଚିତ୍ର ଛବି ଓ ଐତିହ୍ୟ ସୁରକ୍ଷା ନିମନ୍ତେ ବଲାଙ୍ଗିର ମ୍ୟୁନିସିପାଲିଟି ବିଭିନ୍ନ ପ୍ରୟାସ କରି ଆଗକୁ ନେଇଛି। ଗଡର ଇଷ୍ଟଦେବୀ ଙ୍କୁ ସମ୍ମାନ ଦେଇ ମୁଖ୍ୟ ଏନ୍ଏଚ୍ ୨୬ ରେ ମାଁ ପାଟଣେଶ୍ୱରୀ ଓ ମା ସମଲେଶ୍ୱରୀଙ୍କ ନାମରେ ଦ୍ୱାର ନିର୍ମାଣ, ଯାହାକି ସମ୍ବଲପୁର କିମ୍ବା ଟିଟିଲାଗଡ଼ ରାସ୍ତାରେ ଗେଟ ନିର୍ମାଣ କରିବା ପାଇଁ ଦାବି ଏନ୍ଏଚ୍ ୫୭ ଯାହାକି ପାଟଣାଗଡ଼ ଦେଇ ରାସ୍ତା ନିର୍ମାଣ କରିବା ପାଇଁ ଦାବି ବଲାଙ୍ଗିର ମ୍ୟୁନିସିପାଲିଟି ସମ୍ମୁଖରେ ପୁରୁଣା ରାଜଭାଟି ମୁଖ୍ୟ ଗେଟ ଐତିହ୍ୟ ବହନ କରୁଥିବା ଏବେ ବିପଦ ସଂକୁଳ ଅବସ୍ଥାରେ ଏହି ଗେଟର ବଲାଙ୍ଗିର ଇତିହାସ ରେ ବେଶ ପରିଚୟ। ଏହାର ସୁରକ୍ଷା ନିମନ୍ତେ ମ୍ୟୁନିସିପାଲିଟି ସୌନ୍ଦର୍ଯ୍ୟକରଣ ଓ ମରାମତି କରିବା ପାଇଁ ଦାବି।

## ଚୋରୀ ଘଟଣାରେ ସଂପୃକ୍ତ ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ବୈଶିଙ୍ଗା,୧୧।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ଗୋବିନ୍ଦରାୟପୁର ବଜାରରେ ମହନ୍ତଙ୍କ ଜୁଲୁସ ଚାଲିଥିବା ବେଳେ ଘରୁ କରିଥିଲେ ଲୁଟ। ଏହି ଘଟଣାରେ ୨ଜଣ ଯୁବକଙ୍କୁ କୋର୍ଟ ଚାଲାଣ କଲା ପୁଲିସ। ସୂଚନା ମୁତାବକ ଗୋବିନ୍ଦରାୟପୁର ନିକଟସ୍ଥ ଡାହିବାଡ଼ି ଗ୍ରାମର ପପୁ ଖାଁ ନିଜର ପରିବାରର୍ଗଙ୍କୁ ଧରି ଜୁଲୁସକୁ ଯାଇଥିବା ବେଳେ କିଛି ଚୋର ତାଙ୍କର ସୁନା ଗହଣା ସହ ଚାଳିଶ ହଜାର ଟଙ୍କା ମଧ୍ୟ ଲୁଟି ନେଇଥିବା ନେଇ ସେ ବୈଶିଙ୍ଗା ଥାନାରେ ଅଭିଯୋଗ



କରିଥିଲେ। ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୈଶିଙ୍ଗା ପୁଲିସ ଗୁରୁବାର ସନ୍ଧ୍ୟା ସମୟରେ ଡାହିବାଡ଼ି ଗ୍ରାମରେ ଚଢାଉ କରିଥିଲେ। ଏହି ଘଟଣାରେ ଜଡ଼ିତ ଥିବା ଡାହିବାଡ଼ି ଗ୍ରାମର ସେଖ ଜୁମାରୁଦ୍ଦିନ (୨୦) ଏବଂ ସେଖ ସାହିଲ (୨୦)କୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ଦୁର୍ଘଟଣାରେ ଗୁରୁତର ଆହତ କଟକରେ ମୃତ୍ୟୁ

**ବୈଶିଙ୍ଗା,୧୧।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା -ରୁଷା ରାସ୍ତାର କଦଳିଆ ନିକଟରେ ବୁଧବାର ରାତି ୮ ଘଟିକା ସମୟରେ ଗୋଟିଏ ବାଇକ ରେ ସ୍ୱାମୀ ସ୍ତ୍ରୀ ଦୁହେଁ ଆସୁଥିବା ବେଳେ ଏକ ଅଜଣା ପିକ୍ ଅପ୍ ଗାଡି ଧକ୍କା ଦେଇ ଦ୍ରୁତ ଗତିରେ ରୁଷା ଦିଗରେ ପଳାଇ ଯାଇଥିଲା। ସଙ୍ଗେ ସଙ୍ଗେ ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ନେଇ ବୈଶିଙ୍ଗା ଡାକ୍ତରଖାନା ପହଞ୍ଚାଇଥିଲେ। ଖବର ରୁ ପ୍ରକାଶ ବଡସାହି ଥାନା ଅନ୍ତର୍ଗତ କେନ୍ଦୁଡିହା ଗ୍ରାମର ରମେଶ ବେହେରା(୫୫) ତାଙ୍କ ସ୍ତ୍ରୀ ଯଶୋଦା ବେହେରା(୪୫) ନିଜର ବାଇକ ନଂ ଓ ଆର ୧୧ଏଫ୍-୧୯୦୧ ରେ ନିଜ ଘରକୁ ଫେରୁଥିଲେ କଦଳିଆ ନିକଟରେ ତାଙ୍କୁ ଏକ ପିକ୍ ଅପ୍ ଧକ୍କା ଦେଇ ପଳାଇ ଯାଇଥିଲା। ବୈଶିଙ୍ଗା ହସ୍ପିଟାଲ ରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାମୀ ରମେଶ ଙ୍କର ଗୋଡ ଭାଙ୍ଗି ଗୁରୁତର ହୋଇ ଯାଇଥିବାରୁ ବାଲେଶ୍ୱର ରେଫର କରାଯାଇଥିଲା। ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣା ଯାଇଛି। ସେଠାରେ ବ୍ୟବଚ୍ଛେଦ ପରେ ମର ଶରୀରକୁ ନିଜ ଗ୍ରାମ କେନ୍ଦୁଡିହା ଆଣି ଶବସତ୍କାର କରାଯାଇଥିବା ଜଣାଯାଇଛି।

## ଆୟୁଷ ଡାକ୍ତରଙ୍କ ବଦଳି ଦାବି

**ଗଞ୍ଜାମ,୧୧।୯ (ସଂଚାର ବ୍ୟୁରୋ):** ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆୟୁଷ (ହୋମିଓ) ଡାକ୍ତର ଦେବାଶିଷ ଶତପଥୀଙ୍କ ବିରୋଧରେ ପ୍ରବଳ ଜନମତ ପ୍ରକାଶ ପାଇବାରେ ଲାଗିଛି। ଏହି ଡାକ୍ତର ସ୍ଥାନୀୟ ଜନସାଧାରଣ ଓ ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରେ ସଦ୍‌ଭାବ ରଖୁନଥିବାରୁ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସେ ନିୟମିତ ଡାକ୍ତରଖାନାକୁ ନଆସି ଦିନେ- ଦୁଇ ଦିନରେ ଥରେ ଆସି ହାଜିରା ପକାଇ ବ୍ରହ୍ମପୁର ଚାଲିଯାଉଛନ୍ତି। ସେ ଜଣେ ହୋମିଓପାଥିକ ଡାକ୍ତର ହୋଇ ମଧ୍ୟ ହୋମିଓ ପଦ୍ଧତିରେ ଚିକିତ୍ସା ନକରି ବେଆଇନ ଭାବେ ଏଲୋପାଥିକ ଚିକିତ୍ସା କରି ଏଲୋପାଥିକ ଔଷଧ ରୋଗୀଙ୍କୁ ଲେଖି ଦେବାସହ ଇଞ୍ଜେକସନ ଦେବା ଫଳରେ ରୋଗୀଙ୍କ ଅବସ୍ଥା ସଙ୍ଗୀନ ହୋଇପଡୁଥିବା ଅଭିଯୋଗ ହେଉଛି। ଏଣୁ ତୁରନ୍ତ ସମ୍ପୃକ୍ତ ଆୟୁଷ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରିବାକୁ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ)ଙ୍କ ନିକଟରେ ଦାବି ହେଉଛି।

## ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କ ଚାକିରି ପିତଳରେ, ରହଣୀ ହିଞ୍ଜିଳିକାଟୁରେ

**ଗଞ୍ଜାମ,୧୧।୯ (ସଂଚାରବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ର ପିତଳ ପାଇଁ ନିଯୁକ୍ତି ପାଇଥିବା ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ପିତଳରେ ନରହି ହିଞ୍ଜିଳିକାଟୁ ବ୍ଲକ ର ହିଞ୍ଜିଳିକାଟୁ ସହରରେ ରହି ଘରୋଇ ଚିକିତ୍ସା ଚଳାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପିତଳ ଅଞ୍ଚଳରେ ଶିଶୁ ଓ ମହିଳାମାନେ ସ୍ୱାସ୍ଥ୍ୟ ସେବା ପରାମର୍ଶ ପାଇବାରୁ ବଞ୍ଚିତ ହେଉଛନ୍ତି। ସପ୍ତାହରେ ଦୁଇ ଦିନ ପିତଳ ଆସି ମାସ ଯାକ କାମ କଲା ଭଳି ଦର୍ଶାଇ ମାସିକ ହଜାର ହଜାର ଟଙ୍କା ଦରମା ଆକାରରେ ରାଜକୋଷରୁ ଲୁଟୁଥିବା ଜଣାପଡ଼ିଛି। ତୁରନ୍ତ ଗଞ୍ଜାମ ଜିଲ୍ଲା ସିଡିଏମଓ ଅଚାନକ ପିତଳ ଆସି ଘଟଣାର ତଦନ୍ତ କରି ସମ୍ପୃକ୍ତ ପରିଦର୍ଶିକାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଘଟଣା ସମ୍ପର୍କରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

**ମାଲକାନଗିରି,୧୧।୯ (ସଂଚାର ବ୍ୟୁରୋ):** ୨୦୨୬-୨୭ ଶିକ୍ଷା ବର୍ଷ ର ବିଦ୍ୟାଳୟ ସ୍ତରୀୟ କ୍ରୀଡା ର ମଣ୍ଡଳ ସ୍ତରୀୟ ପ୍ରତିଯୋଗିତା ଖଇରପୁଟ ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କାଲାପାଲି ଠାରେ ଉଦଘାଟିତ ହୋଇଯାଇଛି। ଏହି ଖେଳ ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଦୌଡକୁଦ, ଭଲିବଲ, ଖୋ-କୋ, କବାଡି ଏହି ଭଳି ଆଠ ଗୋଟି ଶୃଙ୍ଖଳାରେ ଖେଳ ଅନୁଷ୍ଠିତ ହେବ। ଉଦଘାଟନୀ ସମରୋହ ବି.ଇ.ଓ ଦିଲ୍ଲୀପ କୁମାର ଗଣ୍ଡ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ଅତିଥି ରୂପେ ସମାଜସେବୀ ଆନନ୍ଦ ଚାର୍କୀ, ପୋଡ଼ଘାଟ ସରପଞ୍ଚ ଗୁର ମଲଲୀ, ସମିତିସଭ୍ୟ ଶ୍ରୀମତୀ ରାଧିକା କାଲାକୁରା, ଏସ.ଏମ.ସି ଅଧ୍ୟକ୍ଷ ଭକ୍ତ ଚରଣ ପୂଜାରୀ, ଏ.ବି.ଇ.ଓ ସୁନାଧର ବଟେ, ସି.ଆର. ସି.ସି ଡମ୍ବରୁ ସୀସା, ପ୍ରଧାନଶିକ୍ଷିକା ଜୟନ୍ତୀଲତା ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ରହିଥିଲେ। ମୁଖ୍ୟ ଅତିଥି ଙ୍କ ଦ୍ୱାରା କ୍ରୀଡା ଧ୍ୱଜା ଉତୋଳନ ସହ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ ହୋଇଥିଲା।

## ବାଲ୍ୟ ବିବାହ ଆଇନ ସଚେତନତା ଶିବିର

**ଭୁବନ,୧୧।୯ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ବୁହାଳିପାଳ ପଞ୍ଚାୟତ ସରକାର ଉଚ୍ଚ ବିଦ୍ୟାଳୟ ବାଲିବିଳାସ ଠାରେ ବାଲ୍ୟ ବିବାହ ନିଷେଧ ଆଇନ-୨୦୨୬ ସମ୍ପର୍କରେ ବିଶ୍ୱ ଯୁବ କେନ୍ଦ୍ର ( ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ୍ ) ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ଯ୍ୟକ୍ରମରେ ପ୍ରକଳ୍ପ ସହାୟିକା ଜୁଲି ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଦେଇଥିବା ବେଳେ ବିଶ୍ୱ ଯୁବ କେନ୍ଦ୍ରର କାଉନସେଲର ମନସ୍ମିତା ନାୟକ ବାଲ୍ୟ ବିବାହ ନିଷେଧ ଆଇନ ୨୦୨୬ ବିଷୟରେ ପ୍ରାଞ୍ଜଳ ଭାବେ ଅବଗତ କରାଇ ଥିଲେ। ବାଲ୍ୟ ବିବାହ ପାଇଁ ଝିଅ ମାନଙ୍କ ଉପରେ ପଡୁଥିବା ଶାରୀରିକ, ମାନସିକ, ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମ ନିର୍ଭରଶୀଳତା ଅଭାବ ସାଙ୍ଗକୁ ସାମାଜିକ କୁପରିଣାମ ସମ୍ପର୍କରେ ଆଲୋକପାତ କରିଥିଲେ।

## ଜିଲ୍ଲାସ୍ତରୀୟ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ

**ସୁବର୍ଣ୍ଣପୁର,୧୧।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଅଭ୍ୟନ୍ତରୀଣ ବ୍ୟାଡମିଣ୍ଟନ ଷ୍ଟାଡିୟମରେ ୧୩ତମ ଜିଲ୍ଲାସ୍ତରୀୟ ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅତିରିକ୍ତ



ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳୀନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ପ୍ରତିଯୋଗୀମାନଙ୍କର ମନୋବଳ ବଢ଼ାଇଥିଲେ। ଯୋଗ, ଟାଇକାଣ୍ଡୋ, ବ୍ୟାଡମିଣ୍ଟନ, ସନ୍ତରଣ, ଥାଙ୍ଗ୍-ଟା ଏବଂ ବକ୍ସିଂ ପ୍ରତିଯୋଗିତାରେ ମୋଟ ୧୬୦ ଜଣ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ୍ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହୋଇ ଆସି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ସଭାରେ ମଞ୍ଚାସୀନ ଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଅମ୍ଲାନ କୁମାର ପାଣ୍ଡିଆ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଉଲୁଣ୍ଡା ଅଜୟ ଲୁହା, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବୀରମହାରାଜପୁର ଅଭିଷେକ କୁମାର ଭୋଇ ଏବଂ ବିଭିନ୍ନ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଓ ପ୍ରତିଯୋଗୀମାନଙ୍କର ଅଭିଭାବକମାନେ ଉପସ୍ଥିତ ଥିଲେ।

## ଲଦ ସିକକାଙ୍କ ଗିରଫ ପ୍ରତିବାଦରେ ଥାନା ଘେରାଉ

**କଲ୍ୟାଣସିଂହପୁର, ୧୧।୯ (ସଂଚାର ବ୍ୟୁରୋ):** ନିୟମଗିରି ସୁରକ୍ଷା ସମିତିର ଆବାହକ ତଥା ସଭାପତି ଲଦ ସିକକାଙ୍କୁ ପୁଲିସ ଗିରଫ କରିବା ଘଟଣାକୁ ନେଇ କଲ୍ୟାଣସିଂହପୁର ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଲଦ ସିକକାଙ୍କୁ ତୁରନ୍ତ ନିଃସର୍ତ୍ତ ମୁକ୍ତ କରିବା ଦାବିରେ



ଶତାଧିକ ଡଙ୍ଗରିଆ ଓ ସ୍ଥାନୀୟ ବାସିନ୍ଦା କଲ୍ୟାଣସିଂହପୁର ଥାନା ଘେରାଉ କରିଛନ୍ତି। ଆନ୍ଦୋଳନକାରୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଥାନା ସମ୍ମୁଖରେ ପ୍ରତିବାଦ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଥାନା ପରିସରରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଘଟଣାସ୍ଥଳରେ ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଜାରି ରହିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଲଦ ସିକକା ଗତକାଲି ଦୁଇଟି ପୁରୁଣା ମାମଲା ସି.ଟି. କେସ୍ ନମ୍ବର ୩୪୯/୨୦୧୭ ଏବଂ ୧୬୪/୨୦୧୯ରେ କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହୋଇ ଜାମିନ ପାଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ସେ ନିଜ ଆଇନଜୀବୀ ଓ ସହଯୋଗୀଙ୍କ ସହ ଫେରୁଥିବାବେଳେ ପୁଲିସ ଟିମ୍ ତାଙ୍କ ଗାଡ଼ିକୁ ଅଟକାଇ ତାଙ୍କୁ ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କଲ୍ୟାଣସିଂହପୁର ଆଇଆଇସି ଅଜିତ କୁମାର ପରିଡ଼ା, କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ କୁମାର ମାଝୀ ଏବଂ ବିଶ୍ୱନାଥପୁର ଆଇଆଇସି କଳ୍ପନା ବେହେରାଙ୍କ ନେତୃତ୍ୱରେ ଆସିଥିବା ପୁଲିସ ଟିମ୍ ତାଙ୍କୁ ଅଟକାଇ ନେଇଥିଲେ।

## ଚଳିତ ବର୍ଷର ଅଧିକ ପାଣି ବଂଶଧାରାରେ

**ଗୁଡ଼ାରି,୧୧।୯ (ସଂଚାର ବ୍ୟୁରୋ):** ଗୁଡ଼ାରି ବଂଶଧାରା ନଦୀରେ ଶୁକ୍ରବାର ଚଳିତ ବର୍ଷର ସର୍ବାଧିକ ଜଳ ପ୍ରବାହ ଦେଖିବାକୁ ମିଳିଛି। ନଦୀର ଉପରମୁଣ୍ଡରେ ଲଘୁଚାପଜନିତ ବର୍ଷା ଯୋଗୁଁ ଗୁଡ଼ାରିଠାରେ ବଂଶଧାରା ଫୁଲି ଉଠିଛି। ଶୁକ୍ରବାର ରାତିରେ ଉପରମୁଣ୍ଡରେ ଅଧିକ ବର୍ଷା ହେଲେ ନଦୀରେ ଆହୁରି ଅଧିକ ଜଳ ପ୍ରବାହିତ ହୋଇ ଗୁଡ଼ାରି ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଏଭଳି ସ୍ଥିତି ଉପୁଜିଲେ ନଦୀକୂଳିଆ ଅଞ୍ଚଳରେ ଧାନ, କପା ଓ ପନିପରିବା ଚାଷ ପ୍ରଭାବିତ ହେବା ସହ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହେବେ। ବ୍ଲକର ଖାରିଗୁଡ଼ା, ଅସଡ଼ା, ମଧୁବନ ଏବଂ ସାନହୁମା ଗ୍ରାମପଞ୍ଚାୟତ



ଅଞ୍ଚଳର ଚାଷ ଓ ଚାଷୀ ଅଧିକ ପ୍ରଭାବିତ ହେବେ ବୋଲି ଚାଷୀମାନେ କହିଛନ୍ତି। ଏହାଛଡ଼ା ବଂଶଧାରାରେ ଅଧିକ ବନ୍ୟାଜଳ ପ୍ରବାହିତ ହେଲେ ଗୁଡ଼ାରି ସହରର କେତେକ ସାହି ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି। ସହରର ଡ୍ରେନେଜ ବ୍ୟବସ୍ଥା ସୁଦୃଢ଼ ନ ଥିବାରୁ ସମସ୍ୟା ଆହୁରି ଗମ୍ଭୀର ହୋଇପାରେ। ସହରର ଅନେକ ଡ୍ରେନର ପାଣି ବଂଶଧାରା ନଦୀରେ ପଡ଼ିଥାଏ। ନଦୀରେ ଜଳସ୍ତର ବୃଦ୍ଧି ପାଇଲେ ନଦୀଜଳ ଡ୍ରେନ୍ ଦେଇ ସହର ମଧ୍ୟକୁ ପ୍ରବେଶ କରିବାର ଆଶଙ୍କା ରହିଛି।

## ସମିତି ସଭ୍ୟଙ୍କୁ ଗୁଳି କରି ହତ୍ୟା

**ସୁବର୍ଣ୍ଣପୁର,୧୧।୯ (ସଂଚାର ବ୍ୟୁରୋ):** ଗୁରୁବାର ରାତିରେ, ବରଗଡ଼ ଜିଲ୍ଲା ବରପାଲି ଥାନା ଅନ୍ତର୍ଗତ କେବାଡ଼ ଗ୍ରାମର ସଭାପତି ନାଏକ (୬୪) ଙ୍କ ପୁଅ ମୃତ ଅଚ୍ୟୁତାନନ୍ଦ ନାଏକ (୩୬) ଙ୍କୁ ଜଣେ ଅଜ୍ଞାତ ବ୍ୟକ୍ତି ଡୁଙ୍ଗୁରିପାଲି ଥାନା ଅଞ୍ଚଳର ଚିନାଜୁରି ଗ୍ରାମକୁ ଆସିବା ପାଇଁ ଡାକିଥିଲେ। ସେହି ଅନୁଯାୟୀ, ତାରିଖ ୧୦.୦୯.୨୦୨୬ ସନ୍ଧ୍ୟା ସମୟରେ ଅଚ୍ୟୁତାନନ୍ଦ ନାଏକ ନିଜର ସ୍ୱିଫ୍ଟ ଡିଜାୟର୍ କାର୍ ଯାହାର ନଂ ଓଡ଼-୧୫-ଇ-୮୧୯୧ ଯୋଗେ କେବାଡ଼ ଗ୍ରାମସ୍ଥିତ ନିଜ ଘରୁ ଚିନାଜୁରି ଅଭିମୁଖେ ବାହାରିଥିଲେ ଏବଂ ଘରକୁ ଫେରି ନ ଥିଲେ। ଆଜି ସକାଳୁ ଘଟଣା



ବିଷୟରେ ଖବର ପାଇବା ପରେ ସଭାପତି ନାଏକ ଚିନାଜୁରି ଗ୍ରାମର କେନାଲ୍ ରାସ୍ତା ଆଡ଼କୁ ଯାଇଥିଲେ, ଯେଉଁଠାରେ ସେ କେବାଡ଼-ଚିନାଜୁରି ରାସ୍ତା ଉପରେ ଉକ୍ତ କାର୍‌ଟି ଥିବାର ଦେଖିବାକୁ ପାଇଥିଲେ ଏବଂ ଗାଡ଼ି ଭିତରେ ତାଙ୍କ ନିଜ ପୁଅର ଗୁଳି ବିଦ୍ଧ ମୃତଦେହ ପାଇଥିଲେ। ଏହି ହତ୍ୟା ଘଟଣାକୁ ଗୁରୁତର ସହ ନେଇ ଶ୍ରୀଯୁକ୍ତ ଚରଣ ସିଂ ମିନ୍ନା, ଉତ୍ତରାଞ୍ଚଳ ଡ଼ିଆଇଜି, ସମ୍ବଲପୁର, ଶ୍ରୀ ନାରାୟଣ ନାୟକ, ଏସପି ସୁବର୍ଣ୍ଣପୁର, ଶ୍ରୀ ଆର.ଏନ ଶତପଥୀ, ଏସପି ବରଗଡ଼, ଶ୍ରୀ କେ କେ ହରିପ୍ରସାଦ, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ଶ୍ରୀ ପ୍ରିୟବ୍ରତ ବିଶ୍ୱାଳ, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ, ବରଗଡ଼, ଶ୍ରୀମତୀ କଲ୍ୟାଣୀ ବେହେରା, ପୁଲିସ ଉପଖଣ୍ଡ ଅଧିକାରୀ, ସୋନପୁର, ଥାନା ଭାରପ୍ରାପ୍ତ ଅଧିକାରୀ ଡୁଙ୍ଗୁରିପାଲି ଓ ବରପାଲି ଙ୍କ ନେତୃତ୍ୱରେ ୦୩ ସ୍ୱତନ୍ତ୍ର ଟିମ ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ତଥ୍ୟ ପ୍ରମାଣ ସକାଶେ ପୁଲିସ ବୈଜ୍ଞାନିକ ତଦନ୍ତ ଦଳ ଓ ସନ୍ଧାନୀ କୁକୁର ଉପଯୋଗ କରି ତଦନ୍ତ ଚଳାଇଛନ୍ତି ଓ ଆସାମୀ ମାନଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି ସମ୍ପର୍କରେ ଡୁଙ୍ଗୁରିପାଲି ଥାନା ହତ୍ୟା କେସ୍ ନଂ ୨୨୦/୨୦୨୬ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି।

## ମହିଳା ମୃତ, ୧ ଗୁରୁତର

**ଗଞ୍ଜାମ,୧୧।୯ (ସଂଚାର ବ୍ୟୁରୋ):** ଫୁଲ ତୋଳୁଥିବା ବେଳେ ଧକ୍କାଦେଲା ଟ୍ରକ୍। ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ଖଡ଼ଭାଗ ନିକଟରେ ଆଜି ଭୋର୍ ସମୟରେ ଘଟିଛି ଏହି ଦୁର୍ଘଟଣା। ସୂଚନା ଅନୁଯାୟୀ, କନ୍ଧମାଳ ଜିଲ୍ଲାର ରାଇକିଆରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏହି ମାଲ୍ ବୋଝେଇ ଟ୍ରକ୍ ଆସିକା ଥାନା ଅନ୍ତର୍ଗତ ଖଡ଼ଭାଗ ନିକଟରେ ଭାରସାମ୍ୟ ହରାଇ ପ୍ରଥମେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ କାର୍ କୁ ଧକ୍କା ଦେଇଥିଲା। ଏବଂ ପରେ ରାସ୍ତା କଡ଼ରେ ଫୁଲ ତୋଳୁଥିବା ଦୁଇ ଜଣ ମହିଳାଙ୍କୁ ଧକ୍କା ଦେଇଥିଲା।

ବେତନଟୀ ରେଳ ଅଣ୍ଡରପାସ୍ କାର୍ଯ୍ୟ ସମାପ୍ତରେ ଅହେତୁକ ବିଳମ୍ବ

# ଭିତରେ ଜମି ରହିଛି ପାଣି, ସ୍ଥାନୀୟ ବାସିନ୍ଦା ଅସନ୍ତୁଷ୍ଟ

**ବେତନଟୀ,୧୧।୯ (ସଂଚାର ବ୍ୟୁରୋ):** ଦକ୍ଷିଣ-ପୂର୍ବ ରେଳପଥ ଅନ୍ତର୍ଗତ ଖଡ଼ଗପୁର ରେଳ ଡିଭିଜନର ମୟୁରଭଞ୍ଜ ଜିଲ୍ଲାର ବେତନଟୀ ରେଳ ଗଳାପୋଲ (ଅଣ୍ଡରପାସ୍) ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୀମା ଟପିଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ପୋଲ ମଧ୍ୟରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ହୋଇ ଥିବା ସତ୍ତ୍ୱେ ପାଣି ଜମି ରହିଥିବାରୁ ସ୍ଥାନୀୟ ଲୋକେ ଯାତାୟାତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଏବଂ ପ୍ରଶାସନିକ ଉଦାସୀନତା ଯୋଗୁଁ ଏହି ସମସ୍ୟା ଉପୁଜିଥିବା ନେଇ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା



ସୂଚନା ଅନୁଯାୟୀ, ୨୦୨୪ ମାର୍ଚ୍ଚ ମାସରେ ଏହି ଗଳାପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚୁକ୍ତି ଅନୁଯାୟୀ ୨୦୨୫ ଡିସେମ୍ବର ସୁଦ୍ଧା ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ କରି ଜନସାଧାରଣଙ୍କ ବ୍ୟବହାର ପାଇଁ ଖୋଲିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସମୟ ସୀମାକୁ ପ୍ରାୟ ୮ ମାସ ଅତିକ୍ରମ କରିସାରିଥିଲେ ମଧ୍ୟ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ। ପ୍ରମୁଖ ଭାଗ କାର୍ଯ୍ୟ ଶେଷ ହୋଇଥିବା ଦର୍ଶାଯାଉଥିଲେ ହେଁ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ଅଭାବରୁ ବର୍ଷାଜଳ ଜମି ରହି ପୋଲଟି ଏକ କୃତ୍ରିମ ଜଳାଶୟର ରୂପ ନେଇଛି। ପରିସ୍ଥିତି ଏପରି ହୋଇଛି ଯେ, ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିବାରୁ ସ୍ଥାନୀୟ ବାସିନ୍ଦା ଏହାକୁ ବାଲେଶ୍ୱରର 'ୱାଣ୍ଡରଲା ୱାଟର ପାର୍କ' ସହ ତୁଳନା କରି କ୍ଷୋଭ ଓ କଟାକ୍ଷ ପ୍ରକାଶ କରିଛନ୍ତି। କାର୍ଯ୍ୟ ତଦାରଖ କରୁଥିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଏବଂ ସମ୍ପୃକ୍ତ ଗ୍ରୀନ୍ ଇଣ୍ଡିଆ' ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟଶୈଳୀ ଯୋଗୁଁ ଏହି ବିଳମ୍ବ ଘଟୁଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ସ୍ତରରେ ନିୟମିତ ତଦାରଖ ନହେବା ଫଳରେ ସର୍ବସାଧାରଣଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପ ଏବେ ଦୁର୍ଦ୍ଦଶାର କାରଣ ପାଲଟିଛି। ଦୈନନ୍ଦିନ ଯାତାୟାତ ସ୍ୱାଭାବିକ କରିବା ପାଇଁ ତୁରନ୍ତ ଗଳାପୋଲରୁ ପାଣି ନିଷ୍କାସନ ସହ ବଳକା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏସମ୍ପର୍କରେ ବେତନଟୀ ଅମୃତଭାରତ ରେଳ ଷ୍ଟେସନର ଭାରପ୍ରାପ୍ତ ଷ୍ଟେସନ ପରିଚାଳକ ମେଘରାୟ ହାଁସଦାଙ୍କୁ ପଚାରିବାରୁ କୁହନ୍ତି କାମ ଚାଲୁ ରହିଛି ମୁଁ ଆଉ କିଛି କହି ପାରିବି ନାହିଁ ଆମକୁ ସେ ସମ୍ପର୍କରେ କହିବାକୁ ନିର୍ଦ୍ଦେଶ ନାହିଁ ସେହି ଭଳି ଗ୍ରୀନ୍ ଇଣ୍ଡିଆ' ଠିକା ସଂସ୍ଥାର କର୍ମଚାରୀ ସରୋଜ ନାୟକଙ୍କୁ ପଚାରିବାରୁ ସେ କୁହନ୍ତି ଗଳାପୋଲ କାମ ସରିଯାଇଛି ସେଠାରେ ପାଣି ଶୁଖାଇବା ପାଇଁ ଲାଗିଥିବା ମଟର ଖରାପ ହୋଇ ଯାଇଛି ତେଣୁ ପାଣି ସୁଖାଯାଇ ପାରୁ ନାହିଁ। ମଟର ସଜାଡ଼ିବା କାମ ଡିପାର୍ଟମେଣ୍ଟର ବୋଲି କହିଥିଲେ।